

32 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ ୨.୦୦ ଟଙ୍କା | 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୭୮ ● ୮ ନଭେମ୍ବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-278 ● 8th November 2026, Sunday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

କେନ୍ଦୁଝର-ମୟୂରଭଞ୍ଜ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

ମେଗା ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

ଭୁବନେଶ୍ୱର, ୭।୧୧
ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ଚାଷୀମାନଙ୍କ ଜଳସେଚନ ସୁବିଧା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରାୟ ୧୨୦ କୋଟି ଟଙ୍କାର ଏହି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ରାଇକଳା, ସତିକୁଦର ଏବଂ ଜାରକାଣି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି । ଗତ ଅଢ଼େଇ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବିକାଶର ଯେଉଁ ଧାରା ଜାରି ରହିଛି, ଶନିବାର ସେଥିରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ି ହୋଇଛି । ଏହି ମେଗା ଜଳସେଚନ ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ୪ ହଜାର ୨୮୦ ହେକ୍ଟର ଶୁଷ୍କ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ । ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ଝୁମୁରା ଓ କେନ୍ଦୁଝର ବ୍ଲକର ଅନେକ ଗ୍ରାମ ସହିତ ମୟୂରଭଞ୍ଜ ଜିଲ୍ଲାର ଜାରକାଣୀ ଅଞ୍ଚଳ ଉପକୃତ ହେବେ ।



ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଆମର କୃଷକ ଭାଇର କ୍ଷେତକୁ ପାଣି ମିଳିନାହିଁ, ସେପର୍ଯ୍ୟନ୍ତ ଗାଁର ଅର୍ଥନୀତି ମଜଭୁତ ହୋଇପାରିବ ନାହିଁ । ଏହି ପ୍ରକଳ୍ପ କେବଳ ପାଣି ପାଇପର ସଂଯୋଗ ନୁହେଁ, ଏହା ହେଉଛି ଆମର ଶୁଷ୍କ ମାଟିରେ ସୁନା ଫଳାଇବାର ଏକ ବୈପ୍ଳବିକ ପଦକ୍ଷେପ । ଆମର ଚାଷୀମାନେ ବର୍ଷକୁ ଗୋଟିଏ ଫସଲ ବଦଳରେ ଦୁଇରୁ ତିନୋଟି ଫସଲ ଅମଳ କରିବେ ଏବଂ ସେମାନଙ୍କ ଆୟରେ ଆଖିଦୃଶିଆ ଅଭିବୃଦ୍ଧି ହେବ । ବର୍ତ୍ତମାନର ସରକାର ଆସନ୍ତା ପାଞ୍ଚ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଦେବା ପାଇଁ *(ପୃଷ୍ଠା ୭ରେ)*

ଗଞ୍ଜାମ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ବିରୋଧୀ ଦଳ ନେତା

ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଜଣାଇଲେ ଦାବି

ଭୁବନେଶ୍ୱର, ୭।୧୧
ନ୍ୟୁଜ୍ ବ୍ୟୁରୋ

ବିରୋଧୀ ଦଳ ନେତା ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ ଜିଲ୍ଲାର ହିଞ୍ଜିଳି, ଶେରଗଡ, ଆସିକା ଓ ସୋରଡା ଆଦି ବନ୍ୟା ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ସ୍ଥିତି ଅନୁଧ୍ୟାନ କରିବା ସହ ବିପନ୍ନ ପରିବାର, ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଶ୍ରୀ ପଟ୍ଟନାୟକ ବନ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିବା ସହ ରିଲିଫ୍, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ବିଭିନ୍ନ ସ୍ଥାନରେ ହଜାର ହଜାର ସଂଖ୍ୟାରେ ଲୋକେ ଉପସ୍ଥିତ ରହି ସେମାନଙ୍କ ଦୁଃଖ ଜଣାଇଥିଲେ । ଚାଷୀ ମାନେ ନଷ୍ଟ ହୋଇଯାଇଥିବା ଧାନ କେଣ୍ଡା ଓ ଆଖୁ ଗଛ ଧରି ବନ୍ୟା ପରିଚାଳନାରେ ସରକାରୀ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ବନ୍ୟାରେ ଘର ଭାଙ୍ଗି ଯାଇଥିବା ଓ ନିଜ ଜୀବିକା ହରାଇଥିବା ଲୋକମାନେ ମଧ୍ୟ ବିରୋଧୀ ଦଳ ନେତାଙ୍କୁ ସେମାନଙ୍କ ଅସୁବିଧା ଜଣାଇଥିଲେ । ୨୪ ବର୍ଷ ଶାସନରେ ଏଭଳି ହଇରାଣ ଗଞ୍ଜାମବାସୀ କେବେ ହୋଇ ନଥିଲେ ବୋଲି



ଲୋକମାନେ ଅଶ୍ରୁଳ ନୟନରେ ତାଙ୍କ ଦୁଃଖ ଜଣାଇଥିଲେ ।

ନବୀନ ପଟ୍ଟନାୟକ କହିଥିଲେ ଯେ, ମୋ ନିର୍ବାଚନମଣ୍ଡଳୀ ସମେତ ଗଞ୍ଜାମ ଜିଲ୍ଲାର ୪ଟି ଭିନ୍ନ ଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ବନ୍ୟା ବିପନ୍ନ ପରିବାର ଓ ଚାଷୀମାନଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ଅତି ନିକଟରୁ ଦେଖିଛି । ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଏହି ସମୟରେ ସେମାନଙ୍କୁ ତୁରନ୍ତ ସହାୟତାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀ ଓ ବନ୍ୟା ବିପନ୍ନ ପରିବାରଗୁଡ଼ିକୁ ଆବଶ୍ୟକୀୟ କ୍ଷତିପୂରଣ ଓ ରିଲିଫ୍ ସହାୟତା ପ୍ରଦାନ କରିବା ପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି । ବନ୍ୟା ବିପନ୍ନଙ୍କ ଦୁଃଖ ଓ ଯନ୍ତ୍ରଣାକୁ କୌଣସି ପରିସ୍ଥିତିରେ ଅଣଦେଖା କରାଯିବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି । ବିରୋଧୀ ଦଳ ନେତା ପ୍ରଥମେ *(ପୃଷ୍ଠା ୭ରେ)*

ଶୁଭେଚ୍ଛା

ପବିତ୍ର ଦୀପାବଳି ଅବସରରେ **'ସମ୍ବାଦ କଳିକା'**ର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପରିଚାଳକ

ଛୁଟି ଘୋଷଣା

ପବିତ୍ର ଦୀପାବଳି ଅବସରରେ **'ସମ୍ବାଦ କଳିକା'**ର କାର୍ଯ୍ୟାଳୟ ତା ୦୮.୧୧.୨୦୨୬ ରିଖ ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ତା. ୦୯.୧୧.୨୦୨୬ରିଖ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୫୭ (+୧୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୬୦ (+୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୬୮ (+୯)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୫ (+୦)

——ଚିଠି ଲେଖିଲେ ରାଜସ୍ୱ ସଚିବ——

ସ୍ୱଚ୍ଛତା, ସାଧୁତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଆହ୍ୱାନ

ଭୁବନେଶ୍ୱର, ୭।୧୧
ନ୍ୟୁଜ୍ ବ୍ୟୁରୋ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସ୍ୱଚ୍ଛତା, ସାଧୁତା, ସମ୍ବେଦନଶୀଳତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚ୍ଚୋଟ ଏବଂ ନିଷ୍ଠାବାନ ରହିବାକୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଛନ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ।

ନିକଟରେ ଜଣେ ଯୁବ ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀ ଲ୍ୟାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ତାଙ୍କୁ ଗଭୀର ଭାବେ ମର୍ମାହତ ଓ ବ୍ୟଥିତ କରିଛି ବୋଲି ବିଭାଗର ସମସ୍ତ ସହକର୍ମୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ପତ୍ରରେ ସେ ଉଲ୍ଲେଖ କରିଛନ୍ତି । ଏହି ଘଟଣାକୁ ଏକ ଚେତାବନୀ ଭାବେ ଗ୍ରହଣ କରି ସରକାରୀ ସେବାରେ ନୈତିକତା, ସାଧୁତା ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନହେବା ଦିଗରେ ସମସ୍ତଙ୍କୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।



ପତ୍ରରେ ରାଜସ୍ୱ ସଚିବ ଉଲ୍ଲେଖ କରିଛନ୍ତି ଯେ, ସରକାରୀ ଚାକିରି କେବଳ ଜୀବିକା ନିର୍ବାହର ମାଧ୍ୟମ ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ସୁଯୋଗ । ଏଭଳି ଏକକ ଘଟଣାକୁ ଆଧାର କରି ସମଗ୍ର ବିଭାଗର କାର୍ଯ୍ୟଦକ୍ଷତା ଓ ଭାବମୂର୍ତ୍ତିକୁ ଆକଳନ କରିବା ଉଚିତ ନୁହେଁ । ବିଭାଗର ଅଧିକାଂଶ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ସାଧୁତା ଓ ସମର୍ପଣ ଭାବନାର ସହିତ ଜନସାଧାରଣଙ୍କ ସେବା କରୁଛନ୍ତି ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ବିଭାଗରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ନିଜେ ନୈତିକତା, ଶୃଙ୍ଖଳା ଓ ସ୍ୱଚ୍ଛତାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରତିବଦ୍ଧ ବୋଲି ଜଣାଇଛନ୍ତି ।ଏହି ପରିପ୍ରେକ୍ଷୀରେ ଦୁର୍ନୀତି ପ୍ରତି ଶୂନ୍ୟ-ସହନଶୀଳତା ନୀତି ଅବଲମ୍ବନ କରିବା ସହ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ଏବଂ ନିଜର କର୍ତ୍ତବ୍ୟ ପାଳନରେ କୌଣସି ପ୍ରକାର ଅବହେଳା ନକରିବାକୁ ସେ ଆହ୍ୱାନ ଦେଇଛନ୍ତି । *(ପୃଷ୍ଠା ୭ରେ)*

୧୦ରେ ନୂଆ ଯୋଜନା ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଚଳିତ ମାସରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଭତ୍ତା

ଭୁବନେଶ୍ୱର, ୭।୧୧
ନ୍ୟୁଜ୍ ବ୍ୟୁରୋ

ଏଣିକି ଆଉ ଭତ୍ତା ପାଇଁ ବର୍ଷବର୍ଷ ଧରି ଅପେକ୍ଷା କରିବାକୁ ପଡିବନି । ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ ଏବଂ ଅନ୍ୟାନ୍ୟ ଭତ୍ତା ପାଇଁ ଯୋଗ୍ୟ ୫ ଲକ୍ଷ ୫ ହଜାର ୮୧୭ ହିତାଧିକାରୀଙ୍କୁ ଭତ୍ତା ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ୧୦ ତାରିଖରେ ବାଲେଶ୍ୱରରୁ ଏହି ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ । ସେହିପରି ଭତ୍ତା ପାଇଁ ଯୋଗ୍ୟ ନୂଆ ଆବେଦନକାରୀ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ଆବେଦନ କରିପାରିବେ କିମ୍ବା ଅନଲାଇନ୍ ପୋର୍ଟାଲ୍ ଯୋଗେ (https://upmp.odisha.gov.in) ଆବେଦନ କରିପାରିବେ । ୮୦ ବର୍ଷ ପୂରିବା ମାତ୍ରେ ତାପର ମାସଠୁ ଆପେ ଆପେ ବର୍ଦ୍ଧିତ ଭତ୍ତା ଆକାଉଣ୍ଟକୁ ଆସିଯିବ । ସେଥିପାଇଁ ତାଙ୍କୁ ପୁଣିଥରେ ଆବେଦନ କରିବାକୁ ପଡ଼ିବ ନାହିଁ । ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଶସକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏନ୍‌ଏସ୍‌ଏପି ପୋର୍ଟାଲରେ ପରିବର୍ତ୍ତନ ଯୋଗୁଁ କିଛି ହିତାଧିକାରୀଙ୍କ ଭତ୍ତା ପ୍ରଦାନରେ ବିଳମ୍ବ ହୋଇଥିଲା । ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯାଇ ବକେୟା ଭତ୍ତା ମଧ୍ୟ ପ୍ରଦାନ କରାଯିବ ।

ରାଜ୍ୟପାଳଙ୍କୁ ଭେଟିଲେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ

ଭୁବନେଶ୍ୱର, ୭।୧୧
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଶନିବାର ଲୋକଭବନଠାରେ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ଉଭୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବ ବିନିମୟ ହୋଇଥିଲା ।

ଦୀପାବଳି ପାଳିବେନି ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

ଭୁବନେଶ୍ୱର, ୭।୧୧
ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ରବିବାର ଦୀପାବଳି ଉତ୍ସବ ପାଳନ ନକରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି । ଦକ୍ଷିଣ ଓଡ଼ିଶାର ବିପର୍ଯ୍ୟୟ ପୀଡ଼ିତଙ୍କ ପ୍ରତି ଗଭୀର ସହାନୁଭୂତି ଜଣାଇ ରାଜ୍ୟର ଦୁଇ ଶୀର୍ଷ ନେତୃତ୍ୱ ଦୀପାବଳି ଉତ୍ସବରୁ ନିଜକୁ ଦୂରେଇ ରଖିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ଦୀପାବଳି ପାଇଁ ଶୁଭକାମନା ଜଣାଇବା ସହ ପରିବେଶକୁ ସୁରକ୍ଷିତ ରଖି ଚଳିତବର୍ଷ ସବୁଜ ଦୀପାବଳି ପାଳିବାକୁ ଆହ୍ୱାନ ଜଣାଇଛନ୍ତି । ଏହାସହିତ ଚଳିତବର୍ଷ ତାଙ୍କ *(ପୃଷ୍ଠା ୭ରେ)*

15001/134/2627





ପବିତ୍ର ଦୀପାବଳି ଉପଲକ୍ଷେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ବ୍ରଜମୋହନ ରାମ)



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି । ଏହା ହେଉଛି ସମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

ଆସନ୍ତୁ, ଏହି ପର୍ବକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0133

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୮ ନଭେମ୍ବର୨୦୨୬ ରବିବାର



ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗାଁସାଥୀ ସଂଘର ଦାବି



ବରଗଡ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଗାଁସାଥୀ ମଜଦୁର ସଂଘର ଜୋନସ୍ତରୀୟ ବୈଠକ ରବିବାର ଦିନ ବରଗଡ଼ସ୍ଥିତ ଗୋପୁର ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧ ତାରିଖ ସକାଳ ୧୦ଟାରେ ଆୟୋଜିତ ଏହି ବୈଠକରେ ସଂଘର ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ଅଞ୍ଚଳର ଗାଁସାଥୀ ପ୍ରତିନିଧିମାନେ ଯୋଗଦେଇ ସଂଘର ସାଂଗଠନିକ ସ୍ଥିତି ଓ ଦୀର୍ଘଦିନର ଦାବି ପୂରଣ ନେଇ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ କୁମାର ଗାଉଁ,ସୌଭାଗ୍ୟ ମିଶ୍ର, ପ୍ରଦୀପ୍ତ ମହାନ୍ତି ଓ ଦିଲ୍ଲୀପ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। ଜୋନ୍ ସମ୍ପାଦକ ଭାବରେ ସୋଭାକର ସାହୁ ବୈଠକର ପରିଚାଳନା କରିଥିଲେ। ଏହି ବୈଠକ ର ଆଲୋଚନା ସମୟରେ ୨୦୦୮ ମସିହାରୁ ଦୀର୍ଘବର୍ଷ ଧରି ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ଗାଁସାଥୀମାନଙ୍କୁ ଏଯାଏଁ ସରକାରୀ ମାନ୍ୟତା ମିଳିନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଗାଁସାଥୀଙ୍କ ନ୍ୟାଯ୍ୟ ଦାବି ପୂରଣ କରିବା ପରିବର୍ତ୍ତେ ସରକାରଙ୍କ ଟାଳଟୁଳି ନୀତି ଜାରି ରହିଥିବା ଅଭିଯୋଗ କରି ଏହାକୁ ବୈଠକରେ ତୀବ୍ର ବିରୋଧ କରାଯାଇଥିଲା। ସଂଘ ପକ୍ଷରୁ ପ୍ରତ୍ୟେକ ଗାଁସାଥୀଙ୍କୁ ମାସିକ ୧୮ ହଜାର ଟଙ୍କା ବେତନ ପ୍ରଦାନ, ସରକାରୀ ମାନ୍ୟତା ଓ ଗ୍ରାମ୍ୟସ୍ତରରେ ସେମାନଙ୍କ ସାମାଜିକ ତଥା ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ଭଳି ପ୍ରମୁଖ ଦାବି ଉଠାଯାଇଥିଲା। ଦୀର୍ଘଦିନ ଧରି ଦାବିଗୁଡ଼ିକ ପୂରଣ ହେଉନଥିବାରୁ ଆଗାମୀ ଦିନରେ ରାଜ୍ୟସ୍ତରରେ ଏକ ବୃହତ୍ତର ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଜୋନ୍ ପ୍ରମୁଖ ସୋଭାକର ସାହୁଙ୍କ ସହ ସ୍ୱରୋଜ କୁମାର ମୁନା, ପ୍ରଫୁଲ୍ଲ ସ୍ୱାଇଁ, ସ୍ୱରୋଜ ରଣା, ଜୀବନବନ୍ଧୁ ସାହୁ, କରୁଣା ବାଗ, ଦୀନବନ୍ଧୁ ରଣା, ନଳିନୀ ମୁନା, ହେମନ୍ତ ଭୋଇ, ରାଜେଶ୍ୱରୀ ଭୋଇଙ୍କ ସମେତ ବହୁ ସଂଘୀୟ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।ବୈଠକ ଶେଷରେ ଗାଁସାଥୀମାନଙ୍କ ଏକତା ଓ ସଂଗଠନକୁ ଆହୁରି ସୁଦୃଢ଼ କରି ନିଜ ହକ୍ ଓ ଅଧିକାର ପାଇଁ ଆଗାମୀ ଦିନରେ ସମୂହ ଭାବେ ଲଢ଼େଇ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା।

ଲୁହ ପୋଛି ମୁହଁ ଟେକୁଛି ଆସିକା

ଆସିକା, ନ୍ୟୁଜ ବ୍ୟୁରୋ



ଶାନ୍ତ ଋଷିକୁଲ୍ୟାର ଉଗ୍ର ତାଣ୍ଡବ ଗଞ୍ଜାମ ଜିଲ୍ଲାର ବ୍ୟାବସାୟିକ ପେଣ୍ଠସ୍ଥଳୀ ତଥା ସମବାୟ ସହର ଆସିକାକୁ ସଂପୂର୍ଣ୍ଣ ଛାରଖାର କରିଦେଇଛି। କ୍ଷତ ଭରଣା କରିବାକୁ ଅନେକ ବର୍ଷ ଲାଗିପାରେ। କ୍ଷୟକ୍ଷତି ୧୦୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। କାହା ଗୋଦାମରେ ପାଣି, କାହା ଘରେ କାଦୁଅ ଓ କାହାର ସବୁ ଭାସିଯାଇଛି। ଜୀବନ ଜିଇଁବାର ସଂଘର୍ଷ ବୋଧହୁଏ ଆସିକାବାସୀଙ୍କଠାରୁ ଅଧିକ କିଏ ଇତିମଧ୍ୟରେ ଜାଣି ପାରିନଥିବ। ତଥାପି ଲୁହ ପୋଛି ଆସିକା ଏବେ ଧୀରେ ଧୀରେ ମୁହଁ ଟେକୁଛି। ସହର ଉପକଣ୍ଠ ନବରନ୍ପୁର ଗାଁରେ ହଠାତ୍ ଋଷିକୁଲ୍ୟା ବନ୍ଧ ଡେଇଁ ପାଣି ପଶିବା ଦ୍ୱାରା ୧୦ରୁ ଅଧିକ ଘର ସଂପୂର୍ଣ୍ଣ ଭାବେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। କିଏ ଝିଅ ବାହାଘର ପାଇଁ ଜିନିଷପତ୍ର ସାଇତି ରଖିଥିଲା ତ, ଆଉ କିଏ ଘରେ ଶୋଇଥିବା ବେଳେ ବେଳେ ପାଣି ମାଡ଼ି ଆସିଲା। ଜୀବନ ତ ବଞ୍ଚିଗଲା, ହେଲେ ପୂରା ଗାଁ ଧ୍ୱଂସସ୍ତୂପ ଭଳି ଦିଶୁଛି। ଗାଁରେ ଥିବା ବସୁଧା ପାଣି ପମ୍ପହାଉସର ସବୁ ଜିନିଷ ଭାସିଯାଇଛି। ଆଜି କର୍ମଚାରୀମାନେ ପରିଶ୍ରମ କରି ତାକୁ ଖୋଜାଖୋଜି ଚଳାଇଛନ୍ତି। ସେହିପରି ବିଭିନ୍ନ ଗାଁକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଯାଇଛି। ଆଉ ୩ଟି ଗାଁକୁ ୨/୪ଦିନ ଭିତରେ ବିଦ୍ୟୁତ୍ ସେବା ପହଞ୍ଚିବ। ସେଲୁଲାର ନେଟୱାର୍କ ଆସି ସାରିଥିଲା ବେଳେ କିଛି ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇପାରିନି। କିନ୍ତୁ ଆସିକା ଉପଖଣ୍ଡ ଡାକ୍ତରଖାନା ସ୍ୱାଭାବିକ ହେବାକୁ ଆହୁରି ସମୟ ଲାଗିବ। ଦୁଇ ଚାରିଦିନ ଭିତରେ କେବଳ ଓପିଡି କାର୍ଯ୍ୟକ୍ଷମ କରିବାକୁ କାମ ଜୋରସୋରରେ ଚାଲିଛି। ଏବେ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଅସ୍ଥାୟୀ ଡାକ୍ତରଖାନା ଚାଲିଛି। ନିଜେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ରହି ଏହାର ତଦାରଖ କରିଛନ୍ତି। ୨୦ଟି ମୋବାଇଲ ହେଲଥ ୟୁନିଟ୍ ଗାଡ଼ି ଆଜିଠୁ ଆସିକାର ବିଭିନ୍ନ ଅଞ୍ଚଳକୁ ଗଡ଼ିଛି। ଏମାନେ ଲୋକଙ୍କ ଦୁଆର ମୁହଁରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଆଦି ସୁନିଶ୍ଚିତ କରିବେ। ଜିଲ୍ଲାପାଳ, ସିଡିଓ, ଉପଜିଲ୍ଲାପାଳ, ଇଓ ଓ ବିଡିଓ ପ୍ରମୁଖ ଉପସ୍ଥିତ ରହି ଆସିକା ସହରକୁ ସଫେଇ କରିଥିଲେ। ପୂରା ସହର ପଙ୍କ କାଦୁଅ ହୋଇଥିଲା ବେଳେ ତାହା ସଫା ହୋଇଛି। ପାନୀୟଜଳ ସମସ୍ୟାର ସମାଧାନ ଲାଗି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ବନ୍ୟାପାଣି ଘେରରେ ଥିବା ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ମିଳିଛି। ସହରରେ ଆଜି ରନ୍ଧନ ଗ୍ୟାସ ପହଞ୍ଚିଯାଇଛି। ଖୁବଶୀଘ୍ର ଏହା ଗ୍ରାମାଞ୍ଚଳରେ ବି ପହଞ୍ଚିବ। ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଓ ଆସିକା ବିଧାୟକ ସରୋଜ ପାଢ଼ୀ ଗାଁଗଣ୍ଡା ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ, ବନ୍ୟା କ୍ଷୟକ୍ଷତି ଭୟଙ୍କର ହୋଇଛି। କେବଳ ଆସିକାରେ ବିଭିନ୍ନ କ୍ଷତି ଆକଳନ ୧୦୦ କୋଟି ଟପିଯିବ ବୋଲି ଅନୁମାନ କରାଯାଉଛି।

ଦୁର୍ଘଟଣାରେ ମୃତ ସିଆରପିଏଫ୍ ଯବାନଙ୍କ ପରିବାରକୁ ସହକର୍ମୀଙ୍କ ସହାୟତା

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ କରଦା ଗ୍ରାମର ରତ୍ନାକର ସୂତାରଙ୍କ ପୁଅ ତଥା ସିଆରପିଏଫ୍ ଯବାନ ଗୋପୀନାଥ ସୂତାର (୪୨)ଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ୨୦୦୭ ବ୍ୟାଚ୍‌ର ସିଆରପିଏଫ୍ ସହକର୍ମୀମାନେ। ସେମାନେ ଗୋପୀନାଥଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ପ୍ରାପ୍ୟ ଓ ପରିବାରର ଜଣଙ୍କୁ ଚାକିରି ସୁଯୋଗ ମିଳିବା ଦିଗରେ ସହଯୋଗ କରିବାକୁ ଆଶ୍ୱାସନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗୋପୀନାଥ ଚାକିରିରୁ ଛୁଟିରେ ଘରକୁ ଆସିଥିବାବେଳେ ଯାଜପୁରରେ ନିଜର ନୂତନ ଘର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଗତ ମାସ ୫ ତାରିଖ ସନ୍ଧ୍ୟାରେ ରଙ୍ଗପୁର ଛକଠାରେ ରାଜମିସ୍ତ୍ରୀଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିବାବେଳେ ପଛପଟୁ ଆସିଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୋପୀନାଥଙ୍କର ପତ୍ନୀ ସମେତ ୧୧ବର୍ଷର ପୁଅ ଓ ୬ବର୍ଷର ଝିଅ ଅଛନ୍ତି। ଏହି ଅବସରରେ ସିଆରପିଏଫ୍‌ର ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର ସୁଶାନ୍ତ ମାଝୀ, ପବିତ୍ର କୁମାର ବେହେରା, ହେଡ୍ କନଷ୍ଟେବଳ ମିଲୁ ନାୟକଙ୍କ ସମେତ ଅନ୍ୟ ସହକର୍ମୀମାନେ ଉପସ୍ଥିତ ଥିଲେ। ସେମାନେ ଗୋପୀନାଥଙ୍କ ପରିବାରର ଦୁଃଖଦ ସମୟରେ ସାଥୀରେ ରହିବା ସହ ସମସ୍ତ ସରକାରୀ ସୁବିଧା ଓ ପ୍ରାପ୍ୟ ଯେପରି ମିଳିପାରିବ, ସେଥିପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସହକର୍ମୀଙ୍କ ସୁଖଦୁଃଖରେ ଭାଗୀଦାର ହେବା ସହ ତାଙ୍କ ପରିବାରର ଦାୟିତ୍ୱ ନେବାର ଏହି ଉଦ୍ୟମ ସିଆରପିଏଫ୍ ଯବାନଙ୍କ ମଧ୍ୟରେ ଥିବା ଏକତା, ଭାଇଚାରା ଓ ମାନବିକତାର ପରିଚୟ ଦେଇଛି। ସେମାନଙ୍କ ଏହି ସହଯୋଗ ଅନ୍ୟମାନଙ୍କ ପାଇଁ ମଧ ପ୍ରେରଣାଦାୟକ ହୋଇଛି।

ପୂର୍ବତନ ଏସ୍‌ପି ସୀତାରାମ ଶତପଥୀଙ୍କ ପରଲୋକ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ପୂର୍ବତନ ଏସପି ତଥା ୧୯୮୪ ବ୍ୟାଚର ଏସଆଇ ସୀତାରାମ ଶତପଥୀଙ୍କ ସୋମବାର ଦିନ ୧୨ଟା ସମୟରେ ପରଲୋକ ହୋଇଯାଇଛି। ସେ କ୍ୟାନ୍ସର ବ୍ୟାଧି ରେ ପୀଡ଼ିତ ଥିବା ବେଳେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗ ଖବର ପହଞ୍ଚିବା ପରେ ସୋନପୁର ଜିଲ୍ଲାରେ ତାଙ୍କ ଜଣାଶୁଣା ମହଲ ତଥା ପୋଲିସ ପରିବାର ରେ ଶୋକର ଛାୟା ଖେଳିଯାଇଛି। ସେ ଗଜପତି ଜିଲ୍ଲାରେ ଅତିରିକ୍ତ ଏସପି ପଦବୀରୁ ପଦୋନ୍ନତି ହୋଇ ୮ ଫେବୃଆରୀ ୨୦୨୧ରେ ସୁବର୍ଣ୍ଣପୁର ଏସପି ଭାବରେ ଫେବୃୟାରୀ ୨୦୨୨ ଏକ ବର୍ଷ ପାଇଁ ସୁବର୍ଣ୍ଣପୁର ଏସପି ଭାବରେ ଦାୟିତ୍ୱ ତୁଲାଇ ଅବସର ଗ୍ରହଣ କରିଥିଲେ। ସେ ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଅଫିସର ଭାବେ ପରିଚିତ ଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ପୋଲିସ ଅଧିକାରୀ, ସାମ୍ବାଦିକ, ବୁଦ୍ଧିଜୀବୀ ତଥା ତାଙ୍କ ଜଣାଶୁଣା ମହଲରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

୪୨୭ବନ୍ୟା ବିପନ୍ନ ପରିବାରକୁ ରିଲିଫ୍ ବାଣ୍ଟି ମାନବିକତାର ପରିଚୟ ପ୍ରଦାନ



ରମ୍ଭା, ନ୍ୟୁଜ୍ ବ୍ୟୁରୋ

ବନ୍ୟା ବିପନ୍ନଙ୍କ ଦୁଃଖ ସମୟରେ ସହାୟତାର ହାତ ବଢ଼ାଇଲେ ସ୍ୱେଚ୍ଛାସେବୀ। ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଇରାସି ପଞ୍ଚାୟତର ଏନ୍. ବରପଲ୍ଲୀ ଏବଂ ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ବାଗଦେଇ ଛକ ଓ କାର୍ଗିଲ ବସ୍ତିର ୪୨୭ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ ନିଜସ୍ୱ ଉଦ୍ୟମ ଓ ଆର୍ଥିକ ସହଯୋଗରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ସହାୟତା କାର୍ଯ୍ୟକ୍ରମରେ ବିପନ୍ନ ପରିବାରଙ୍କୁ ଚୁଡ଼ା, ଚିନି, ବିସ୍କୁଟ୍, ମହମବତୀ, ଦିଆସିଲି, ପାନୀୟ ଜଳ ବୋତଲ ଓ ସାନିଟାରୀ ନ୍ୟାପକିନ୍ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ଅସୁସ୍ଥ ବ୍ୟକ୍ତିଙ୍କୁ ଆବଶ୍ୟକୀୟ ଔଷଧ ଓ ଓ.ଆର.ଏସ୍. ବଣ୍ଟନ କରାଯାଇଥିଲା। ବିପର୍ଯ୍ୟୟ ବେଳେ ଖାଦ୍ୟ ଓ ପାଣି ସହ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ମାନବୀୟ ସେବା କାର୍ଯ୍ୟରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଯଥା ଡି. ଦେବହରି ରେଡ଼ି, ସୁଧାକର ପାଣିଗ୍ରାହୀ, ସାନୁଜ ପଟ୍ଟନାୟକ, ବାହିନୀପତି ପଟ୍ଟନାୟକ, ସୁରୋଜ ଚନ୍ଦ୍ର ପଣ୍ଡା, ବାସୁଦେବ ଗୌଡ଼, ଅଜିତ୍ ପଣ୍ଡା, ସହଦେବ ସାହୁ, ୟୁ. ଚୈତନ୍ୟ, ପ୍ରଦୀପ ଓଁକାର, ଆର.ସୁନୀତା, ପ୍ରିୟବ୍ରତ ସାହୁ, କୁନି ସ୍ୱେଚ୍ଛାସେବୀ ଡି. ବ୍ରିଶାଙ୍କ ଓ ଦୁର୍ଗା ମାଧବ,ପ୍ରତିଭା ପଣ୍ଡା, ଅନିତା ଦାସ, ସରସ୍ୱତୀ ଜାନୀ, ଗତିକୃଷ୍ଣ ପଣ୍ଡା, ଅଭିରାମ ଦାସ, ପ୍ରଶାନ୍ତ ବେହେର,ଗୀତାଞ୍ଜଳି ପଣ୍ଡା, ମନୋରଞ୍ଜନ ବରାଡ,ରବୀନ୍ଦ୍ର ଖାଡ଼ଙ୍ଗା, ସନ୍ତୋଷ କୁମାର ରାଜୁ, ପଦ୍ମାନନ୍ଦ ଗନ୍ତାୟତ, ସନ୍ତୋଷ କୁମାର ପଣ୍ଡା ଓ ଡା. କୌଶିକ ପଟ୍ଟନାୟକଙ୍କ ସମେତ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ଛତ୍ରପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଆର୍ଥିକ ସହଯୋଗ କରିବା ସହ ରିଲିଫ୍ ବଣ୍ଟନରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ।ଏଥିପାଇଁ ବିଭିନ୍ନ ଜିଲ୍ଲା ସମେତ ମୁମ୍ବାଇରେ କାର୍ଯ୍ୟରତ ଥିବା ଲୋକମାନେ ଆର୍ଥିକ ସହଯୋଗ କରିଥିଲେ। ବିପଦ ସମୟରେ ଏଭଳି ସାମୂହିକ ସହଯୋଗ ବନ୍ୟା ବିପନ୍ନ ପରିବାର ମଧ୍ୟରେ ଆଶା ଓ ଭରସା ସୃଷ୍ଟି କରିଛି।

ବୀର କ୍ୟାପଟେନ ଯବାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ



ଦୀର୍ଘ ୨୫ବର୍ଷ ଧରି ଦେଶ ଓ ଜାତି ପାଇଁ ତ୍ୟାଗ ଓ ବଳିଦାନ ଦେଇ ସଂଗ୍ରାମ ଜାରି ରଖିଥିବା ଯାଜପୁର ଧର୍ମଶାଳା ମାଟିର ବୀର ଯବାନ କ୍ୟାପଟେନ ସଂଗ୍ରାମ କେଶରୀ ନାୟକ ଅବସର ନେଇ ନିଜ ଜନ୍ମ ଭୂମିକୁ ଫେରିଛନ୍ତି।ଏହି ଅବସରରେ ଗ୍ରାମ ବାସି ଓ ପରିବାରଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା କରିବା ସହ ବାରବାଟୀ ବଜାର ଠାରୁ ଭାରତ ମାତାକି ଜୟ ଧ୍ୱନି ନାରା ଦେଇ ଶୋଭାଯାତ୍ରା କରି ବିରାଟ ପଟୁଆରା ରେ ନିଜ ଗ୍ରାମ ସିଙ୍ଗାପୁରକୁ ପାଛୋଟି ନେଇଥିଲେ। ଗ୍ରାମବାସୀ ଙ୍କ ଏଭଳି ସମ୍ବର୍ଦ୍ଧନା ପାଇଁ କ୍ୟାପଟେନ ଶ୍ରୀ ନାୟକ ଭାବ ବିହ୍ୱଳ ହୋଇପଡ଼ିଥିଲେ। ଲୋକମାନଙ୍କ ସ୍ନେହ ପ୍ରେମ, ଭଲପାଇବା ଓ ଆଶୀର୍ବାଦ ପାଇଁ ଆଜି ସେ ଏ ସ୍ଥାନରେ ପହଁଞ୍ଚିପାରିଛନ୍ତି ବୋଲି କହିଥିଲେ। ଭଗବାନଙ୍କ ଆଶୀର୍ବାଦ ଥିଲେ ଜୀବନରେ ସବୁବେଳେ ଜିତିବାର ଆଶା ନେଇ ଲଢୁଥିବା ଯବାନ ଅବସର ପରେ ନିଜ ଅଞ୍ଚଳ ଲୋକମାନଙ୍କ ପାଇଁ ନିସ୍ୱାର୍ଥ ସେବା କରିବେ ବୋଲି ମଧ ପ୍ରତିଶୃତି ଦେଇଥିଲେ।

୫୯ତମ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ଜହ୍ନା



ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ବ୍ୟାସନଗର ପୌର ପରିଷଦ ନିକଟସ୍ଥ କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ପ୍ରତିବର୍ଷ ଲକ୍ଷ୍ମୀ ପୂଜାକୁ ଭାଇଚାରାର ସମ୍ପର୍କ ସହ ଜାକଜମକରେ ପାଳନ କରାଯାଏ। ଏହି ବର୍ଷ ମଧ ୫୯ ତମ ପୂଜା ଉତ୍ସବ ବିଧି ବ୍ୟବସ୍ଥା ଓ ରୀତିନୀତି ଅନୁଯାୟୀ କରାଯିବା ସହ ଦୈନନ୍ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ମେଲୋଡି ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସ୍ୱଚ୍ଛ ତୋରଣ ସହ ଆଲୋକମାଳରେ ସାଜସଜ୍ଜା ଆକର୍ଷଣୀୟ ହେବା ସହ ଏକ ଭାବ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ୧୯୬୮ ମସିହାରୁ ଆରମ୍ଭ ହୋଇଥିବା ପୂଜାରେ କେତେଜଣ ଏବେ ସ୍ୱର୍ଗବାସୀ, ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ସ୍ୱରୂପ ଫଟୋଚିତ୍ର ପୂଜା ମଣ୍ଡପ ସାମ୍ନାରେ ରଖାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ପୂଜା କମିଟିର ସଭାପତି ପ୍ରାଣକୃଷ୍ଣ ବିଶ୍ୱାଳ, ସମ୍ପାଦକ ନିମାଇଁ ପରିଡ଼ା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ବିଶ୍ୱାଳ, କୁଳମଣୀ ରାଉତ, ଦୁର୍ଯ୍ୟୋଧନ ସାହୁ, ଜଗବନ୍ଧୁ ବେହେରା, ବାବାଜୀ ବେହେରା, ଲଲାଟେନ୍ଦୁ ନାୟକ, ଅମିତ ବିଶ୍ୱାଳ, ଜୁଲୁ ପାଢ଼ୀ,ଅନାମ ବିଶ୍ୱାଳ, ଅମିନ ବିଶ୍ୱାଳ, ଶତ୍ରୁଘ୍ନ ପାତ୍ର, ଲକ୍ଷ୍ମୀଧର କବି, ବାଇଧର ବିଶ୍ୱାଳ, ପ୍ରଶାନ୍ତ ସାହୁ, ସନ୍ୟାସୀ ମଲ୍ଲିକ, ଭୀମସେନ ମଲ୍ଲିକ, ଆତୁଳ ପଥାଳ, ଅନିଲ ବିଶ୍ୱାଳ, ଅରୁଣ କବି, ଅଜିତ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ପ୍ରଶାନ୍ତ ରାଉତ, ଶରତ ମଲ୍ଲିକ, ଦିଲ୍ଲୀପ ବିଶ୍ୱାଳ, ବଳରାମ ବଳ, ପ୍ରଭାସ ରାଉତ, ବିଶ୍ୱନାଥ ଦାସ, ରବୀନ୍ଦ୍ର ଦାସ, ପଦ୍ମନାଭ ବିଶ୍ୱାଳ, ଅମର ସାହୁ, ତପନ ପଥାଳ, ରାମଚନ୍ଦ୍ର ହାତୀ, ସୁରେଶ ହାତୀ, କାର୍ତ୍ତିକ ସାହୁ, ଅଭୟ ବିଶ୍ୱାଳ, ଅଜିତ ମଲ୍ଲିକ, ସୁରଜ ବେହେରା, ନିରଞ୍ଜନ ମଲ୍ଲିକ, ବଳରାମ ବେହେରା, ଦେବବ୍ରତ ସାହୁ, କୈବଲ୍ୟ ରାଉତ, ବିଶ୍ୱରଂଜନ ବିଶ୍ୱାଳ, ସନାତନ ରାଉତ, ବିଶ୍ୱଜିତ ସାହୁ, ଜିତେନ୍ଦ୍ର ପାଢ଼ୀ, ପାପଲ୍ ପାଢ଼ୀ, ବର୍ଣ୍ଣି ବିଶ୍ୱାଳ, ଗୌତମ ବିଶ୍ୱାଳ, ସଂଜୀବ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଖପ୍ରାଖୋଲରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ



ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀ ମାନଙ୍କ ଦ୍ୱାରା ଉଦ୍ଘାଟନୀ ସଂଗୀତଗାନ କରାଯାଇଥିଲା। ତାପରେ ଅବସରରେ ଉଦ୍ଘାଟନୀ ସମାରୋହରେ ଏ ଡି ଇ ଓ ମୀନକେତନ ବରିହାଙ୍କ ଅଧ୍ୟକ୍ଷତାରେ ଖପ୍ରାଖୋଲ ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକଙ୍କ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇସପାଲ ସୁନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକରେ ଥିବା ୧୪ଟି ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ଅୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ରୁ ଉଚ୍ଚ ମାଧ୍ୟମିକ ସ୍ତରର ପ୍ରତିଯୋଗୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ଶ୍ରୁତ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ ଓ ସଂଗୀତ ପ୍ରମୁଖ ଅନୁଷ୍ଠିତ ହୋଇଥିଲା।ଏହି ସମସ୍ତ ପ୍ରତି ଯୋଗିତା ପାଇଁ ବିଚାରକ ଭାବେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ସମାରୋହରେ ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ତହସିଲଦାର ସୌମ୍ୟରଞ୍ଜନ ବେହେରା, , ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ ଓ ଏ ଡି ଇ ଓ ମୀନକେତନ ବରିହା ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନମିତା ମଣ୍ଡଳ, ଖୁସିରାମ ସାହୁ,ଶ୍ରୀପତି କୁମ୍ଭାର, ଚୂଡ଼ାମଣି ବରିହା, ଶାନ୍ତନୁ କୁମାର ମିଶ୍ର, ସୁବାଷ ଚନ୍ଦ୍ର ନାଗ, ଦୀନବନ୍ଧୁ ବାଗ, ଟୁନୁ ଶବର, ଉପେନ୍ଦ୍ର ସୁନା, ଚକ୍ରଧର ଭୋଇ, ସତ୍ୟବ୍ରତ ବେହେରା, ସୁନୀଲ ମହାନନ୍ଦ, ଗୋକୁଳାନନ୍ଦ ମେହେର, ବିଘ୍ନରାଜ ପଧାନ, ଶୁଶାନ୍ତ ଦାଶ, ଜଗନ୍ନାଥ ପାଣ୍ଡେ, ସନାତନ ବାରିକ ପ୍ରମୁଖ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଣ ପର୍ଯ୍ୟବେକ୍ଷକ ଭାବରେ ଦାୟିତ୍ୱ ତୁଲାଇ ଥିବା ବେଳେ ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ମୁରଲୀଧର ମେହେର, ଓମ୍ ପ୍ରକାଶ ମେହେର, ସମୀର ଦେବ ଚୌହାନ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଯେଉଁ ବର୍ଣ୍ଣବୋଧ କାର୍ଯ୍ୟକ୍ରମକୁ ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଖପ୍ରାଖୋଲ ଓ ବେଲପଡ଼ା ବ୍ଲକ୍ ର ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଚଳନ କରିଥିଲେ ସେହି ବର୍ଣ୍ଣବୋଧକୁ ସୁରଭୀ କାର୍ଯ୍ୟକ୍ରମ ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା ରେ ଛାତ୍ର ଛାତ୍ରୀ ମାନେ ମଞ୍ଚରେ ପରିବେଷଣ କରିଥିଲେ।

ପୂର୍ବତନ ମସ୍‌ଜିଦ ଇମାମଙ୍କ ପରଲୋକ

କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୬ ନମ୍ବର ୱାର୍ଡରେ ଥିବା ଫକିରାବାଦ ମର୍କଜି ମସଜିଦ୍‌ର ପୂର୍ବତନ ଇମାମ୍ ହଜରତ୍ ମୌଲାନା ଜସିମୁଦ୍ଦିନ୍ କାସ୍‌ମିଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ମୌଲାନା ଜସିମ୍ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଫକିରାବାଦ ମସ୍‌ଜିଦ୍‌ରେ ଇମାମତି କରିଥିଲେ। ତାଙ୍କ ସମୟରେ ମସ୍‌ଜିଦ୍ ସହିତ ଗ୍ରାମରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି। ବିଶେଷ କରି ସଂଖ୍ୟାଲଘୁ ସମ୍ପ୍ରଦାୟରେ ଶିକ୍ଷା ବ୍ୟବସ୍ଥାକୁ ଆଗେଇ ନେବାପାଇଁ ତାଙ୍କର ପ୍ରୟାସ ସର୍ବଦା ରହିଥିଲା। ତାଙ୍କର ପରଲୋକର ଖବର ପାଇଁ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

ରାମେଶ୍ୱର ଶ୍ମଶାନସ୍ଥଳୀର ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ମନ୍ଦିର ମାଳିନୀ ସହର ସୋନପୁର ଏଠାରେ ଶୈବପୀଠ ରାମେଶ୍ୱର ମନ୍ଦିରଠାରେ ତ୍ରିବେଣୀ ସଙ୍ଗମ ସ୍ଥଳୀ ଅଛି। ରାମେଶ୍ୱର ସ୍ଥିତ ଶ୍ମଶାନ ବର୍ଷ ବର୍ଷ ଧରି ସଫେଇ ନ ହୋଇ ଜଙ୍ଗଲରେ ପରିଣତ ହୋଇଥିଲା ବେଳେ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥଲା। ସୋନପୁର ପୌରପରିଷଦ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନୂତନ ଶ୍ମଶାନ ନିର୍ମାଣ ହେଲା ସତ କିନ୍ତୁ ପୌରପରିଷଦ ର ଖାମଖିଆଲି ନୀତି ଯୋଗୁଁ ସଫେଇ ନହୋଇ ଜଙ୍ଗଲ ରେ ପରିଣତ ହୋଇଛି। ଏନେଇ କର୍ମଜୀବୀ ଗୋବିନ୍ଦ ମହାରଣା ଗତକାଲି ଜିଲ୍ଲାପାଳ ଦେବାଶିଷ ସିଂହ ଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଏ ନେଇ ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ନେବା ସହ ପୌରପରିଷଦକୁ ସଫେଇ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମହାରଣା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ଯେ ସୁବର୍ଣ୍ଣପୁର ପୌରପରିଷରେ ରାମେଶ୍ୱର ଶ୍ମଶାନ ଘାଟର ସଫେଇ ପାଇଁ ଦୁଇଥର ଅଭିଯୋଗ କରିଛି ଏବଂ ଆଶ୍ୱାସନା ମଧ ମିଳିଛି କିନ୍ତୁ ଆଜି ପର୍ଯ୍ୟନ୍ତ ଚେୟାରମ୍ୟାନ କିମ୍ବା ପୌର ନିର୍ବାହୀ ଅଧିକାରୀ ସଫେଇ ପାଇଁ କେହି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଏକ ବହୁମୂଲ୍ୟ ସୁନ୍ଦର ସ୍ଥାପତ୍ୟକୁ ପୌରପରିଷଦ ଦ୍ୱାରା ଅବହେଳା କରାଯାଉଛି। ତେଣୁ ଦୟାକରି ପୌରପରିଷଦ କର୍ତ୍ତୃପକ୍ଷଙ୍କୁ ରାମେଶ୍ୱର ସ୍ୱର୍ଗଦ୍ୱାର ସଫା କରିବା ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ, ଏହା ଏବେ ଏକ ଜଙ୍ଗଲ ଏବଂ ଅପରିଷ୍କାର ସ୍ଥାନରେ ପରିଣତ ହୋଇଯାଇଛି। ସବୁଠୁ ଦୁଃଖର କଥା ଏଠାରେ ୪ ଜଣ କର୍ମଚାରୀ ନିଯୁକ୍ତ ଅଛନ୍ତି କିନ୍ତୁ ସେମାନେ କେବେବି ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ଏକ ବହୁମୂଲ୍ୟ ସୁନ୍ଦର ସ୍ଥାପତ୍ୟକୁ ପୌରପରିଷଦ ଦ୍ୱାରା ଅବହେଳା କରାଯାଉଛି। ଏହା ଜାଣିବା ପରେ ଜିଲ୍ଲାପାଳ ଦେବାଶିଷ ସିଂହ ତୁରନ୍ତ ସଫେଇ ପାଇଁ ପୌରପରିଷଦକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଏବଂ ୨୪ ଘଣ୍ଟା ମଧ୍ୟରେ ସଫେଇ କାର୍ଯ୍ୟ ମଧ ଆରମ୍ଭ ହୋଇଛି। ସୋନପୁର ପୌରାଧକ୍ଷା ତାମସୀ ତମସ୍ୱିନୀ ନାୟକ ଓ ତାଙ୍କ ସ୍ୱାମୀ ପ୍ରକାଶ ଚନ୍ଦ୍ର ସାହୁ ପୌର କର୍ମଚାରୀଙ୍କ ଦ୍ୱାରା ସଫେଇ କାମ ଆରମ୍ଭ କରିଥିବା ବେଳେ ଶ୍ରୀ ମହାରଣା ଏହାର ତଦାରଖ କରୁଛନ୍ତି। ସର୍ବସାଧାରଣରେ ପ୍ରଶ୍ନ ଉଠୁଛି ଯେ ଯଦି ଆମ ଜିଲ୍ଲାପାଳ ଡ୍ରେନ ସଫେଇ, ସ୍ୱର୍ଗଦ୍ୱାର ସଫେଇ, ଆଲୋକ ବ୍ୟବସ୍ଥା, ବ୍ଲିଚିଂ, ଫିନାଇଲ, ମଶା ତେଲ ସିଞ୍ଚନ କଥା ବୁଝିବେ ତା ହେଲେ ସମଗ୍ର ଜିଲ୍ଲାର ଉନ୍ନତି ମୂଳକ ପ୍ରକଳ୍ପର କଥା ବୁଝି ପାରିବେ କି ପୌର ପ୍ରଶାସନ କରୁଛି କଣ ଏହା ଜଣାପଡ଼ିବା ପରେ ବୁଦ୍ଧିଜୀବୀ ମହଲରେ ଶ୍ରୀ ମହାରଣାଙ୍କୁ ଖୁବ ପ୍ରଶଂସା କରୁଛନ୍ତି।

ସୋନପୁରରେ ୬୨ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଦେବାଶିଷ ସିଂହ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର କେ.କେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୨ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଦରଖାସ୍ତ ଥିଲା। ଏଥିମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ଗୋଟିଏ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ସିଏମଆରଏଫ) ସମ୍ବନ୍ଧୀୟ ଥିଲା। ଅବଶିଷ୍ଟ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ମଧ ଉପସ୍ଥିତ ଥିଲେ।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୮ ନଭେମ୍ବର ୨୦୨୬ ରବିବାର



ଏସ୍‌ସିବିରେ ୧୭ ଓ ଅଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନରେ ୩ପିଜି ସିଟ୍ ବଢ଼ିଲା

କଟକ, ନ୍ୟୁଜ୍ ବ୍ୟୁରୋ



ଡାକ୍ତରୀ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କଟକ ପାଇଁ ଆସିଛି ଖୁସି ଖବର। ସହରର ଦୁଇ ପ୍ରମୁଖ ଚିକିତ୍ସା ଓ ଡାକ୍ତରୀ ଶିକ୍ଷାନୁଷ୍ଠାନରେ ମୋଟ୍ ୨୦ଟି ଅତିରିକ୍ତ ସ୍ନାତକୋତ୍ତର (ପିଜି) ସିଟ୍ ବୃଦ୍ଧି କରାଯାଇଛି। ଏଥିମଧ୍ୟରୁ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌କୁ ୧୭ଟି ଏବଂ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ (ଏଏଚ୍‌ପିଜିଆଇସି)କୁ ୩ଟି ନୂଆ ପିଜି ସିଟ୍ ମିଳିଛି। ଏହାଦ୍ୱାରା ଉଭୟ ଅନୁଷ୍ଠାନରେ ଉଚ୍ଚତର ଡାକ୍ତରୀ ଶିକ୍ଷା ଗ୍ରହଣ ପାଇଁ ଅଧିକ ସୁଯୋଗ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ୍ କଲେଜରେ ପୂର୍ବରୁ ୨୩୨ଟି ପିଜି ସିଟ୍ ରହିଥିବା ବେଳେ ନୂଆ ୧୭ଟି ସିଟ୍ ଯୋଡ଼ାଯିବା ପରେ ଏହି ସଂଖ୍ୟା ୨୪୯କୁ ବୃଦ୍ଧି ପାଇଛି। ରାଜ୍ୟର ଅନ୍ୟତମ ପ୍ରମୁଖ ଡାକ୍ତରୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଏସ୍‌ସିବିରେ ଏହି ସିଟ୍ ବୃଦ୍ଧି ଡାକ୍ତରୀ ସ୍ନାତକୋତ୍ତର ଶିକ୍ଷାର୍ଥୀଙ୍କ ପାଇଁ ନୂଆ ସୁଯୋଗ ଆଣିବ। ସେହିପରି କଟକର ମଙ୍ଗଳାବାଗ ସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ମଧ୍ୟ ପିଜି ସିଟ୍ ସଂଖ୍ୟା ୧୨ରୁ ବୃଦ୍ଧି ପାଇ ୧୫ରେ ପହଞ୍ଚିଛି। ଏହି ଅନୁଷ୍ଠାନରେ କର୍କଟ ରୋଗ ଚିକିତ୍ସା ସମ୍ପର୍କିତ ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ ଅଧିକ ସୁଯୋଗ ମିଳିବା ସହ ବିଶେଷଜ୍ଞ ଡାକ୍ତର ପ୍ରସ୍ତୁତିକୁ ଗୁରୁତ୍ୱ ମିଳିବ। ଉଲ୍ଲେଖଯୋଗ୍ୟ, ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ମୋଟ୍ ୩୧୮ଟି ପିଜି ସିଟ୍ ବୃଦ୍ଧି କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏହାଦ୍ୱାରା ରାଜ୍ୟରେ ପିଜି ସିଟ୍ ସଂଖ୍ୟା ୬୨୦ରୁ ବୃଦ୍ଧି ପାଇ ୯୩୮ରେ ପହଞ୍ଚିଛି। ଏହି ପଦକ୍ଷେପ ଅଧିକ ବିଶେଷଜ୍ଞ ଡାକ୍ତର ସୃଷ୍ଟି କରିବା ସହ ଆଗାମୀ ଦିନରେ ରୋଗୀଙ୍କୁ ଉନ୍ନତ ଓ ବିଶେଷଜ୍ଞ ଚିକିତ୍ସା ଯୋଗାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

////////////// ମିଷ୍ଟାନ୍ନ ଦୋକାନରେ ଚଢ଼ଉ //////////////

୭୦ କେଜି ଅସ୍ୱାସ୍ଥ୍ୟକର ଖାଦ୍ୟ ନଷ୍ଟ:ଦୋକାନୀଙ୍କୁ ନୋଟିସ୍ ଜାରି





ରାଇଘର, ନ୍ୟୁଜ୍ ବ୍ୟୁରୋ

ଚାଲିଥିବା ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ରାଇଘର ଅଞ୍ଚଳର ବିଭିନ୍ନ ମିଷ୍ଟାନ୍ନ ଦୋକାନରେ ଯାଞ୍ଚ ଓ ନିରୀକ୍ଷଣ କରାଯାଇଛି। ଏହି ଅଭିଯାନରେ ଖାଦ୍ୟ ସୁରକ୍ଷା ଟିମ୍ ସ୍ଥାନୀୟ ପୋଲିସ ଓ ତହସିଲଦାରଙ୍କ ସମନ୍ୱୟରେ ବିଭିନ୍ନ ଦୋକାନ ପରିଦର୍ଶନ କରି ଖାଦ୍ୟ ସାମଗ୍ରୀର ଗୁଣବତ୍ତା, ସଂରକ୍ଷଣ ପଦ୍ଧତି ଓ ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଇଥିବା ପ୍ରାୟ ୭୦ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିଲା। ଏଥିସହ ଖାଦ୍ୟ ବ୍ୟବସାୟୀମାନଙ୍କୁ (FBOs) ଖାଦ୍ୟ ସାମଗ୍ରୀର ସଠିକ୍ ସଂରକ୍ଷଣ, ପରିଚ୍ଛନ୍ନତା ଓ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପାଳନ ସମ୍ପର୍କରେ ସଚେତନ କରାଯିବା ସହ ନିୟମ ଉଲ୍ଲଂଘନ କରିଥିବା ଦୋକାନୀଙ୍କୁ ନୋଟିସ୍ ଜାରି କରାଯାଇଛି। ପାର୍ବଣ ସମୟରେ ଖାଦ୍ୟର ଗୁଣବତ୍ତା ଓ ନିରାପତ୍ତା ବଜାୟ ରଖିବା ସହ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏଭଳି ଯାଞ୍ଚ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

ବାଦମବାଡ଼ିରେ ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ:ଅଭିଯୁକ୍ତ ଗିରଫ

କଟକ, ନ୍ୟୁଜ୍ ବ୍ୟୁରୋ

କଟକ ସହରରେ ଏଟିଏମ୍ ଲୁଟ୍ ଉଦ୍ୟମକୁ ପଣ୍ଡ କରିବାରେ ସଫଳ ହୋଇଛି ବାଦମବାଡ଼ି ଥାନା ପୋଲିସ। ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଏଟିଏମ୍ କାଉଣ୍ଟର ଭାଙ୍ଗି ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରୁଥିବା ସମୟରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ କାବୁ କରିଛି। ଗିରଫ ଅଭିଯୁକ୍ତ ବିହାରର ବୋଲି ଜଣାପଡ଼ିଥିବା ବେଳେ ତାଙ୍କ ନିକଟରୁ ନଗଦ ୧୮ ହଜାର ଟଙ୍କା, ମୋବାଇଲ୍ ଫୋନ, ଏଟିଏମ୍ କାର୍ଡ, ଯନ୍ତ୍ରପାତି ଓ ଏକ ମୋଟରସାଇକେଲ୍ ଜବତ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତ ୫ ତାରିଖ ରାତି ପ୍ରାୟ ୧୧ଟା ୨୦ ମିନିଟ୍ ସମୟରେ ବଦମବାଡ଼ି ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍ କାଉଣ୍ଟରରେ ଜଣେ ଅଜଣା ବ୍ୟକ୍ତି ଭଙ୍ଗାରୁଜା କରି ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବର ପାଇବା ମାତ୍ରେ ବଦମବାଡ଼ି ଥାନାର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳେ ଅଭିଯୁକ୍ତ ଏଟିଏମ୍ ମେସିନ୍ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଉଦ୍ୟମରେ ଏଟିଏମ୍ ମେସିନ୍‌ର ତଳଭାଗ କ୍ଷତିଗ୍ରସ୍ତ ହୋଇଛି। ଏଟିଏମ୍ ପରିଚାଳନା ଦାୟିତ୍ୱରେ ଥିବା CMS Info Systems Pvt. Ltd.ର ପ୍ରୋଜେକ୍ଟ ମ୍ୟାନେଜରଙ୍କ ଅଭିଯୋଗ ଆଧାରରେ ବଦମବାଡ଼ି ଥାନାରେ କେସ୍ ନମ୍ବର ୫୪୯, ତାରିଖ ୦୫.୧୧.୨୦୨୬ରେ ବିଏନ୍‌ଏସ୍‌ର ଧାରା ୩୦୫(ଏ)/୩୨୪(୪)/୬୨ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ବିହାରର ପିରୋ ଥାନା ଅନ୍ତର୍ଗତ ରାଜାପୁର ଅଞ୍ଚଳର ଅଶ୍ୱିନୀ କୁମାର ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି। ତାଙ୍କ ନିକଟରୁ ଏଟିଏମରୁ ଟଙ୍କା ଉଠାଣକୁ ବାଧା ଦେବା ପାଇଁ ବ୍ୟବହୃତ ହେଉଥିବା ସନ୍ଦିଗ୍ଧ ଆଡେସିଭ୍ କ୍ୟାଶ୍ ଗ୍ରାଫିଷ୍ଟ୍ରିପ୍, ପ୍ଲାଷ୍ଟିକ୍ ହ୍ୟାଣ୍ଡେଲ୍ ଥିବା ପ୍ଲାୟର୍ସ, ଡବଲ୍ ସାଇଡ୍ ଟେପ୍, 'ସନି' ଲେଖାଥିବା ଧୂସର ରଙ୍ଗର ହେଲମେଟ୍, ଟିଭିଏସ୍ ଭିକ୍ଟର ମୋଟରସାଇକେଲ, ୧୮ ହଜାର ଟଙ୍କା ନଗଦ ଏବଂ ଏକ ଏସ୍‌ବିଆଇ ଏଟିଏମ୍ କାର୍ଡ ଜବତ କରାଯାଇଛି। ଏଥିସହ ଏକ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ମଧ୍ୟ ପୋଲିସ ଜବତ କରିଛି। ଗିରଫ ପରେ ଅଭିଯୁକ୍ତଙ୍କୁ ଅଦାଲତକୁ ପଠାଯାଇଛି। ଏହି ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଥିବା ସାମଗ୍ରୀର ବ୍ୟବହାର ଏବଂ ଅନ୍ୟ ସମ୍ଭାବ୍ୟ ଅପରାଧିକ ଲିଙ୍କ୍‌କୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

୬୦ଲିଟର ମହୁଲ ପୋଚ ଓ ୫ହଜାର ଟଙ୍କା ସହ ଜୁଆଡ଼ି ଗିରଫ



ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଉମରକୋଟ ଥାନା ଆଇଆଇସି ଜୁଗଲ ସବରଙ୍କ ସିଧାସଳଖ ନେତୃତ୍ୱରେ ପୋଲିସ ଟିମ୍ ଅଞ୍ଚଳରେ ଚଢ଼ଉ କରି ଦୁଇଟି ନିର୍ଦ୍ଦିଷ୍ଟ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୁର୍ଜା ଗ୍ରାମରେ ଏଏସ୍‌ଆଇ ଏମ୍.କେ. ମିଶ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ଚଢ଼ଉ କରି ପ୍ରାୟ ୬୦ ଲିଟର ବେଆଇନ୍ ମହୁଲ ପୋଚ ଜବତ କରିଛି। ଏହି ସମ୍ପର୍କରେ ରାମକୃଷ୍ଣ ଗଣ୍ଡ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ହରିହର ଭତରା ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି। ସେହିପରି ଗୋଟିଗୁଡ଼ା ଗ୍ରାମରେ ଚାଲିଥିବା ଏକ ଜୁଆ ଅଡ୍ଡା ଉପରେ ଏସ୍‌ଆଇ ସଞ୍ଜୟ ମଣ୍ଡଳଙ୍କ ଅଭିଯୋଗ କ୍ରମେ ପୋଲିସ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନଗଦ ୫,୦୦୦ ଟଙ୍କା ଜବତ କରାଯାଇଛି। ଏହି ମାମଲାର ତଦନ୍ତ ଭାର ଏଏସ୍‌ଆଇ ମଳୟ ମିଶ୍ର ନେଇଛନ୍ତି। ଅଞ୍ଚଳରେ ବେଆଇନ୍ କାରବାର ଏବଂ ଅପରାଧ ରୋକିବା ପାଇଁ ଆଗାମୀ ଦିନରେ ଏହିପରି କଡ଼ା ଚଢ଼ଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଓପିଏସ୍‌ସିରେ ୩୪୦ ଏଏସ୍‌ଓ ପଦବୀ ପାଇଁ ନିଯୁକ୍ତି ବିଜ୍ଞପ୍ତି

୯ରେ ଅନ୍‌ଲାଇନ୍ ଆବେଦନ:ଜାନୁଆରୀ ୧୭ରେ ଲିଖିତ ପରୀକ୍ଷା

କଟକ, ନ୍ୟୁଜ୍ ବ୍ୟୁରୋ



ରାଜ୍ୟରେ ସରକାରୀ ଚାକିରି ଅପେକ୍ଷାରେ ଥିବା ଯୁବବର୍ଗଙ୍କ ପାଇଁ ଆଉ ଏକ ସୁଯୋଗ ଆଣିଛି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)। ଓଡ଼ିଶା ସଚିବାଳୟ ସେବା କ୍ୟାଡର ଅଧୀନରେ ଗ୍ରୁପ୍-ବି ବର୍ଗର ୩୪୦ଟି ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସ୍‌ଓ) ପଦବୀ ପୂରଣ ପାଇଁ ଆୟୋଗ ପକ୍ଷରୁ ନିଯୁକ୍ତି ବିଜ୍ଞପ୍ତି ଜାରି ହୋଇଛି। ଏହି ପଦବୀଗୁଡ଼ିକ ଗୃହ ବିଭାଗ ଅଧୀନରେ ରହିବ। ନଭେମ୍ବର ୯ ତାରିଖରୁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ନଭେମ୍ବର ୩୦ ତାରିଖ ଅପରାହ୍ନ ୫ଟା ଆବେଦନର ଶେଷ ସମୟ ଧାର୍ଯ୍ୟ କରାଯାଇଛି। ମୋଟ୍ ୩୪୦ଟି ପଦବୀ ମଧ୍ୟରୁ ୧୧୪ଟି ପଦ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ବର୍ଗଭିତ୍ତିକ ପଦବୀ ବଣ୍ଟନ ଅନୁଯାୟୀ, ଅଣସଂରକ୍ଷିତ ବର୍ଗରେ ୧୪୪ଟି ପଦ ରହିଥିବାବେଳେ ସେଥିରୁ ୪୮ଟି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ସେହିପରି ସାମାଜିକ ଓ ଶିକ୍ଷାଗତ ଅନଗ୍ରସର ବର୍ଗ (ଏସ୍‌ଇବିସି) ପାଇଁ ୩୮ଟି, ଅନୁସୂଚିତ ଜାତି ବର୍ଗ ପାଇଁ ୮୧ଟି ଏବଂ ଅନୁସୂଚିତ ଜନଜାତି ବର୍ଗ ପାଇଁ ୭୭ଟି ପଦ ସଂରକ୍ଷିତ ରହିଛି। ଆବେଦନ କରିବାକୁ ଇଚ୍ଛୁକ ପ୍ରାର୍ଥୀଙ୍କ ବୟସ ୧ ଜାନୁଆରୀ ୨୦୨୬ ସୁଦ୍ଧା ୨୧ରୁ ୪୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସରକାରୀ ନିୟମ ଅନୁଯାୟୀ, ସଂରକ୍ଷିତ ବର୍ଗ, ମହିଳା ଓ ଅନ୍ୟ ଯୋଗ୍ୟ ବର୍ଗର ପ୍ରାର୍ଥୀଙ୍କୁ ବୟସ ସୀମାରେ ନିର୍ଦ୍ଧାରିତ ରିହାତି ମିଳିବ। ଏଥିପାଇଁ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିବା ସହ ପ୍ରାର୍ଥୀଙ୍କର କମ୍ପ୍ୟୁଟର ଜ୍ଞାନ ରହିବା ଆବଶ୍ୟକ। ଏଥିସହ ଓଡ଼ିଆ ଭାଷାରେ କଥା କହିବା, ପଢ଼ିବା ଓ ଲେଖିବାର ଦକ୍ଷତା ମଧ୍ୟ ଅନିବାର୍ଯ୍ୟ। ଚୟନ ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ। ପ୍ରଥମେ ୪୦୦ ମାର୍କର ଲିଖିତ ପରୀକ୍ଷା ଏବଂ ପରବର୍ତ୍ତୀ ସମୟରେ ୫୦ ମାର୍କର କମ୍ପ୍ୟୁଟର ସ୍କିଲ୍ ଟେଷ୍ଟ ଅନୁଷ୍ଠିତ ହେବ। ଲିଖିତ ପରୀକ୍ଷାରେ ସାଧାରଣ ଜ୍ଞାନ, ଯୁକ୍ତିଯୁକ୍ତ ଚିନ୍ତନ ଓ ବିଶ୍ଳେଷଣ, ଗଣିତ, ଇଂରାଜୀ ଏବଂ ଓଡ଼ିଆ ଭାଷା ସମ୍ପର୍କିତ ପ୍ରଶ୍ନ ରହିବ। ଭୁଲ୍ ଉତ୍ତର ପାଇଁ ପ୍ରତ୍ୟେକ ପ୍ରଶ୍ନରେ ୦.୨୫ ମାର୍କ କାଟିବାର ବ୍ୟବସ୍ଥା ରହିଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଲିଖିତ ପରୀକ୍ଷା ୧୭ ଜାନୁଆରୀ ୨୦୨୭ରେ ଅନୁଷ୍ଠିତ ହେବ। ନିଯୁକ୍ତି ସମ୍ପର୍କିତ ଯୋଗ୍ୟତା, ସଂରକ୍ଷଣ, ପରୀକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ନିୟମାବଳୀର ବିସ୍ତୃତ ବିବରଣୀ ପାଇଁ ଆଶାୟୀ ପ୍ରାର୍ଥୀମାନେ ଓଡ଼ିଶା ଲୋକସେବା ଆୟୋଗର ଅଫିସିଆଲ୍ ୱେବ୍‌ସାଇଟ୍ www.opsc.gov.inରେ ଉପଲବ୍ଧ ବିଜ୍ଞପ୍ତି ଅନୁଧ୍ୟାନ କରିପାରିବେ।



କାଳୀ ପୂଜାରେ ମୀନା ବଜାର ବନ୍ଦ ଘଟଣାରେ ଅସନ୍ତୋଷ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁରର ଗଣପର୍ବ ଭାବେ କାଳୀପୂଜା ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛି। ଯାଜପୁର ସହରର ଶାନ୍ତି କମିଟି, ସମସ୍ତ ପୂଜା କମିଟି ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଶାନ୍ତିଶୃଙ୍ଖଳାରେ ପୂଜା ଆୟୋଜନ କରାଯାଏ। ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରି ପ୍ରତିବର୍ଷ କାଳୀପୂଜା ଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ, ଯାଜପୁର ପୌରପାଳିକା ଦ୍ୱାରା ଆୟୋଜିତ ହେଉଥିବା ଆକର୍ଷଣୀୟ ମୀନା ବଜାର ମେଳା ଓ ଭସାଣ ଉତ୍ସବ ଠିକଣା ଭାବେ ଆୟୋଜନ କରାଯାଇ ଆସୁଥିଲା। କିନ୍ତୁ ଗତ ଦୁଇ ବର୍ଷ ହେଲା କାଳୀ ପୂଜା ଆୟୋଜନ ଠାରୁ ଆରମ୍ଭ କରି ଶାନ୍ତି କମିଟି ଗଠନ, ମୀନା ବଜାର ମେଳା ଆୟୋଜନରେ ନାନା ବିଶୃଙ୍ଖଳା ଦେଖାଦେଇଛି। ଶାନ୍ତି କମିଟିରେ ପ୍ରଶାସନ ମନ ଇଚ୍ଛା ଲୋକଙ୍କୁ ସାମିଲ କରିବାକୁ ନେଇ ବିବାଦ ଦେଖାଦେବା ସହ ବିଭିନ୍ନ ଆଳରେ ଯାଜପୁର ପୌରପାଳିକା ପକ୍ଷରୁ ଆୟୋଜିତ ହେଉଥିବା ମୀନା ବଜାର ମେଳାକୁ ପ୍ରଶାସନ ତରଫରୁ ବନ୍ଦ କରାଯାଉଥିବାରୁ ଯାଜପୁରର ବିଭିନ୍ନ ପୂଜା କମିଟି, ଶାନ୍ତି କମିଟି ଓ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ପୂଜା କମିଟି ଓ ଶାନ୍ତି କମିଟି ଦ୍ୱାରା ସ୍ଥାନୀୟ ପ୍ରମୋଦିନୀ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଯାଜପୁର ପୂଜା କମିଟିର ସଭାପତି କର୍ଣ୍ଣାଟ କେଶରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାଳୀ ପୂଜା ସମୟରେ ମୀନା ବଜାର ନକରିବା ଏବଂ ଏହି ଗାରିମାମୟ କାଳୀପୂଜାକୁ ଶ୍ରୀହିନ କରିବା ପଛରେ କେଉଁ ବ୍ୟକ୍ତି ବିଶେଷଙ୍କ ହାତ ରହିଛି ବୋଲି ପ୍ରଶ୍ନ କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ସହରବାସୀଙ୍କୁ ଜବାବ ଦିଅନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ପୂଜା କମିଟିର ସମ୍ପାଦକ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବଳଭଦ୍ର ଦାସ, ରାଜୀବ ମହାନ୍ତି, ସମରଜିତ ମହାନ୍ତି, ତୁଷାର ରଂଜନ ବେହେରା ଓ ମହମ୍ମଦ ଅର୍ଶଦୁଜ ଜମାନ୍‌ଙ୍କ ସହ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



ମିତବ୍ୟୟିତା, ସଂଚୟ, ସତର୍କତା ଓ ସଚେତନତା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ:ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସଂଚୟ ଏକ ଉତ୍ତମ ମାଧ୍ୟମ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ମିତବ୍ୟୟିତ, ସଞ୍ଚୟ, ସତର୍କତା ଓ ସଚେତନତା ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସହ ନିର୍ଦ୍ଦେଶକ, ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ନୀଳାଞ୍ଚଳ ସେଠୀଙ୍କର ଅଧ୍ୟକ୍ଷତାରେ ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗିତାରେ ସମ୍ବଲପୁରର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ । ପ୍ରାରମ୍ଭିକ ସୂଚନା ଦେଇ, ଶ୍ରୀ ସେଠୀ କହିଲେ ଯେ, ଆଜିର ଜୀବନରେ ସଞ୍ଚୟର ଅନେକ ଆବଶ୍ୟକତା ରହିଛି । ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସଞ୍ଚୟର ଆବଶ୍ୟକତା ବହୁତ । ତେଣୁ ମିତବ୍ୟୟିତାକୁ ସୁପ୍ରବନ୍ଧନ କରିବା ସହ ସଞ୍ଚୟ ପ୍ରତି ଧ୍ୟାନ ଦେବା ଉଚିତ୍। ଏଥିସହ ଆଜିର ଦିନରେ ସାଇବର ଠକେଇର ବ୍ୟାପକତା ଯେପରି ଭାବରେ ବଢ଼ୁଛି, ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ ହେବା ସହ ଯତ୍ନବାନ ହେବା ଜରୁରୀ ବୋଲି ଶ୍ରୀ ସେଠୀ କହିଥିଲେ । ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ତ୍ରିଲୋଚନ ତ୍ରିପାଠୀ, ଶଙ୍କର ବେହେରା ଓ ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଜୀବନ ଶୈଳୀ ଶୃଙ୍ଖଳିତ କରିବା ସହ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ପାଇଁ ସଞ୍ଚୟ ପ୍ରତି ଆଗ୍ରହି ହେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ପ୍ରତିଯୋଗୀତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ସେଣ୍ଟ ଜୋସେଫ୍ କନ୍‌ଭେଣ୍ଟ ସ୍କୁଲ୍‌ର ଆର୍ଯ୍ୟମେଶ ପାଣିଗ୍ରାହୀ (ପ୍ରଥମ), ସରକାରୀ ବାଳିକା ବିଦ୍ୟାଳୟ, ବାଲିବାନ୍ଧର ସୋଫିଆ ମଲ୍ଲିକ୍ (ଦ୍ୱିତୀୟ) ଓ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟ, ଧନୁପାଲିର ଜୋୟା ଖାନ (ତୃତୀୟ) ହୋଇଥିଲେ । ଆଗାମୀ ଦିନରେ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଆର୍ଥିକ ସଚେତନତା କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସହ ନିର୍ଦ୍ଦେଶକ ଶ୍ରୀ ସେଠୀ ସୂଚନା ଦେଇଛନ୍ତି । ବିନୀତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

୮୦ କୋଟିର ଆର୍ଥିକ ହେର୍‌ଫେର୍ ଅଭିଯୋଗ:ଚଢ଼ଉ ଓ ତଲାସୀ ଜାରି

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ



ରାୟଗଡ଼ା ଟ୍ରକ୍ ମାଲିକ ସଂଘର ପ୍ରାୟ ୮୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା, ପାଣ୍ଠି ହଡ଼ପ ଓ ଠକେଇ ଅଭିଯୋଗକୁ ନେଇ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଏନ୍. ଭାସ୍କର ରାଓଙ୍କ ଅଡୁଆ ବଢ଼ିଛି। ଏହି ଘଟଣାର ତଦନ୍ତକୁ ଜୋରଦାର୍ କରିଛି କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଶୁକ୍ରବାର ୮ଟି ସ୍ୱତନ୍ତ୍ର ଟିମ୍ ଏକକାଳୀନ ୧୧ଟି ସ୍ଥାନରେ ଚଢ଼ଉ କରିଛନ୍ତି। ରାୟଗଡ଼ା, ଭୁବନେଶ୍ୱର ସମେତ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ମଧ୍ୟ ତଲାସି ଚାଲିଥିବା ସୂଚନା ମିଳିଛି। ଇଓଡବ୍ଲ୍ୟୁର ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଅତିରିକ୍ତ ଏସ୍‌ପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିବାବେଳେ ଏଥିରେ ୫ ଜଣ ଡିଏସ୍‌ପି ଓ ୫ ଜଣ ଇନ୍ସପେକ୍ଟର ସାମିଲ୍ ଅଛନ୍ତି। ରାୟଗଡ଼ାର ରାଣୀଗୁଡ଼ା ଫାର୍ମ ସ୍ଥିତ ଭାସ୍କର ରାଓଙ୍କ ବାସଭବନ, ପିତଳା ଷ୍ଟ୍ରିଟ୍ ଓ ରୟତ କଲୋନୀରେ ତଲାସି କରାଯାଇଛି। ଏଥିସହ ଟ୍ରକ୍ ମାଲିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ଓ ଗୌତମନଗର ସ୍ଥିତ ଆଦିତ୍ୟ ଏଚ୍‌ପି ଗ୍ୟାସ୍ ଏଜେନ୍ସିରେ ମଧ୍ୟ ଯାଞ୍ଚ ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱରର ଫରେଷ୍ଟ ପାର୍କ, ବରମୁଣ୍ଡା, ଭୀମପୁର ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଆଦିତ୍ୟ ଇଣ୍ଡଷ୍ଟ୍ରିଜ୍, ଅରୁଣ ପାୱାର ପ୍ରୋଜେକ୍ଟସ୍, ଆରି ଆଦିତ୍ୟ ଲଜିଷ୍ଟିକ୍ସ, ଆଦିତ୍ୟ ଟ୍ରେଡିଂ ଆଣ୍ଡ ମାର୍କେଟିଂ ଏବଂ ରିଅଲ୍ ଇଷ୍ଟେଟ୍ ସମ୍ପର୍କିତ ପ୍ରତିଷ୍ଠାନ ଗୁଡ଼ିକରେ ଚଢ଼ଉ ହୋଇଛି। ବିଶାଖାପାଟଣା ସ୍ଥିତ ଏକ ବାସଭବନରେ ମଧ୍ୟ ତଲାସି ହେଉଥିବା ଦ୍ୱିତୀୟ ସୂତ୍ରରୁ ଜଣାପଡ଼ିଛି। ତଦନ୍ତକାରୀ ସଂସ୍ଥାର ପ୍ରାଥମିକ ଅଭିଯୋଗ ଅନୁଯାୟୀ, ୨୦୦୫ ମସିହାରୁ ଟ୍ରକ୍ ମାଲିକ ଓ ସଂଘର ସଦସ୍ୟଙ୍କ ଠାରୁ ବିଭିନ୍ନ ଆଳରେ ଅର୍ଥ ଆଦାୟ ହୋଇଆସୁଥିଲା। ଚାନ୍ଦା ଆଦାୟ ସହ ନକ୍ସଲ କାର୍ଯ୍ୟକଳାପର ଆଳ ଦେଖାଇ ଅର୍ଥ ସଂଗ୍ରହ, ଜୋର୍‌ଜବରଦସ୍ତି ଟଙ୍କା ଆଦାୟ ଓ ଧମକଚମକ ଦିଆଯାଉଥିବା ଅଭିଯୋଗ ରହିଛି। ସଂଗୃହୀତ ଅର୍ଥର ଉପଯୁକ୍ତ ହିସାବ ଓ ରସିଦ ରଖାଯାଉନଥିବା ସହ ସଂଘର ପାଣ୍ଠିକୁ ଲଜିଷ୍ଟିକ୍ସ, ବାଣିଜ୍ୟ, ଖଣି ଓ ରିଅଲ୍ ଇଷ୍ଟେଟ୍ ଭଳି ଘରୋଇ ବ୍ୟବସାୟରେ ବିନିଯୋଗ କରାଯାଇଥିବା ଅଭିଯୋଗ ମଧ୍ୟ ତଦନ୍ତ ପରିସରରେ ରହିଛି। ସେପ୍ଟେମ୍ବର ୨୨, ୨୦୨୬ରେ ରୁଜୁ ଇଓଡବ୍ଲ୍ୟୁ ମାମଲା ନଂ. ୧୫ ଆଧାରରେ ଏହି ତଦନ୍ତ ଚାଲିଛି। ମାମଲାରେ ଆଇପିସିର ଧାରା ୪୦୬, ୪୦୩, ୪୧୭, ୪୨୦, ୩୮୪, ୫୦୬ ଓ ୩୪ ଅନୁଯାୟୀ ଅଭିଯୋଗ ରହିଛି। ଚଢ଼ଉରେ ବିଭିନ୍ନ କାଗଜପତ୍ର, ବ୍ୟାଙ୍କ କାରବାର ଓ ଆର୍ଥିକ ରେକର୍ଡ ଯାଞ୍ଚ କରାଯାଉଛି। ତେବେ କେଉଁ କେଉଁ ପ୍ରମାଣ ଜବତ ହୋଇଛି, ସେ ସମ୍ପର୍କରେ ବିସ୍ତୃତ ସୂଚନା ଏଯାଏଁ ସାମ୍ନାକୁ ଆସିନାହିଁ। ସଂଘର ପାଣ୍ଠି କେଉଁ ଖାତାକୁ ଯାଇଛି, କେଉଁ ବ୍ୟବସାୟରେ ବିନିଯୋଗ ହୋଇଛି ଏବଂ ଏଥିରେ କାହାର କେତେ ଭୂମିକା ରହିଛି, ତାହା ଏବେ ଇଓଡବ୍ଲ୍ୟୁର ତଦନ୍ତର ମୁଖ୍ୟ ପ୍ରସଙ୍ଗ। ଅଭିଯୋଗର ସତ୍ୟତା ତଦନ୍ତ ଶେଷ ପରେ ସ୍ପଷ୍ଟ ହେବ।

ନବରଙ୍ଗପୁରରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନର ଶୁଭାରମ୍ଭ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଯୁବପିଢ଼ିଙ୍କୁ ତମାଖୁ ସେବନର କୁପ୍ରଭାବରୁ ସୁରକ୍ଷିତ ରଖିବା ଏବଂ ଏକ ସୁସ୍ଥ ଓ ତମାଖୁମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ନବରଙ୍ଗପୁର ଆନୁକୂଲ୍ୟରେ ଆଜି 'ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୪.୦'ର ଶୁଭାରମ୍ଭ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ତ୍ତମାନ ଅଧ୍ୟକ୍ଷତା କରିଥିଲେ। ସେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତମାଖୁମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ପାଠ କରାଇବା ସହ ଅଭିଯାନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଳୟ ପ୍ରଧାନ, ଏଡିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ) ଡା. ମଳୟ ତ୍ରିପାଠୀ, ଡିଏମ୍‌ଓ ଡା. ସୁକାନ୍ତ ଚନ୍ଦ୍ର ଶତପଥୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିପିଏମ୍ ଶଙ୍କର ଆଚାର୍ଯ୍ୟ, ଡିଏମ୍‌ଆର୍‌ସିଏଚ୍ ମାନସ କୁମାର ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ, ସିଡିପିଓ, ପିଏଚ୍‌ଇଓ ଏବଂ ବିପିଏମ୍‌ମାନେ ଯୋଗଦେଇଥିଲେ। ଉପସ୍ଥିତ ଅଧିକାରୀମାନେ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ଏହାକୁ ସଫଳ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ତମାଖୁ ସେବନ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। ଏହାଦ୍ୱାରା କର୍କଟ ରୋଗ, ହୃଦ୍‌ରୋଗ, ଶ୍ୱାସକ୍ରିୟାଜନିତ ରୋଗ ଓ ଅନ୍ୟାନ୍ୟ ଅଣସଂକ୍ରାମକ ରୋଗ ହେବାର ଆଶଙ୍କା ରହିଛି। ତମାଖୁର ଧୂଆଁରେ ହଜାର ହଜାର କ୍ଷତିକାରକ ରାସାୟନିକ ପଦାର୍ଥ ରହିଥିବା ବେଳେ ଏଥିମଧ୍ୟରୁ ଅନେକ କର୍କଟ ସୃଷ୍ଟିକାରୀ। ଏହାର ପ୍ରଭାବ କେବଳ ତମାଖୁ ସେବନକାରୀଙ୍କ ଉପରେ ନୁହେଁ, ପରୋକ୍ଷ ଧୂମପାନ ଦ୍ୱାରା ଅନ୍ୟମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାନ୍ତି। ଆଗାମୀ ଦୁଇ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ତମାଖୁ ସେବନର ଭୟାବହତା ଏବଂ ଏହାର ସ୍ୱାସ୍ଥ୍ୟଗତ କୁପ୍ରଭାବ ସମ୍ପର୍କରେ ସଚେତନ କରାଇବା। ଏଥିସହ ତମାଖୁ ସେବନ ଆରମ୍ଭ ନକରିବା, ଏହି ଅଭ୍ୟାସରେ ଜଡ଼ିତ ବ୍ୟକ୍ତିଙ୍କୁ ତମାଖୁ ଛାଡ଼ିବା ପାଇଁ ପ୍ରେରିତ କରିବା ଏବଂ ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟକେନ୍ଦ୍ରରୁ ପରାମର୍ଶ ଓ ସହାୟତା ନେବା ଉପରେ ଗୁରୁତ୍ୱ ଦିଆଯିବ। ଏହି ଅଭିଯାନକୁ ଜିଲ୍ଲାର ତୃଣମୂଳସ୍ତରରେ ସଫଳ କରିବା ନିମନ୍ତେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଯୁବବର୍ଗ ଓ ସାଧାରଣ ଜନସାଧାରଣଙ୍କୁ ତମାଖୁ ସେବନରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ତମାଖୁମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସଚେତନ କରାଯିବ। କାର୍ଯ୍ୟକ୍ରମକୁ ଏଡିପିଏଚ୍‌ଓ ରାମହରି ପଣ୍ଡା ଏବଂ ଏଏମ୍-ଏନ୍‌ସିଡି ତରୁଣ କୁମାର ସାହୁ ସୁଚାରୁରୂପେ ପରିଚାଳନା କରିଥିଲେ।

ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୯ / ୮	୭	ଶୁ୬ / ଚନ୍ଦ୍ର
୧୦ମ	୧୪ / ୭	୪
୧୧କେତୁ / ୧୨ଶ୍ରୁ	ବୁଧଚଲ	୩ / ୨

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ


ତା୮।୧୧।୨୦୨୬, କାର୍ତ୍ତିକ ଦ୨୩ନ, ରବିବାର

ସୂର୍ଯ୍ୟୋଦୟ- ଘ ୫।୫୩।୧୨ ଚନ୍ଦ୍ରୋଦୟ- ନିଘ୫।୪୫।୩୬


ଚତୁର୍ଦ୍ଦଶୀ ଦିଘ ୧୧।୩୦ ପର୍ଯ୍ୟନ୍ତ। ସ୍ୱାତୀ ନକ୍ଷତ୍ର ଅହୋରାତ୍ର । ତୁଳା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୧।୩୦ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୪୦ ଗତେ ଦିଘ ୮।୫୫ ମଧ୍ୟେ ଦିଘ ୧୨।୫୬ ଗତେ ଦିଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ଦୀପାବଳୀ ଅମାବାସ୍ୟା, ପୟା ଶ୍ରାଦ୍ଧ, କାଳୀ ପୂଜା, ନଷ୍ଟ ଚନ୍ଦ୍ରୋପବାସ ଓ ନିଶା ପାଳନ।



ମେଷ: କର୍ମକ୍ଷେତ୍ରରେ ଉନ୍ନତି । ଦୂରଯାତ୍ରାରେ କାର୍ଯ୍ୟ ସାଫଲ୍ୟ ଯୋଗ। ସ୍ନେହ ସୌହାର୍ଦ୍ଦ୍ୟ ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ବନ୍ଧୁ ଦର୍ଶନ ମିଳିବ। ପାରିବାରିକ ଶାନ୍ତି ଲାଭ ହେବାର ସୂଚନା।




ବୃଷ: ଅଭିମାନୀ ହେବେ। କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ଆତ୍ମଗର୍ବ ହେତୁ ଅପଦସ୍ତ ହୋଇପାରନ୍ତି। ଆୟରେ ଉନ୍ନତି ଆସିବ। ପରିବାରରେ ଜଞ୍ଜାଳ ବୃଦ୍ଧି ହେବାର ସୂଚନା। ମହିଳାମାନେ ଗର୍ବୀ ହେବେ।



ମିଥୁନ: କର୍ମକ୍ଷେତ୍ରରେ ହୀନମନ୍ୟତା ହେବେ। ନିରବତା ଅବଲମ୍ବନ ଦ୍ୱାରା କାର୍ଯ୍ୟ ସିଦ୍ଧି ହେବ। ଆୟ ଠାରୁ ବ୍ୟୟର ପରିମାଣ ବୃଦ୍ଧି ପାଇବ। ମନରେ ଶାନ୍ତି ଲାଭ ହେବ। ଶରୀର ସୁସ୍ଥ ରହିବାର ସୂଚନା।



କର୍କଟ: ଅସହଯୋଗ ବଢ଼ି ଚାଲିବ। କାର୍ଯ୍ୟକ୍ଷେତ୍ରରେ ବିଳମ୍ବ ପାଇଁ ବିରକ୍ତି ଲାଗିବ। ଅଶାନ୍ତିର ସୂତ୍ରପାତ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଭାତୃ ବା କୁଟୁମ୍ବେ କଳହ ସୃଷ୍ଟି ହେବ।




ସିଂହ: ଆଜି ଦିନଟି ବେଶ୍ ଭଲରେ କଟିବ। ବନ୍ଧୁ ବା ସହକର୍ମୀଙ୍କ ସହଯୋଗ ଲାଭ କରିବେ। ଦୂରଯାତ୍ରାରେ କର୍ମ ପ୍ରାପ୍ତି। ଆୟର ପନ୍ଥା ସୁଗମ ହେବ। ଦେହ ଭଲ ରହିବ। ପାରିବାରିକ ସୁଖ ଶାନ୍ତି ଲାଭ ହେବାର ସୂଚନା।



କନ୍ୟା: ମନରେ ଶାନ୍ତି ଲାଗି ରହିବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ। ଆୟରେ ବାଧା ଉପୁଜିପାରେ। ନିଜକୁ ପରାଧୀନ ପରି ଅନୁଭବ କରିବେ। ପାରିବାରିକ ଶାନ୍ତି ଲାଭ ହେବ। ବ୍ୟବସାୟରେ ଲାଭବାନ୍ ହେବେ ।




ତୁଳା: ସୁଖ ସମ୍ମାନ ଲାଭ କରିବେ। କର୍ମକର୍ତ୍ତା ବା ଗୁରୁଜନଙ୍କ ଦ୍ୱାରା ପ୍ରଶଂସା ଭାଜନ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ନୂତନ କାର୍ଯ୍ୟ ପ୍ରାପ୍ତି। ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କଟିବ ।




ବିଛା: ଅଯଥା ଅହଂକାର ମନରେ ପ୍ରକାଶ ପାଇବ। ପ୍ରତ୍ୟେକ କାର୍ଯ୍ୟକୁ ହତାଦର କରି ଧନ କ୍ଷୟର ସମ୍ମୁଖୀନ ହୋଇପାରନ୍ତି। ଦେହ ଭଲ ରହିଲେ ମଧ୍ୟ ମନରେ ବିରକ୍ତି ଆସିବ। ଗୃହେ ଶାନ୍ତି ଲାଭ ହେବ।



ଧନୁ: ଆୟ ଓ ବ୍ୟୟ ସମାନ ରହିଲେ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିର ଆନନ୍ଦ ଅନୁଭବ କରିବେ। ଗୁରୁଜନଙ୍କ ସହଯୋଗ ମିଳିବ। ଦୂର ସ୍ଥାନକୁ ଯାତ୍ରା କରି ଖୁସି ହେବେ। ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ ।



ମକର: କର୍ମକ୍ଷେତ୍ରରେ ଆନନ୍ଦ ପ୍ରାପ୍ତି। ପାରସ୍ପରିକ ସହଯୋଗ ଲାଭ। ଆୟରେ ପ୍ରଗତି ଆସିବ। ପାରିବାରିକ ଶାନ୍ତି ଲାଭ ହେବ। ସୁଖ ସମ୍ମାନ ପ୍ରାପ୍ତି ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା।



କୁମ୍ଭ: ମନରେ ଭକ୍ତିଭାବ ଉଦ୍ରେକ ହେବ। କୌଣସି ସାର୍ବଜନୀନ କର୍ମ ବା ସେବା ପୂଜାରେ ମନ ନିବେଶ କରିବେ। ରୋଜଗାର ସ୍ଥିର ରହିବ। କିନ୍ତୁ ପାରିବାରିକ ଅଶାନ୍ତିର ଯୋଗ ମଧ୍ୟ ରହିଛି। ମହିଳାମାନେ ଗର୍ବୀ ହେବେ।



ମୀନ: ଦେହ ଭଲ ରହିବ। କିନ୍ତୁ କର୍ମକ୍ଷେତ୍ରରେ ଅବନତି ଯୋଗ। ମନରେ ଅଶାନ୍ତି ଆସିବ। ଆୟ ଓ ବ୍ୟୟର ପରିମାଣ ପ୍ରାୟ ସମାନ ରହିବ। ପରିବାରରୁ ସହଯୋଗ ପ୍ରାପ୍ତି। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୯।୧୧।୨୦୨୬, କାର୍ତ୍ତିକ ଦ୨୪ନ, ସୋମବାର

ସୂର୍ଯ୍ୟୋଦୟ- ଘ ୫।୫୩।୪୩ ଚନ୍ଦ୍ରୋଦୟ- ପ୍ରାଘ୬।୦।୧୪୮

ଅମାବାସ୍ୟା ଦିଘ ୧୨।୩୩ ପର୍ଯ୍ୟନ୍ତ। ସ୍ୱାତୀ ନକ୍ଷତ୍ର ପ୍ରାଘ ୨।୨୬ ପର୍ଯ୍ୟନ୍ତ। ତୁଳା ଚନ୍ଦ୍ର ରାଘ ୨।୫୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର। ରାଘ ୨।୫୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୧୨।୩୩ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୭ ଗତେ ଦିଘ ୭।୨୦ ମଧ୍ୟେ ଦିଘ ୮।୫୬ ଗତେ ଦିଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** କାର୍ତ୍ତିକ ଅମାବାସ୍ୟା, ଗୋବର୍ଦ୍ଧନୋତ୍ସବ, ଗିରିଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ସୋମହତୀ, ଗୋସହସ୍ରୀ ଗଙ୍ଗା ସ୍ନାନ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

୮୦ ହଜାର ଡେଇଁଲା ସେନ୍ସେକ୍ସ

ଦୀପାବଳି ପୂର୍ବରୁ ଭାରତୀୟ ବଜାରରେ ଦେଖାଦେଇଛି ବଡ଼ ଉଛାଳ । ଲଗାତର ସପ୍ତମ ଦିନ କାରବାରରେ ବଜାର ଉପରମୁହାଁ । ୫ ବର୍ଷରୁ ଅଧିକ ସମୟ ମଧ୍ୟରେ ସର୍ବବୃହତ୍ ସାପ୍ତାହିକ ଲାଭ ହାସଲ କରିଛନ୍ତି ନିବେଶକ। ଏଥିସହିତ ନିବେଶକଙ୍କ ସମ୍ପତ୍ତି ପାଖାପାଖି ୩୦ ଲକ୍ଷ କୋଟି ଟଙ୍କା ବଢ଼ିଯାଇଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ସେନ୍ସେକ୍ସ ୧,୭୧୮ ପଏଣ୍ଟ ବଢ଼ି ୮୧,୦୨୮.୦୨ ପଏଣ୍ଟରେ ବନ୍ଦ ହୋଇଛି । ଅନ୍ୟପକ୍ଷରେ, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ନିଫ୍ଟି ୪୯୪ ପଏଣ୍ଟ ବଢ଼ି ୨୫,୦୩୦.୩୫ ପଏଣ୍ଟରେ ବନ୍ଦ ହୋଇଛି । ୮ ମାସରୁ ଅଧିକ ସମୟ ମଧ୍ୟରେ ଉଭୟ ସୂଚକାଙ୍କ ନିଜ ନିଜର ସର୍ବୋଚ୍ଚ ସ୍ତରରେ ବନ୍ଦ ହୋଇଛି । ଏଇ ସପ୍ତାହରେ ସେନ୍ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୮.୮% ଏବଂ ୮.୬% ବୃଦ୍ଧି ପାଇଛି । ବଜାରରେ ଏହି ବୃଦ୍ଧି ସହିତ ବିଏସ୍ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ମୂଲ୍ୟ ୫୦୩.୧୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅକ୍ଟୋବର ୨୮ରୁ ଏଥିରେ ୨୯.୫୭ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଅକ୍ଟୋବର ୨୮ରୁ ସେନ୍ସେକ୍ସ ୭,୭୮୨ ପଏଣ୍ଟ ବଢ଼ିଥିବାବେଳେ ନିଫ୍ଟି ୨,୩୩୧.୫୦ ପଏଣ୍ଟ ବଢ଼ିଛି । ବିଶ୍ୱର ଅନ୍ୟ ବଜାରଗୁଡ଼ିକରେ ହ୍ରାସ ଦେଖାଦେଇଥିବାବେଳେ ଭାରତରେ କିନ୍ତୁ ଉତ୍ସାହ ଦେଖିବାକୁ ମିଳିଛି । ଦକ୍ଷିଣ କୋରିଆର କୋସ୍ପି ଏବଂ ଜାପାନର ନିକ୍କେଇରେ ୬% ଲେଖାଏଁ ହ୍ରାସ ଘଟିଛି । ତାଇୱାନ ବଜାର ୪.୫% ଖସିଛି। ଭାରତୀୟ ବଜାର ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନଙ୍କ ଦ୍ୱାରା ପ୍ରଚୁର ମାତ୍ରାରେ ନିବେଶ । କେବଳ ନଭେମ୍ବର ୫ରେ ବିଦେଶୀ ନିବେଶକମାନେ ୧୫,୦୦୦ କୋଟି ଟଙ୍କାର ସେୟାର କିଣିଛନ୍ତି । ୬ ବର୍ଷ ମଧ୍ୟରେ ଏଫ୍ଆଇଆଇମାନଙ୍କ ଦ୍ୱାରା ଏହା ସର୍ବବୃହତ୍ ଦୈନିକ ନିବେଶ । ଲମ୍ବା ସମୟ ଧରି ଭାରତୀୟ ବଜାରରୁ ପୁଞ୍ଜି ବହିଃ ପ୍ରବାହ କରିବା ପରେ ଏବେ ବିଦେଶୀ ନିବେଶକମାନେ ଭାରତ ବଜାରକୁ ପୁଣି ଫେରୁଛନ୍ତି । ଏଆଇ ଷ୍ଟକ ଗୁଡ଼ିକ ସହ ଭାରତର ସୀମିତ ସମ୍ପର୍କ ଏହା ପାଇଁ ଲାଭବାନ ପାଲଟିଛି। କାରଣ ବିଭିନ୍ନ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକ ଏଆଇରେ ପ୍ରଚୁର ନିବେଶ କରି ଏବେ ଚିନ୍ତିତ । ବିଶ୍ୱ ଏଆଇ ଷ୍ଟକଗୁଡ଼ିକରେ ଏବେ ବଡ଼ ପତନ ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ, କମ୍ପାନିଗୁଡ଼ିକର ତ୍ରୟମାସିକ ଫଳାଫଳ ମଧ୍ୟ ବଜାରରେ ଉତ୍ସାହ ଆଣିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ।



ନିଶାପ
(ନିରପେକ୍ଷ ଶାସନ ପଦ୍ଧତି)
ସଦ୍ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ସ୍ୱତନ୍ତ୍ର

ଶ୍ରଦ୍ଧେୟ ଭକ୍ତବୃନ୍ଦ ସାଧୁ ହେଉଛି ସ୍ୱତନ୍ତ୍ର । ସ୍ୱତନ୍ତ୍ରତା ନଥିଲେ ସେ କେବେବି ସାଧୁ ହୋଇପାରେନା । ସ୍ୱତନ୍ତ୍ରତା ନଥିଲେ ଜଣେ ସାଧନାର ମାର୍ଗକୁ ଦୃଢ଼ୀଭୁତ କରିପାରେନା, କେନ୍ଦ୍ରୀଭୂତ କରିପାରେନା । ତେଣୁ ସେ ଈଶ୍ୱରୀୟ ସମ୍ବନ୍ଧୀୟ ଜ୍ଞାନକୁ ଉପଲବ୍ଧି କରିପାରେନା,ମୁକ୍ତିର ମାର୍ଗକୁ ସମାଜରେ ଆବୃତ କରିପାରେନା । ଏହା ହିଁ ସାଧୁର ପ୍ରଥମ ସୋପାନ । ସତ୍ୟକୁ ଉପଲବଧି କରି ସନାତନ ଧର୍ମର ମାର୍ଗକୁ ବୁଝି ତାର ତତ୍ତ୍ୱକୁ ବୁଝିବା ହେଉଛି ସ୍ୱତନ୍ତ୍ରତା । ସ୍ୱତନ୍ତ୍ରତା ନଥିଲେ ହୃଦୟରେ ପ୍ରେମର ପରାକାଷ୍ଠା ଉପଲବ୍ଧ ହୁଏନାହିଁ କି ଭକ୍ତିର ସଞ୍ଚାର ହୁଏନାହିଁ । ତେଣୁ ଦର୍ଶନ ପ୍ରଭୁଙ୍କର ହେବ କିପରି । ତେଣୁ ଗୀତାରେ ଦେଖ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଭଗବାନଙ୍କର ବାଣୀ ଏତେ ଶୁଣାଇଲା ସେ କଣ ବୁଝିଲା । କାରଣ ତାର ସ୍ୱତନ୍ତ୍ରତା ନଥିଲା । ତେଣୁ ସେ ଆଖି ଥାଇବି ଅନ୍ଧ । ମାୟା ମୋହର କବଳରେ ପଡି ସେ ସ୍ୱତନ୍ତ୍ରତା ହରାଇସାରିଥିଲା। ସେ ମାର୍ଗଦର୍ଶୀ ହୋଇପାରିଲା ନାହିଁ ତେଣୁ ଗୁରୁ ହେଉଛନ୍ତି ସ୍ୱତନ୍ତ୍ର୬ । ସ୍ୱତନ୍ତ୍ରତା ନଥିଲେ ସେ ଶିଷ୍ୟକୁ ସତ୍ମାର୍ଗରେ ପରିଚାଳନା କରିପାରନ୍ତି ନାହିଁ । ସେହି ଗୀତାରେ ଦେଖ,ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱତନ୍ତ୍ରତା ଯୋଗୁଁ ସେ ଅର୍ଜୁନକୁ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ନେଇ ପୂର୍ଣ୍ଣତାପ୍ରାପ୍ତ କରାଇ ଜଗତରେ ଶିଷ୍ୟକୁ ପ୍ରତିଷ୍ଠିତ କରିପାରିଥିଲେ। ହରି ଓଁ ।

ଆନନ୍ଦ ଉଲ୍ଲାସର ପର୍ବ-ଦୀପାବଳି



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ଆନନ୍ଦ ଉଲ୍ଲାସ ଓ ଆଲୋକର ପର୍ବ ଦୀପାବଳି, କାଳୀପୂଜା ଏବଂ ପୟାଶ୍ରାଦ୍ଧ, ଭାରତର ଏକ ରାଷ୍ଟ୍ରୀୟ ପର୍ବ। ଗୋଟିଏ ଦୁଇଟି ରାଜ୍ୟକୁ ଛାଡ଼ିଦେଲେ ଦେଶରେ ପ୍ରତିଟି ଅଂଚଳର ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ ଓ ଶିଖମାନେ ଅମାବାସ୍ୟା ରାତ୍ରିରେ ଅଗଣିତ ଦୀପାଳି ଜାଳନ୍ତି ଓ ରଙ୍ଗବେରଙ୍ଗୀ ବାଣ ଫୁଟାଇ ମହା ଆନନ୍ଦରେ ପର୍ବ ପାଳନ କରନ୍ତି। ହିନ୍ଦୁ ପରମ୍ପରାରେ ଅନ୍ଧାର ଉପରେ ଆଲୋକର ବିଜୟ ହିଁ ଏହି ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସାମନାରେ ଏହିଦିନ ସଂଧ୍ୟାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ କାଉଁରିଆ ଜାଳି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନିବେଦନ କରିଥାନ୍ତି-'ବଡ଼ ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ,... ବାଇଶି ପାହାଚେ ଗଡ଼ଗଡ଼ଉ ଥାଅ।' ବିଶ୍ୱାସ ଅଛି, ଆଶ୍ୱିନ ଅମାବାସ୍ୟା ମହାଳୟା ତିଥିରେ ସମଗ୍ର ପିତୃପୁରୁଷ ତାଙ୍କ ବଂଶଧର ମାନଙ୍କ ଠାରୁ 'ତିଳ ଓ ତଣ୍ଡୁଳ' ପାଇବା ଆଶାରେ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି। ମର୍ତ୍ତ୍ୟରେ ଉକ୍ତଦିନ ସେମାନଙ୍କର ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଲାଭ କରି ବଂଶଧରମାନଙ୍କୁ ସେମାନେ ଆଶୀର୍ବାଦ ପ୍ରଦାନ କରନ୍ତି ମାତ୍ର ଫେରି ନ ଯାଇ ମର୍ତ୍ତ୍ୟ ଲୋକର ଆକର୍ଷଣରେ ଏକମାସ ଧରି ରହିଯାଆନ୍ତି। ଦୀପାବଳି ଅମାବାସ୍ୟା ଦିନ ସେଇଥିପାଇଁ ସେମାନଙ୍କୁ ଦୀପାଲୋକ ଦେଖାଯାଏ ଏବଂ କାଉଁରିଆ ଜାଳି ଉପରକୁ ଦେଖେଇ କୁହାଯାଏ, 'ଅନ୍ଧାରରେ ଆସି ଆଲୁଅରେ ଯାଅ।'

ପୁରାଣ ବର୍ଣ୍ଣନା ଅନୁଯାୟୀ ମହାଭାରତ ଯୁଦ୍ଧରେ ନିହତ ହୋଇ ମହାଦାନୀ କର୍ଣ୍ଣ ସ୍ୱର୍ଗଲୋକକୁ ଗମନ କରିଥିଲେ। ମାତ୍ର ସେଠାରେ ସେ କ୍ଷୁଧାର୍ତ୍ତ ହୋଇ ଖାଦ୍ୟ ମାଗିବାରୁ ତାଙ୍କୁ ଖାଦ୍ୟ ବଦଳରେ ସ୍ୱର୍ଣ୍ଣ ଦିଆଗଲା। ଏହାର କାରଣ ସ୍ୱରୂପ ତାଙ୍କୁ କୁହାଗଲା ଯେ, ମର୍ତ୍ତ୍ୟ ଲୋକରେ ସେ ବହୁ ସ୍ୱର୍ଣ୍ଣଦାନ କରିଛନ୍ତି। ମାତ୍ର 'ଅନ୍ନଦାନ' କରିନାହାନ୍ତି। ଅନ୍ନ ପାଇବା ପାଇଁ ମର୍ତ୍ତ୍ୟ ଲୋକକୁ ଫେରି କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ କରିବାକୁ ପଡ଼ିବ। ସର୍ତ୍ତ ଅନୁଯାୟୀ ମହାଦାନୀ କର୍ଣ୍ଣ ମହାଳୟା ଅମାବାସ୍ୟା ଦିନ ମର୍ତ୍ତ୍ୟ ଲୋକକୁ ଆସି ଏଠାରେ ଏକ ମାସ ଅବସ୍ଥାନ କରି ଅନ୍ନଦାନ କରିଥିଲେ ଓ ଦୀପାବଳି ଅମାବାସ୍ୟା ଦିନ ସ୍ୱର୍ଗ ଲୋକକୁ ଫେରି ଯାଇଥିଲେ। ସେହି ସ୍ମୃତିରେ ବଡ଼ବଡୁଆ ଡାକ ଓ ଦୀପାବଳି ଉତ୍ସବ ପାଳନ କରାଯାଇଥାଏ।

ରାମାୟଣ ବର୍ଣ୍ଣନା ଅନୁଯାୟୀ ପ୍ରଭୁ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଶେଷରେ ଦୁରାଚାରୀ ରାବଣ କବଳରୁ ସତୀ ସୀତାଙ୍କୁ ଉଦ୍ଧାର କରି ଏହିଦିନ ଅଯୋଧ୍ୟା ନଗରୀରେ ପହଞ୍ଚିଥିଲେ। ସମସ୍ତ ନଗରବାସୀ ଖୁସିରେ ଆତ୍ମହରା ହୋଇ ଉତ୍ସବ ପାଳନ କରିଥିଲେ ଓ ପ୍ରତି ଘରର ଦାଣ୍ଡଦୁଆରେ ଦୀପ ଜାଳି ବାଣ ଫୁଟାଇ ପ୍ରଭୁ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ। ଏହିଦିନ ମହାଦାନୀ 'ବଳୀ ରାଜା ଉତ୍ସବ' ପାଳିତ ହୋଇଥାଏ। ବଳୀ ଠାରୁ ଦାନ ନେଇ ତାକୁ ପାତାଳରେ ସ୍ଥାପନା କରିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ବର ଦେଇଥିଲେ ଯେ ବଳୀ ରାଜା ଧରାପୃଷ୍ଠରେ ଥିବା ତାଙ୍କର ପ୍ରଜାମାନଙ୍କୁ ବର୍ଷକେ ଥରେ କାର୍ତ୍ତିକ ଅମାବାସ୍ୟା ଦିନ ଭେଟି ପାରିବେ। ସେହି ଖୁସିରେ ପୃଥିବୀ ବାସୀ ଦୀପ ଜାଳି ଓ ବାଣ ଫୁଟେଇ ତାଙ୍କୁ ସ୍ୱାଗତ କରନ୍ତି। ମହାଭାରତ ମହାପୁରାଣ ଅନୁସାରେ ଏହିଦିନ ଭଗବାନ ଶ୍ରୀକୃଷ୍ଣ ନରକାସୁରକୁ ବଧ କରି ତା'ର ବନ୍ଦୀଶାଳାରୁ ଷୋଳ ହଜାର ରାଜକନ୍ୟାଙ୍କୁ ଉଦ୍ଧାର କରିଥିବାରୁ ଦ୍ୱାରକାବାସୀ ସେମାନଙ୍କୁ ପ୍ରଦୀପ ମାଳାରେ ଅଭିନନ୍ଦିତ କରିଥିଲେ।

ଦିଗ୍‌ବିଜୟୀ ପ୍ରଜାବତ୍ସଳ ରାଜା ବିକ୍ରମାଦିତ୍ୟଙ୍କର ବିଜୟୋତ୍ସବ ଉପଲକ୍ଷେ ମଧ୍ୟ ଏହି ପର୍ବ ପାଳନ କରାଯାଇଥିଲା। ଦୀପାବଳି ଦିନ ଦେବୀ ଲକ୍ଷ୍ମୀ ସମୁଦ୍ର ମନ୍ଥନରୁ ଆବିର୍ଭୂତା ହୋଇଥିଲେ ଏବଂ ଏହି ଦିନ ଭଗବାନ ବିଷ୍ଣୁ ନୃସିଂହ ଅବତାର ଧାରଣ କରି ହିରଣ୍ୟକଶିପୁକୁ ବଧ କରିଥିଲେ। କେତେକଙ୍କ ମତରେ ଦୀପାବଳି କେବଳ ଏକ ଦିନର ଉତ୍ସବ ନୁହେଁ, ବରଂ ପୂର୍ବାପର ଦିନ ମିଶାଇ ଏହା ଏକ ସପ୍ତାହର ପର୍ବ। କୁହାଯାଏ, ଏହିଦିନ ବ୍ରତ ରଖିଲେ ମନୁଷ୍ୟର ଧନ, ସ୍ୱାସ୍ଥ୍ୟ, ଯଶ ଓ ଆୟୁଷ ବୃଦ୍ଧି ପାଇଥାଏ। ପୌରାଣିକ ମତରେ ପୂର୍ବ କାଳରେ ଦେବତା ଓ ରାକ୍ଷସମାନେ ମିଶି ସମୁଦ୍ର ମନ୍ଥନ କଲାବେଳେ ରାଜବୈଦ୍ୟ ଧନ୍ୱନ୍ତରୀ ହାତରେ 'ଅମୃତ କଳସ' ଧରି ପ୍ରକଟ ହୋଇଥିଲେ ଯାହାକୁ ହାସଲ କରିବାପାଇଁ ସେମାନଙ୍କ ମଧ୍ୟରେ କଳି ଲାଗିଯାଇଥିଲା। ଏହି ସପ୍ତାହରେ ଧନ୍ୱନ୍ତରୀଙ୍କ ସହିତ କୁବେର ଓ ଯମ ଦେବତାଙ୍କର ମଧ୍ୟ ପୂଜା କରାଯାଇଥାଏ।

ପଶ୍ଚିମ ଭାରତର ଯେଉଁସବୁ ଅଂଚଳରେ ଦୀପାବଳି ଅମାବାସ୍ୟା ଦିନ କାଳୀପୂଜା ପରିବର୍ତ୍ତେ ଲକ୍ଷ୍ମୀପୂଜା କରାଯାଏ ସେ ଅଂଚଳରେ ଏହି ପୂଜାକୁ 'ଧନତେରାସ' କୁହାଯାଏ। ବିଶ୍ୱାସ କରାଯାଏ, ଦୀପାବଳି ସପ୍ତାହରେ ସୁନା ସଂଗ୍ରହ କଲେ ବା କିଣିଲେ, ସାରାବର୍ଷ ସେ ଘରକୁ ସୁନାର ସ୍ରୋତ ଆସିବାରେ ଲାଗିଥାଏ। ଏହି ଦିନ ସିଦ୍ଧିଦାତା ଗଣେଶ, ଐଶ୍ୱର୍ଯ୍ୟମୟୀ ଲକ୍ଷ୍ମୀ ଓ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କର ପୂଜାର୍ଚ୍ଚନା କଲେ ଅଭିଷ୍ଟ ପୂରଣ ହୋଇଥାଏ ବୋଲି ବିଶ୍ୱାସ। ଏହି ସପ୍ତାହର ଦ୍ୱିତୀୟା ଦିନ ଯମ ଦ୍ୱିତୀୟା ଓ ଭାତୃ ଦ୍ୱିତୀୟା ରୂପେ ପାଳନ କରାଯାଇଥାଏ। କଥିତ ଅଛି, ଦ୍ୱିତୀୟା ଦିନ ଯମରାଜା ତାଙ୍କ ଭଉଣୀ 'ଯମୁନା'ଙ୍କ ଘରକୁ ଯାଇଥିଲେ। ଯମୁନା ଖୁସିରେ ନିଜ ହାତରେ ରୋଷେଇ କରି ଯମରାଜାଙ୍କୁ ଖୁଆଇ ଥିଲେ। ଏଥିରେ ଅତ୍ୟନ୍ତ ପ୍ରୀତ ହୋଇ ଯମରାଜା ଆଶୀର୍ବାଦ କରିଥିଲେ, 'ଆଜିଦିନରେ ଯିଏ ନିଜ ଭଉଣୀ ଘରକୁ ଆସି ଭୋଜନ କରିବ ସେ ମୃତ୍ୟୁଯନ୍ତ୍ରଣା ଭୋଗିବ ନାହିଁ।' ଭଗବାନ ବାମନ ମଧ୍ୟ ବଳୀ ରାଜାଙ୍କୁ ବରଦାନ କରି କହିଥିଲେ, ଦୀପାବଳି ଦିନ ଯେଉଁମାନେ ଯମରାଜାଙ୍କ ଉଦ୍ଦେଶ୍ୟରେ 'ଦୀପଦାନ' କରିବେ, ସେମାନେ ଯମଯନ୍ତ୍ରଣା ଭୋଗିବେ ନାହିଁ ଏବଂ ଲକ୍ଷ୍ମୀଙ୍କ ଆଶୀର୍ବାଦ ଲାଭ କରିବେ।

ଆମ ସାଂସ୍କୃତିକ ଚେତନାର ବାର୍ତ୍ତାବହ- ଦୀପାବଳି



ଡ. ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

ମାନବର ଚିନ୍ତା, ଚେତନା, ଚାଲିଚଳନ, ଧର୍ମ, ସାହିତ୍ୟ, ସୁଖ ଦୁଃଖ ମଧ୍ୟରେ ପ୍ରକଟିତ ମୂଲ୍ୟବୋଧ, ସାମାଜିକ ପରମ୍ପରା ସବୁ କିଛି ଆମ ପର୍ବପର୍ବାଣୀରୁ ହିଁ ମିଳିଥାଏ। ଆମ ପୂର୍ବ ପୁରୁଷମାନେ ଆମ ପାଇଁ ଏକ ସୁନ୍ଦର ପରମ୍ପରାର ମଞ୍ଜି ପୋତି ଯାଇଛନ୍ତି। ଏହା କୌଣସି ବ୍ୟକ୍ତିର ନୁହେଁ। ଏହା ଆମ ସାଂସ୍କୃତିକ ଜୀବନଚର୍ଯ୍ୟା, ଧାର୍ମିକ ନୀତି ଓ ଆଦର୍ଶ। ଆମ ପର୍ବପର୍ବାଣୀ ସମାଜରେ ସୁସ୍ଥ ସହବସ୍ଥାନ ପାଇଁ ପ୍ରେରଣା ଦିଏ। ଆମକୁ ଶୃଙ୍ଖଳିତ କରେ, ଆଚାର ବିଚାରକୁ ନିୟନ୍ତ୍ରିତ କରେ। ପ୍ରତ୍ୟେକ ଜାତିର ସାଂସ୍କୃତିକ ଜୀବନ କ୍ଷେତ୍ରରେ ପର୍ବପର୍ବାଣୀ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହା ସାମାଜିକ ଓ ସାମୁହିକ ଜୀବନକୁ ନୂତନ ଉତ୍ସାହ ଓ ଉଦ୍ଦୀପନା ପ୍ରଦାନ କରିଥାଏ।

ଦୀପାବଳୀ ହିନ୍ଦୁ ମାନଙ୍କର ଏକ ପ୍ରମୁଖ ପର୍ବ। ପବିତ୍ର କାର୍ତ୍ତିକ ମାସର ଅମାବାସ୍ୟା ତିଥିରେ ଏହି ପର୍ବ ପାଳନ କରାଯାଏ। ଦୀପାବଳୀ ପାଳନର ବହୁ ପୌରାଣିକ ଉପାଖ୍ୟାନ ମଧ୍ୟ ରହିଛି। ଏହି ଉପାଖ୍ୟାନ ଗୁଡିକ ଆମ ପ୍ରାଚୀନତାକୁ ଦର୍ଶାଇଥାଏ। ରାମାୟଣ ଯୁଗ ସହିତ ଏହାର ସମ୍ପର୍କ ନିବିଡ଼। ଏହିଦିନ ରାବଣକୁ ମାରି ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। କାର୍ତ୍ତିକ ଅମାବାସ୍ୟା ଦିନ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବର ଆୟୋଜନ ହୋଇଥିଲା। ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଅଯୋଧ୍ୟାବାସୀ ସ୍ୱଗୃହକୁ ଦୀପାଲୋକରେ ସଜ୍ଜିତ କରିଥିଲେ। ଏହିଦିନ ମଧ୍ୟ ଦେବଗଣଙ୍କ ନିମିତ୍ତ ଭଗବାନ ଶ୍ରୀକୃଷ୍ଣ ମହାପ୍ରତାପୀ ନରକାସୁରକୁ ବିନାଶ କରି ପୃଥିବୀରେ ଶାନ୍ତି ଆଣିଥିଲେ। ନରକାସୁର ଦ୍ୱାରା ବନ୍ଦୀ ହୋଇଥିବା ଷୋଳ ସହସ୍ର ରମଣୀଙ୍କୁ ମୁକ୍ତ କରି ତାଙ୍କୁ ସସମ୍ମାନେ ଦ୍ୱାରକା ପଠାଇଥିଲେ। ଏହି ଦିପାବଳୀକୁ ମଧ୍ୟ ନରକୋତ୍ସବ ନାମରେ ନାମିତ କରାଯାଇଛି। ଦୀପାବଳୀକୁ ମା ଲକ୍ଷ୍ମୀଙ୍କ ମୁକ୍ତି ଦିବସ ଭାବରେ ଗ୍ରହଣ କରାଯାଏ। ପୁରାଣରେ ବର୍ଣ୍ଣିତ ଅଛି, ଦେବୀ ଲକ୍ଷ୍ମୀ ଅସୁର ରାଜା ବଳୀଙ୍କ ଦ୍ୱାରା ବନ୍ଦୀ ହୋଇ ପାତାଳରେ ଥିଲେ। ଅସୁର ରାଜା ବଳୀ ମଧ୍ୟ ଅନ୍ୟାନ୍ୟ ଦେବଗଣଙ୍କୁ ବନ୍ଦୀ କରି ରଖିଥିଲେ। ଦୀପାବଳୀ ଦିନ ଭଗବାନ ବାମନଙ୍କ ଦ୍ୱାରା ଲକ୍ଷ୍ମୀ ଓ ଦେବଗଣ ମୁକ୍ତ ହୋଇଥିଲେ। ମହାଦାନୀ ବଳୀଙ୍କ ସହିତ ମଧ୍ୟ ଏହି ପର୍ବର ସମ୍ପର୍କ ଜଡିତ ଅଛି। ମହାରାଜ ବଳୀ ପୃଥିବୀବାସୀଙ୍କୁ ଦାନ ଦେଇ ପ୍ରୀତ କରିଥିଲେ। ମହାଦାନୀ ଯେତେବେଳେ ସ୍ୱୟଂ ନାରାୟଣଙ୍କୁ ତ୍ରିପାଦ ଭୂମି ଦାନ କରିବା ସମୟରେ ପ୍ରଭୁଙ୍କ ମାୟା ବୁଝି ନପାରି ନାରାୟଣଙ୍କ ପାଦ ଦ୍ୱାରା ପାତାଳଗାମୀ ହୋଇଥିଲେ। ସେତେବେଳେ ବଳୀଙ୍କ ପରିବାର ଓ ପୃଥିବୀବାସୀ ଗଭୀର ମର୍ମାହତ ହେଲେ। ଶେଷରେ ବଳୀର ସ୍ତ୍ରୀ ବିନ୍ଧ୍ୟାବଳୀ ଓ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଅନୁରୋଧ କ୍ରମେ ବଳୀ ଏହି କାର୍ତ୍ତି ମାସ ଅମାବାସ୍ୟା ଦିନ ଅର୍ଦ୍ଧରାତ୍ର ସମୟରେ ପୃଥିବୀକୁ ଗୋଟିଏ ଦିନ ପାଇଁ ଆସିବାର ନାରାୟଣ ବରଦାନ କରିଥିଲେ। ପ୍ରଜାମାନେ ଆନନ୍ଦରେ ଉଲ୍ଲସିତ ହୋଇ ଦୀପାଲୋକରେ ବଳୀଙ୍କୁ ସ୍ୱାଗତ କରିଥିଲେ। ଏହା ବ୍ୟତୀତ ଏହି ଦିନ ଶ୍ରୀକୃଷ୍ଣ ଗୋପବାସୀଙ୍କୁ ଇନ୍ଦ୍ରଙ୍କ କୋପରୁ ମଧ୍ୟ ରକ୍ଷା କରିଥିଲେ। ଲଗାଣ ବର୍ଷାରେ ସୃଷ୍ଟ ଭୟାବହତାରୁ ଗୋପବାସୀଙ୍କୁ ମୁକ୍ତ କରିବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ନିଜର କାଣୀ ଆଙ୍ଗୁଳିରେ ଟେକି ଧରି ପର୍ବତ ତଳେ ଗୋପବାସୀଙ୍କୁ ରହିବାକୁ ଦେଇଥିଲେ। ଇନ୍ଦ୍ରଙ୍କ କୋପଦୃଷ୍ଟିରୁ ରକ୍ଷା ପାଇ ଆନନ୍ଦରେ ଗୋପବାସୀ ଏହି ଦିନଟିକୁ ସ୍ମରଣୀୟ କରିବା ନିମନ୍ତେ ଦୀପାଲୋକ ଜଳାଇଥିଲେ। କେବଳ ପୌରାଣିକ ପୃଷ୍ଠଭୂମି ନୁହେଁ, ଏହି ଆଲୋକର ପର୍ବ ନିମନ୍ତେ ଐତିହାସିକ ତଥ୍ୟ ମଧ୍ୟ ରହିଛି। ଉଜ୍ଜୟନୀର ରାଜା ବିକ୍ରମାଦିତ୍ୟ ଦୀପାପଳୀ ଦିନ ହିଁ ସିଂହାସନ ଆରୋହଣ କରିଥିଲେ। ଏହି ଦିନରୁ ଗୁପ୍ତାବ୍ଦ ପ୍ରଚଳିତ ହୋଇଛି। ମୋଗଲ ସମ୍ରାଟ ଆକବର ମଧ୍ୟ ଦୀପାବଳୀକୁ ଖୁବ ଆଡମ୍ବରରେ ପାଳନ କରୁଥିଲେ। ଚାଲୁକ୍ୟ ବଂଶର ଶାସକ ମାନେ ମଧ୍ୟ ତାଙ୍କ ରାଜତ୍ୱ ସମୟରେ ସମଗ୍ର ଭାରତବର୍ଷରେ ଏହି ପର୍ବକୁ ଉତ୍ସାହର ସହିତ ପାଳନ କରିବାର ପ୍ରେରଣା ଦେଇଥିଲେ। ଜୈନ୍ୟ ଧର୍ମାବଲମ୍ବୀମାନେ ଦୀପାବଳୀକୁ 'ଯକ୍ଷ୍ୟ ରାତ୍ର ଉତ୍ସବ' ନାମରେ ପାଳନ କରୁଥିଲେ। ସେମାନେ ଏହି ଦିନ ଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି। ଐତିହାସିକ ଆବୁଲ ଫାଜଲ ତାଙ୍କ ଗ୍ରନ୍ଥ 'ଆଇନ-ଇ-ଆକବରୀ' ରେ ଏହି ଦୀପାବଳୀ ପର୍ବର ମହାନତା ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି।

ଆମ ଭାରତବର୍ଷର କୋଣ ଅନୁକୋଣରେ ଦୀପାବଳୀ ଏକ ଜାତୀୟ ଉତ୍ସବ ଭାବରେ ପାଳିତ ହୋଇଥାଏ। ଓଡିଶାରେ ଏହା ସ୍ୱତନ୍ତ୍ର ଭାବରେ ପାଳନ କରାଯାଏ। କାର୍ତ୍ତିକ ଅମାବାସ୍ୟା ଦିନ ପ୍ରତ୍ୟେକ ଓଡିଆ ଘରେ ପିତୃ ପିତାମହଙ୍କୁ ଶ୍ରାଦ୍ଧ ଦିଆଯାଏ। ଏହି ଶ୍ରାଦ୍ଧ ଏକ ସାଧାରଣ ଶ୍ରାଦ୍ଧ ଭଳି ପାଳିତ ନହୋଇ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଆବାହନ କରାଯାଇ ମଉଳା ଶ୍ରାଦ୍ଧ ଦିଆଯାଇ ଥାଏ। ପ୍ରତ୍ୟେକ ଘରର ଗୃହିଣୀ ଗୃହ ଅଗଣାରେ ଖଡି ପଥର, ଚୂନ ବା ମୁରୁଜ ଦ୍ୱାରା ଗୋଟିଏ ବୋଇତର ଚିତ୍ର ଅଙ୍କନ କରନ୍ତି। ତାରି ଉପରେ ଗୃହର ଉପକରଣ ସଂସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଏ। ଶ୍ରାଦ୍ଧ ଦେବା ସମୟରେ ଜ୍ୱଳନ୍ତ ବଳିତା ପ୍ରଜ୍ୱଳନ କରାଯାଏ। କାଉଁରିଆ କାଠିରେ ପ୍ରସ୍ତୁତ ଥିବା ଦଣ୍ଡକୁ ନିଆଁ ଧରାଇ ଗୃହର ପୁରୁଷ ସଦସ୍ୟମାନେ ପିତୃ ପୁରୁଷଙ୍କୁ ଆବାହନ କରନ୍ତି। ଏହି ଆବାହନରେ ଶ୍ରଦ୍ଧା ଓ ସମ୍ମାନର ସ୍ୱର ଉଚ୍ଚାରିତ ହୋଇଥାଏ। ସମବେତ ଭାବରେ କହିଥାନ୍ତି- 'ବଡବଡୁଆ ହୋ, ଅନ୍ଧାରରେ ଆସ, ଆଲୁଅରେ ଯାଅ, ଗଙ୍ଗା ଯାଅ, ଗୟା ଯାଅ, କାଶୀନାଥ ଯାଅ, ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶି ପାହାଚେ ଗଡଗଡଉ ଥାଅ।' ସନ୍ଧ୍ୟା ସମୟରେ ବୃନ୍ଦାବତୀଙ୍କ ମୂଳରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ପିଠା ଖିରି ଅର୍ପଣ କରାଯାଏ।

ଦୀପାବଳୀ ଏକ ଆହ୍ଲାଦର ପର୍ବ। ପାପ ଉପରେ ପୂଣ୍ୟର ବିଜୟ ଉତ୍ସବ। ମନର ଅନ୍ଧକାରକୁ ଦୁରୀଭୂତ କରି ଆଲୋକକୁ ଉଜ୍ଜିବୀତ କରିବାର ପ୍ରଥା। ମାଟି ଦୀପରେ ତେଲ ଦେଇ ବଳିତା ପକାଇ ଦୀପ ପ୍ରଜ୍ୱଳନ କରିବାରେ ସମସ୍ତଙ୍କ ମନରେ ଏକ ଶିହରଣ ଭରିଦିଏ। ଚଉଁରା ମୂଳେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଏବଂ ଦେଇପିଣ୍ଡିରେ ଜଳୁଥିବା ଅଖଣ୍ଡ ପ୍ରଦୀପଟି ମଣିଷର ଚେତନାକୁ ଜାଗ୍ରତ କରିଥାଏ। ଦୀପଦାନ ସହ ବାଣ ଫୁଟାଇବାର ଏକ ସ୍ୱତନ୍ତ୍ରତା ରହିଛି। ପରିବାରର ସମସ୍ତ ସଦସ୍ୟ ଏକତ୍ର ଆତସବାଜିରେ ନିଜକୁ ସାମିଲ କରିଥାନ୍ତି। ଉତ୍କଳର ବହୁ ଜନସାଧାରଣ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦେବା ନିମନ୍ତେ ଶ୍ରୀକ୍ଷେତ୍ରରେ ପହଞ୍ଚି ବାଇଶି ପାବଚ୍ଛରେ ପହଞ୍ଚି ଶ୍ରାଦ୍ଧ ଅର୍ପଣ କରିଥାନ୍ତି। ଆମ ରାଜ୍ୟର ଆଦିବାସୀ ମାନେ ଦୀପାବଳୀକୁ ସ୍ୱତନ୍ତ୍ର ଭାବେ ପାଳନ କରନ୍ତି। ସେମାନଙ୍କ ମାଟି ଘରକୁ ଲିପାପୋଛା କରି ମାଟି ତିଆରି ଦୀପକୁ ଘରର ଅଗଣା ଓ ଚାଷ ଜମିରେ ରାତିସାରା ଜାଳନ୍ତି। ସେମାନେ ଏହାକୁ କାଳରାତ୍ରୀ ବୋଲି ବିବେଚନା କରନ୍ତି। ସେମାନଙ୍କ ମତରେ ଭୂତ, ପ୍ରେତ, ଡାହାଣୀ ଭଳି ଅତି ଭୌତିକ ଶକ୍ତି ମାନେ ପୃଥିବୀରେ ଆତଯାତ ହେବାର ମଧ୍ୟ ଦେଖାଯାଏ। ସେଥିପାଇଁ ଦୀପାବଳୀର ଦୀପାଲୋକ ହିଁ ସେମାନଙ୍କୁ ସନ୍ତୁଷ୍ଟ କରିବାର ଏକମାତ୍ର ମାଧ୍ୟମ।

କେବଳ ଅନ୍ଧକାରକୁ ପରାହତ କରିବା ଏ ପର୍ବର ବିଶେଷତ୍ୱ ନୁହେଁ। ଆମ ସାମାଜିକ ଜୀବନରେ ମଧ୍ୟ କୃଷକ ମାନଙ୍କ ପାଇଁ ଏ ପର୍ବ ଗୁରୁତ୍ୱପୂର୍ଣ୍ଣ। ଖରିଫ ଫସଲ ଅମଳ ପରେ କୃଷକର ଗୃହ ଶସ୍ୟରେ ପରିପୂର୍ଣ୍ଣ ଥାଏ। ନିଜ ମନର ଖୁସିକୁ ଦୀପାଲୋକରେ ବାନ୍ଧିବା ସହିତ ଲକ୍ଷ୍ମୀଙ୍କର ଆବାହନ ମଧ୍ୟ କୃଷକମାନେ କରିଥାନ୍ତି। ବର୍ଷା ଋତୁରେ ପରିବେଶ ଦୂଷିତ ହୋଇ ଯାବତୀୟ କୀଟ ପତଙ୍ଗ ଜନ୍ମ ନେଇଥାନ୍ତି। ଦୀପାବଳୀରେ ସର୍ବତ୍ର ଦୀପ ଜଳିବାରୁ କ୍ଷତିକାରୀ କୀଟପତଙ୍ଗ ମାନେ ମୃତ୍ୟୁ ବରଣ କରିଥାନ୍ତି। ଆମ ସାମଜିକ, ସାଂସ୍କୃତିକ, ଧାର୍ମିକ, ପୌରାଣିକ, ଐତିହାସିକ ପରମ୍ପରାର ଏହି ମହାନ ପର୍ବ ଆଜି ତାର ଚମକ ହରାଇବାରେ ଲାଗିଛି। ସହର ଠାରୁ ଗାଁ ଯାଏଁ ଆଧୁନିକ ମଣିଷର ମିଥ୍ୟା ଅହଂକାର ଓ ପଶୁତ୍ୱ ଆଚରଣ ଦୀପାବଳୀର ଆଭିମୁଖ୍ୟକୁ ମଳିନ କରି ଦେଉଛି। ମାଳ ମାଳ ବାଣ ଦେକାନ, ବିଦେଶୀ ଲିଚୁ ଆଲୋକମାଳା ପରମ୍ପରାକୁ ଲୁପ୍ତ କରିଚାଲିଛି। ମାଟି ଦୀପଟିଏ ପରିବେଶକୁ ସନ୍ତୁଳିତ କରେ। କାରୀଗରଟିଏ ତାର ଜୀବିକା ବଞ୍ଚାଇ ରଖେ। ଆଧୁନିକତାର ଚାକଚକ୍ୟରେ ଲିଚୁ ଆଲୁଅ ଓ କ୍ୟାଣ୍ଡେଲ ପରି ଏହି ବିଦେଶୀ ଉପକରଣ କେବେ ବି ଅନ୍ତରକୁ ଶୀତଳତା ଦେଇପାରେନା। ପ୍ରତିବର୍ଷ ସଚେତନତା ଅଭାବରୁ କ୍ଷତିକାରକ ବାଣ ପାଇଁ ଧନ, ଜୀବନ, ପରିବେଶ ଧ୍ୱଂସାଭିମୁଖୀ ହୋଇ ଚାଲିଛି। ବାଣରୁ ନିର୍ଗତ ବିଷାକ୍ତ ବାଷ୍ପ ବାୟୁ ମଣ୍ଡଳକୁ ସଂପୂର୍ଣ୍ଣ ଦୂଷିତ କରି ଦେଉଛି। ବହୁ ଧନ ବ୍ୟୟ କରି ବାଣ ଫୁଟାଇବା, ନକଲି ତେଲରେ ଦୀପ ଜାଳିବା, ପରସ୍ପର ପ୍ରତିଯୋଗୀ ମନୋଭାବ, ଅତ୍ୟଧିକ ବିଦେଶୀ ଆଲୋକସଜ୍ଜା, ଉଲ୍ଲାସରେ ମାତିବାର ଅସୀମ ଲାଳସା, ମାତ୍ରାଧିକ ଭୋଜିଭାତ ଏହି ପର୍ବର ପ୍ରାଚୀନ ମହତ୍ୱକୁ କ୍ଷୁର୍ଣ୍ଣ କରୁଛି। ସାଧାରଣ ଜନଜୀବନରେ ଆଚାର ବିଚାର, ଚାଲି ଚଳନ ଆମ ଦୁର୍ଲଭ ସାଂସ୍କୃତିକ ଚେତନାକୁ ପରିପ୍ରକାଶ କରୁନାହିଁ। ଆସନ୍ତୁ ସମସ୍ତେ ମିଳିମିଶି ଆମ ସୁଦୃଢ଼ ପରମ୍ପରା, ଆମର ସଂସ୍କୃତି ଓ ଧାର୍ମିକ ଚେତନାର ଉଦ୍ରେକ ପାଇଁ ପ୍ରତିଜ୍ଞାବଦ୍ଧ ହେବା। ଦୀପଦାନର ପ୍ରକୃତ ମହତ୍ୱକୁ ଉପଲବ୍ଧ କରିବା।

ତମସୋ ମା' ଜ୍ୟୋତିର୍ଗମୟ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଭାରତରେ ହେଉଥିବା ସମସ୍ତ ପର୍ବପର୍ବାଣି ଭିତରେ ଦୀପାବଳୀର ସାମାଜିକ ଓ ଧାର୍ମିକ ମହତ୍ୱ ଅତ୍ୟଧିକ । ଏହାକୁ ଦୀପତ୍ସୋବ ବି କୁହାଯାଏ । ଉପନିଷଦ ମତରେ - ତମସୋ ମା ଜ୍ୟୋତିର୍ଗମୟ ଅର୍ଥାତ୍ ହେ ଭଗବାନ ! ମୋତେ ଅନ୍ଧକାରରୁ ପ୍ରକାଶ ଆଡ଼କୁ ନେଇଯାଅ । କାର୍ତ୍ତିକ ମାସରେ ଏହିପର୍ବ ପାଳିତ ହୁଏ ସାର୍ବଜନୀନ ଭାବରେ ଭାରତର ସବୁ କୋଣ ଅନୁକୋଣରେ। କୃଷ୍ଣ ତ୍ରୟୋଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ପର୍ଯ୍ୟନ୍ତ ଏହି ପର୍ବ ପାଳନ କରାଯାଏ। ହିନ୍ଦୁଙ୍କର ଏହା ଏକ ମହତ୍ୱପୂର୍ଣ୍ଣ ପର୍ବ । ଏହିପର୍ବକୁ ପାଞ୍ଚଦିନ ପାଳିବାର ବିଧି ରହିଛି। ଦୀପାବଳୀ ଦୁଇଦିନ ପୂର୍ବରୁ ଧନତେରସ ବା ଧନ ତ୍ରୟୋଦଶୀ, ନରକ ଚତୁର୍ଦ୍ଦଶୀ, ଦୀପାବଳୀ, ଗୋବର୍ଦ୍ଧନ ପୂଜା, ଭାଇଦୂଜ ଇତ୍ୟାଦି । **ଦୀପାବଳୀ ପାଳନର ମହତ୍ୱ :** କିମ୍ବଦନ୍ତୀ ଅନୁସାରେ ଦୀପାବଳୀ ଦିନ ଅଯୋଧ୍ୟାର ରାଜା ରାମଚନ୍ଦ୍ର ୧୪ ବର୍ଷ ବନବାସରେ କଟାଇ ଫେରିଥିଲେ ଅଯୋଧ୍ୟାକୁ । ସେଥିପାଇଁ ଅଯୋଧ୍ୟାବାସୀଙ୍କ ହୃଦୟ ଖୁସୀ ଓ ଆନନ୍ଦରେ ଭରିଯିବାରୁ ରାଜା ରାମଚନ୍ଦ୍ର, ପତ୍ନୀ ସୀତା ଓ ଲକ୍ଷ୍ମଣଙ୍କୁ ସ୍ୱାଗତ କରିବାପାଇଁ ଦୀପ ଜଳାଇ ସ୍ୱାଗତ କରିଥିଲେ। ସେହିଦିନ କାର୍ତ୍ତିକ ମାସ ଅମାବାସ୍ୟା ତିଥି ହୋଇଥିବାରୁ ଦୀପାବଳୀ ଅମାବାସ୍ୟା ନାମରେ ନାମିତ ହୋଇଛି । ଭାରତୀୟଙ୍କ ବିଶ୍ୱାସ ଯେ ସତ୍ୟର ସଦା ଜୟ ହୁଏ ମିଥ୍ୟାର ସଦା ନାଶ ହୁଏ । ତେଣୁ, ସେହିଦିନଠାରୁ ଆଜି ଯାଏଁ ପ୍ରତି ଭାରତୀୟ ପ୍ରତିବର୍ଷ ହର୍ଷ ଉଲ୍ଲାସରେ ଏହି ଦୀପାବଳୀ ପର୍ବ ମନାନ୍ତି। କାର୍ତ୍ତିକ ମାସ ଅମାବାସ୍ୟା ରାତି ଆଲୁଅରେ ଝଲସି ଉଠେ। ଦୀପାବଳୀ ପର୍ବ - ଅସତୋ ମା ସଦ୍ ଗମୟ । ତମସୋ ମା ଜ୍ୟୋତିର୍ଗମୟ ଅର୍ଥାତ୍ ଅନ୍ଧକାର ଉପରେ ଆଲୋକର ବିଜୟ, ଖରାପ ଉପରେ ଭଲର ପ୍ରଭାବ, ଅଜ୍ଞାନ ଉପରେ ଜ୍ଞାନର , ନିରାଶ ଉପରେ ଆଶାର ବିଜୟ ପାଇଁ ମନାଯାଏ । ହିନ୍ଦୁ ମହାକାବ୍ୟ ମହାଭାରତ ଅନୁସାରେ ପାଣ୍ଡବ ମାନଙ୍କର ବାରବର୍ଷ ବନବାସ ଓ ଏକବର୍ଷ ଅଜ୍ଞାତବାସ ପରେ ଫେରିବାର ଖୁସିରେ ଏହି ଦିବସକୁ ମନାନ୍ତି । ସତ୍ୟଯୁଗରେ ସମୁଦ୍ର ମନ୍ଥନ ସମୟରେ ଧନ୍ୱନ୍ତରୀ ଓ ଲକ୍ଷ୍ମୀଙ୍କର ପ୍ରକଟ ହୋଇଥିବାରୁ ଦୀପ ଜଳାଇ ଆନନ୍ଦ ବ୍ୟକ୍ତ କରିଥାନ୍ତି। ଏହିଦିନ ଲକ୍ଷ୍ମୀଙ୍କର ଆବିର୍ଭାବ ହୋଇଥିବାରୁ ତାଙ୍କର ଜନ୍ମଦିବସ ପାଳନ କରାଯାଏ । ଭକ୍ତଙ୍କ ମନରୁ ବାଧା ଦୂର କରିବାପାଇଁ ଗଣେଶ, ସଙ୍ଗୀତ ସାହିତ୍ୟ ଦେବୀ ସରସ୍ୱତୀ, ଧନ କୁବେରଙ୍କୁ ମଧ୍ୟ ପୂଜା କରାଯାଏ। ଲାଲ କପଡ଼ାରେ ଗଣେଶ, ଲକ୍ଷ୍ମୀ ମୂର୍ତ୍ତି ରଖି ପୂର୍ବ ବା ପଶ୍ଚିମ ଦିଗରେ ସ୍ଥାପନ କରି କିଛି ଟଙ୍କା, କୁବେରଙ୍କ ପାଇଁ ରୂପା ପଇସା, କଳସ ଚନ୍ଦନ ଆମ୍ବପତ୍ର ଓ ନଡ଼ିଆ ରଖି ପୂଜା କରାଯାଏ । ଭଗବାନ ନୃସିଂହ ହିରଣକଶିପୁକୁ ବଧକରି ଭକ୍ତ ପ୍ରହଲ୍ଲାଦକୁ ରକ୍ଷା କରିଥିଲେ । ଏହିଦିନ ସମ୍ଭୁତା ହୋଇଥିଲେ ପୁଣି ସପ୍ତ ପାତାଳରେ ବଳିରାଜାଙ୍କ ଦ୍ୱାରା ବନ୍ଦିନୀ ଥିବା ଲକ୍ଷ୍ମୀ ଅନ୍ୟ ଦେବତାମାନଙ୍କ ସହ ବାମନଙ୍କ ଅନୁଗ୍ରହରୁ ମୁକ୍ତି ପାଇଥିଲେ । ଲକ୍ଷ୍ମୀ ମୁକ୍ତି ଦିବସରେ ଜନସାଧାରଣ ଦୀପ ପ୍ରଜ୍ୱଳନ କରି ଉତ୍ସବ ପାଳନ କରିଥିଲେ । ପୌରାଣିକ କଥାନୁସାରେ ଦୀପାବଳୀ ଦିନ ପ୍ରଭୁ ଶ୍ରୀକୃଷ୍ଣ ଦୈତ୍ୟ ନରକାସୁରକୁ ସଂହାର କରିଥିଲେ। ନରକାସୁର ଏକ ରାକ୍ଷସ ଥିଲା । କୃଷ୍ଣ ନରକାସୁରକୁ ବଧ କରି ଜଗତବାସୀଙ୍କୁ ଆନନ୍ଦ ପ୍ରଦାନ କରିଥିଲେ। ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିଥିଲେ। ସେହି ସ୍ମୃତିରେ ଦୀପଜାଳି ନାରକୋତ୍ସବ ଅନୁଷ୍ଠିତ ହୁଏ । ଦୀପାବଳୀ ଦିନ ବଳୀଙ୍କର ରାଜ୍ୟଭ୍ରମଣ ଉତ୍ସବ ପାଳିତ ହୁଏ। ବାମନଙ୍କ ଦ୍ୱାରା ପାତାଳରେ ବନ୍ଦୀଥିବା ବଳି ବର୍ଷକରେ ଥରେ କାର୍ତ୍ତିକ ଅମାବାସ୍ୟା ତିଥିରେ ଅର୍ଦ୍ଧରାତ୍ରିରେ ପୃଥିବୀ ଭ୍ରମଣ କରିବାର ଅନୁମତି ପାଇଥିଲେ। ବଳିଙ୍କ ଦାନ ଓ ସୁଶାସନରୁ ବଂଚିତ ପ୍ରଜାଗଣ ବର୍ଷକେ ଥରେ ବଳିଙ୍କୁ ପାଇ ଖୁସି ହୁଅନ୍ତି । ବଳିଙ୍କ ଆଗମନରେ ସେମାନେ ଦୀପଜାଳି ସ୍ୱାଗତ ସମ୍ବର୍ଦ୍ଧନା ଜଣାନ୍ତି । ଏହିଦିନ ପ୍ରତିଘରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଉତ୍ସବ ଅନୁଷ୍ଠିତ ହୁଏ। ଶ୍ରଦ୍ଧାସହିତ ଜ୍ୱଳନ୍ତ ବଳିତା ଓ କାଉଁରିଆ କାଠିର ଆଲୋକ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଏ । ସେହି ସମୟରେ ଲୋକମାନେ ଗାଆନ୍ତି-

ବଡବଡୁଆ ହୋ !
ଅନ୍ଧାରେ ଆସି ଆଲୁଅରେ ଯାଅ
ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ
ଶ୍ରୀପୁରୁଷୋତ୍ତମରେ ମହାପ୍ରସାଦ ଖାଇ
ବାଇଶି ପାହାଚରେ ଗଡଗଡଉଥାଅ,
ଅମୃତ ଦୃଷ୍ଟିରେ ଚାହିଁଥାଅ ॥

ଐତିହାସିକ ଦୃଷ୍ଟିକୋଣରୁ ପଞ୍ଜାବରେ ଜନ୍ମ ସ୍ୱାମୀ ରାମତୀର୍ଥଙ୍କ ଜନ୍ମ ଓ ମହାପ୍ରୟାଣ ଦୀପାବଳୀରେ ହୋଇଥିଲା । ମହର୍ଷି ଦୟାନନ୍ଦଙ୍କର ଦୀପାବଳୀ ଦିନ ଆଜମେରରେ ମୃତ୍ୟୁ ହେଲା । ମୋଗଲ ସମ୍ରାଟ ଆକବର ଦୌଲତଖାନା ସାମନାରେ ବାଉଁଶ ଉପରେ ଆକାଶଦୀପ ଦୀପାବଳି ଦିନ ଲଟକାଇଥିଲେ ସେ ଦିନ-ଇ- ଲାହୀର ପ୍ରବର୍ତ୍ତକ ଥିଲେ । ଜହାଙ୍ଗୀର, ବହାଦୂର ଶାହ ଜାଫର ଦୀପାବଳୀ ପର୍ବ ମନାଉଥିଲେ। ଶାହାଆଲମ ଦ୍ୱିତୀୟ ଶାହୀମହଲକୁ ଦୀପରେ ସଜାଉଥିଲେ ଲାଲକିଲ୍ଲାରେ ହେଉଥିବା କାର୍ଯ୍ୟକ୍ରମରେ ହିନ୍ଦୁ ମୁସଲମାନ ଉଭୟେ ଭାଗ ନେଉଥିଲେ । ଦୀପାବଳୀ ଦିନ ଗୁରୁଗୋବିନ୍ଦ ସିଂହ ଆଉରେଙ୍ଗଜେବଙ୍କୁ କାରାଗାରରୁ ମୁକ୍ତିଲାଭ କରିଥିଲେ । ଜୈନଙ୍କର ଚବିଶ ତୀର୍ଥଙ୍କର ମହାବୀର ସ୍ୱାମୀ ଓ ସ୍ୱାମୀ ରାମତୀର୍ଥଙ୍କର ଦୀପାବଳୀ ଦିନ ମୋକ୍ଷଲାଭ କରିଥିଲେ। **ସାମାଜିକ ମହତ୍ୱ:** ଦୀପାବଳୀ ହୋଲିପରି ଭାରତୀୟ କୃଷକ ସମାଜ ପାଇଁ ଏକ ସୁଖ ସମୃଦ୍ଧ ଜୀବନର ବାର୍ତ୍ତା ଆଣିଥାଏ । ବର୍ଷାଋତୁର ପରିସମାପ୍ତି ପରେ କୃଷକମାନେ କାର୍ଯ୍ୟମୁକ୍ତ ହୋଇଥାନ୍ତି। ନୂତନ ଶସ୍ୟସମ୍ଭାର କୃଷକର ମନର୍ପାଣରେ ଅଫୁରନ୍ତ ଆନନ୍ଦ ସୃଷ୍ଟି କରେ । ଘରଦ୍ୱାର ପରିଷ୍କାର କରି ଦୀପାବଳୀ ପାଳନ ପାଇଁ ସମସ୍ତେ ତତ୍ପର ହୁଅନ୍ତି ଅତଏବ ଏ ଦୃଷ୍ଟିରୁ ଦୀପାବଳୀ ଏକ କୃଷି ଓ ସ୍ୱାସ୍ଥ୍ୟଭିତିକ ପର୍ବ। **ଆର୍ଥିକ ମହତ୍ୱ :** ଏହି ସମୟରେ ଭାରତରେ ଅନେକ କିଣାବିକା ହେଉଥିବାରୁ ଆର୍ଥିକ ବିକାଶ ହୁଏ । ଧନ ତ୍ରୟୋଦଶୀ ବା ଧନତେରସ ଦିନ ନୂଆବସ୍ତ୍ର, ଘର ଜିନିଷପତ୍ର, ଗାଡ଼ି ସୁନା ଅନ୍ୟ ବଡ ବଡ ଜିନିଷ କିଣାଯାଏ । ଖର୍ଚ୍ଚ ଓ କିଣାକିଣିକୁ ଶୁଭ ମନାଯାଏ କାରଣ ଲକ୍ଷ୍ମୀଙ୍କୁ ଧନ ସମୃଦ୍ଧି, ସୌଭାଗ୍ୟର ଦେବୀ ବୋଲି ମନାଯାଏ । ଦୀପାବଳୀ ସମୟରେ ସୁନାଗହଣା କିଣାଯାଏ। ମିଷ୍ଟାନ୍ନ, ମହମବତୀ, ବାଣ ଝିଲମିଲ ଲିଚୁମାଳ କିଣାଯାଏ ଫଳରେ ଭଲ ବ୍ୟବସାୟ ହୁଏ । **ଦୀପଦାନ :** ଭାରତୀୟ ସଂସ୍କୃତିରେ ଦୀପକୁ ସତ୍ୟ ଓ ଜ୍ଞାନର ଦ୍ୟୋତକ ରୂପେ ମନାଯାଏ କାହିଁକିନା ଦୀପ ସ୍ୱୟଂ ଜଳି ପରକୁ ଆଲୋକ ପ୍ରଦାନ କରେ। ତେଣୁ ତାକୁ ବ୍ରହ୍ମସ୍ୱରୂପ କୁହାଯାଏ। ଦୀପଦାନ ଦ୍ୱାରା ଶାରୀରିକ ଓ ଆଧାତ୍ମିକ ଶକ୍ତି ପ୍ରାପ୍ତ ହୁଏ। ଯେଉଁଠାରେ ସୂର୍ଯ୍ୟାଲୋକ ପହଞ୍ଚି ପାରେନାହିଁ ଦୀପ ସେଇଠି ସ୍ଥାନ ମଣ୍ଡନ କରେ ତେଣୁ ଦୀପକୁ ସୂର୍ଯ୍ୟର ଭାଗ ବା 'ସୂର୍ଯ୍ୟାଂଶ ସମ୍ଭବୋ ଦୀପଃ' କୁହାଯାଏ । ସ୍କନ୍ଦପୁରାଣ ଅନୁସାରେ ଦୀପକ ଜନ୍ମ ଯଜ୍ଞରୁ ହୋଇଛି। ଯଜ୍ଞ ଦେବତା ଓ ମନୁଷ୍ୟ ମଧ୍ୟରେ ସମ୍ବାଦ ସାଧନର ମାଧ୍ୟମ। ଯଜ୍ଞର ଅଗ୍ନିରୁ ଜନ୍ମ ଦୀପ ପୂଜାରେ ଲଗାଯାଏ । ବ୍ରହ୍ମାଣ୍ଡ ପୁରାଣ ଅନୁସାରେ ସୂର୍ଯ୍ୟ ଯେତେବେଳେ କନ୍ୟାରାଶିକୁ ସ୍ପର୍ଶ କରନ୍ତି ସେତେବେଳେ ପିତୃପୁରୁଷମାନେ ପିତୃଲୋକରୁ ମର୍ତ୍ତ୍ୟକୁ ଅବତରଣ କରନ୍ତି । ପୁନର୍ବାର ନିଜ ବଂଶଧରଠାରୁ ପିଣ୍ଡ ଗ୍ରହଣ କରି ପିତୃଲୋକକୁ ତୁଳାରାଶି ଅନ୍ତର୍ଗତ ଦୀପାବଳୀ ଅମାବାସ୍ୟାରେ ଗମନ କରନ୍ତି । ଏଣୁ ପ୍ରତ୍ୟେକ ଗୃହସ୍ଥ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ଅର୍ପଣ ପୂର୍ବକ ରାତ୍ରରେ ସେମାନଙ୍କ ଶୁଭାଗମନ ଲାଗି ଦୀପ ଓ କାଉଁରିଆ କାଠି ଜଳାଇ ଆଲୋକ ଦେଖାଇଥାନ୍ତି । ଆମ ରାଜ୍ୟ ଓଡ଼ିଶାରେ ଏହିଦିନ ପୟାକାଠିରେ ନିଆଁ ଲଗାଇ ଉପରକୁ ଟେକି ଆଲୋକ ଦେଖାଇବା ପରମ୍ପରା ସହ ବଡବଡୁଆ ଡାକିବା ପ୍ରଥା ପ୍ରଚଳିତ ଅଛି । ସକଳ ଯମ ଯାତନାରୁ ନିବୃତି ତଥା ଘରେ ଲକ୍ଷ୍ମୀଦେବୀଙ୍କ ପ୍ରବେଶ ନିମିତ ତ୍ରୟୋଦଶୀ ତଥା ଧନତେରସ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଦୀପଦାନ କରାଯାଏ। ବଳୀଙ୍କ ଆଗମନ ତଥା ଧନଧାନ୍ୟ, ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କୁ ଦୀପାବଳୀ ଅବସରରେ ଦୀପଜାଳି ରାତ୍ର ଉଜାଗର ରହି ମାତାଙ୍କ ଉପାସନା କଲେ ବିଶେଷ ଫଳ ପ୍ରାପ୍ତି ହୁଏ ବୋଲି କଥିତ ଅଛି । ପରମ୍ପରା ଅନୁସାରେ ମାଟିଦୀପ କିଣି ସବୁଜ ଦୀପାବଳୀ ଜାଳିବା ଦ୍ୱାରା କୁମ୍ଭାର ପରିବାରର ବେଉସା ହୁଏ । ଏହିଦିନ ପଶ୍ଚିମବଙ୍ଗ ଓ ଓଡିଶାରେ କାଳୀପୂଜା ହୋଇଥାଏ। ଓଡିଶାର ଭଦ୍ରକ ଜିଲ୍ଲା କାଳୀପୂଜା ପାଇଁ ପ୍ରସିଦ୍ଧ। ଆଦିମକାଳରୁ ପୁଣ୍ୟଭୂମି ଓଡିଶା ଶାକ୍ତ ପରମ୍ପରା ତଥା ଶକ୍ତି ଉପାସନା ପାଇଁ ସର୍ବଜନାଦୃତ । ଯେପରି ଶ୍ରୀ ଜଗନ୍ନାଥ ଧାମରେ ଇଷ୍ଟଦେବୀ ରୂପେ ବିମଳା ପୂଜିତା ସେହିପରି ସମଗ୍ର ଓଡିଶାର ପୀଠମାନଙ୍କରେ ମା ଦେବୀମାନେ ପୂଜିତା। ମାତା ସତୀଙ୍କ କ୍ରୋଧରୁ ଜାତ ଦଶ ପ୍ରହରଣ ଧାରିଣୀ ଦେବୀଙ୍କର ଦଶଗୋଟି ସ୍ୱରୂପକୁ ଦଶ ମହାବିଦ୍ୟା ଭାବେ ଉପାସନା କରାଯାଏ । ଏହି ଦେବୀମାନେ ହେଲେ କାଳୀ, ତାରା ଷୋଡଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୂମାବତୀ, କମଳା, ମାତଙ୍ଗୀ ଓ ଭୈରବୀ। ଦେବୀଙ୍କ ଏହି ଦଶ ସ୍ୱରୂପକୁ ଦଶ ଅବତାର କୁହାଯାଏ । ଦଶ ମହାବିଦ୍ୟା ମାନଙ୍କ ମଧ୍ୟରେ ଶ୍ରୀକାଳୀ ହେଉଛନ୍ତି ପ୍ରଥମ ମହାବିଦ୍ୟା। ମହାକାଳୀ ରୂପେ ସେ ବିଶ୍ୱକୁ ସଂହାର କରନ୍ତି । ସେ ତମ ଗୁଣର ପ୍ରତୀକ । ଧନଜନ ଗୋପଲକ୍ଷ୍ମୀ ଭାବେ ଏବଂ ବିଦ୍ୟା ବୁଦ୍ଧି ସୁରୁପିଣୀ ମାତା ସରସ୍ୱତୀ ରୂପେ ପୂଜା ପାଆନ୍ତି । ସେ ପ୍ରଥମେ ଶକ୍ତି ଓ ଆଦିଶକ୍ତି । ସେ ମହାକାଳକୁ କଳନା କରିଥିବା ଯୋଗୁଁ ତାଙ୍କୁ କାଳୀ କୁହାଯାଏ । ସେ ବ୍ରହ୍ମର କ୍ରିୟାଶକ୍ତି ରୂପେ ପୂଜିତ ହୁଅନ୍ତି । ତେଣୁ ଶ୍ଳୋକରେ ଅଛି- ଜୟନ୍ତୀ ମଙ୍ଗଳା କାଳୀ ଭଦ୍ରକାଳୀ କପାଳିନୀ- ଶିବା ଦୁର୍ଗା କ୍ଷମାଦାତ୍ରୀ ସ୍ୱାହାସୁଧା ନମୋସ୍ତୁତେ। ମହାକାଳୀ ଦୁଷ୍ଟ ଦୁରାଚାର, ଅନ୍ୟାୟ, ଅତ୍ୟାଚାରକୁ ସଂହାର କରୁଥିବାରୁ ସେ କରାଳବଦନା, ଶବାରୁଢା, ନୃମୁଣ୍ଡମାଳିନୀ, ଖଣ୍ଡା ଖର୍ପର ଧାରିଣୀ, ଲହ ଲହ ଜିହ୍ୱା ଧାରିଣୀ ରୂପେ ଓଡିଶା ତଥା ଭାରତ ଭୂଖଣ୍ଡରେ ସଦାସର୍ବଦା ପୂଜିତା। ମାତ୍ର ଭଦ୍ରକରେ ପୂଜିତା ଦେବୀ ଭଦ୍ରକାଳୀ ପବିତ୍ରା, ରୁଦ୍ରାକ୍ଷମାଳା ପରିହିତା, କ୍ଷମାଦାତ୍ରୀ ମଙ୍ଗଳମୟୀ ବାତ୍ସଲ୍ୟମୟୀ କୋଳରେ ଶିଶୁ ସନ୍ତାନ ଧାରିଣୀ ମାତା ଚତୁର୍ଭୁଜା ସିଂହବାହିନୀ । ସେ ପ୍ରକୃତରୂପିଣୀ ରୂପେ ପୂଜା ପାଆନ୍ତି ପୃଥିବୀ ଉପରୁ ଦୁଷ୍କୃତିକୁ ବିନାଶ କରିବା ପାଇଁ ମାତୃଶକ୍ତି ବା ମହାଶକ୍ତି ମହାକାଳୀ ରୂପ ଧାରଣ କରିଥାନ୍ତି । ତେଣୁ ଏହି ଦୀପାବଳୀ ଅବସରରେ ମା ଭଦ୍ରକାଳୀ ସମସ୍ତଙ୍କୁ ସୁଖ ଶାନ୍ତି ଆନନ୍ଦ ପ୍ରଦାନ କରନ୍ତୁ ବୋଲି ପୂଜା କରନ୍ତି। ମୋଟ ଉପରେ କହିବାକୁ ଗଲେ ଦୀପାବଳୀ ପର୍ବକୁ ପାଞ୍ଚ ଦିନ ପାଳନ କରାଯାଏ। ପ୍ରଥମ ଦିନ ଧନ ତ୍ରୟୋଦଶୀ ବା ଧନତେରସ ସମୁଦ୍ର ମନ୍ଥନ ସମୟରେ ଭଗବାନ ଧନ୍ୱନ୍ତରୀ ଅମୃତ କଳସ ଧରି ପ୍ରକଟ ହେଲେ ନୂଆବସ୍ତ୍ର, ସୁନା ଗହଣା, ଘରର ମୂଲ୍ୟବାନ ଜିନିଷପତ୍ର କିଣିବା ଦ୍ୱାରା ଘରର ଧନ, ସମୃଦ୍ଧି ଦ୍ୱାରା ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ବୋଲି ପରମ୍ପରା ରହିଛି। ଚତୁର୍ଦ୍ଦଶୀ ଦିନ ନରକାସୁର ବଧ ହୋଇଥିବାରୁ ନରକ ଚତୁର୍ଦ୍ଦଶୀ ପାଳନ କରାଯାଏ । ଅମାବାସ୍ୟା ଦିନ ମଙ୍ଗଳମୟୀ କାଳୀମାତାଙ୍କୁ ପୂଜା କରାଯାଏ । ଦୀପାବଳୀ ଅମାବାସ୍ୟା ଦିନ ରାମଚନ୍ଦ୍ର ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣ ସହିତ ୧୪ ବର୍ଷ ବନବାସ ସାରି ଫେରିଥିବାରୁ ଅଯୋଧ୍ୟାବାସୀ ଦୀପଜାଳି ବାଣ ଫୁଟାଇ ଖୁସି ମନାନ୍ତି । ସଂଧ୍ୟାରେ ଦୀପ ଜଳାଇ ବଡବଡିଆ ତଥା ପିତୃପୁରୁଷଙ୍କୁ ଦୀପଦାନ କରାଯାଏ। ଏହିଦିନ ଲକ୍ଷ୍ମୀଙ୍କର ଆବିର୍ଭାବ ହୋଇଥିବାରୁ ଲାଲ କପଡାରେ ଗଣେଶ ଲକ୍ଷ୍ମୀ ମୂର୍ତ୍ତି ରଖି ଦୋକାନ ମାନଙ୍କରେ ଭଲ ବ୍ୟବସାୟ ହେବାପାଇଁ ପୂଜା କରନ୍ତି ଅନ୍ୟ ଦୋକାନ ଗୁଡିକୁ ମିଷ୍ଟାନ୍ନ ବଣ୍ଟନ କରିବା ଦ୍ୱାରା ବ୍ୟବସାୟ ସମ୍ପର୍କ ସୁଦୃଢ ହୋଇଥାଏ। ଦୀପାବଳୀ ପରଦିନ ଗୋବର୍ଦ୍ଧନ ପୂଜା କରାଯାଏ। ପଞ୍ଚମ ଦିନ ଯମ ଦ୍ୱିତୀୟା ବା ଭାଇ ଦୂଜ ପାଳନ କରାଯାଏ, ତେଲୁଗୁ ସମ୍ପ୍ରଦାୟ ନାଗପଞ୍ଚମୀ ଦିନ ସାପ ବିଲରେ ପୂଜା କରନ୍ତି । ଏହିପରି ପାଞ୍ଚଦିନ ଖୁବ୍ ଧୁମଧାମରେ ଦୀପାବଳୀ ଉତ୍ସବ ପାଳନ କରାଯାଏ । ସବୁ ବର୍ଗର ଲୋକମାନେ ଏହି ପର୍ବ ମନାନ୍ତି । ସାଧାରଣତଃ ଏହି ପର୍ବ ସାମାଜିକ ଜୀବନକୁ ଶାନ୍ତି ସୌହାର୍ଦ୍ଦ୍ୟ ଓ ଭାଇଚାରାରେ ବାନ୍ଧି ରଖେ। ଦୀପଦାନ ଦ୍ୱାରା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ବଡଦାଣ୍ଡରେ ପିତୃପୁରୁଷଙ୍କୁ ଦୀପଦାନ ତଥା କାଉଁରିଆ କାଠି ଜଳାଇବା ଦ୍ୱାରା ପିତୃପୁରୁଷଙ୍କୁ ମୋକ୍ଷ ମିଳେ ବୋଲି ପ୍ରବାଦ ଅଛି । ଦୀପାବଳୀ ସ୍ୱଚ୍ଛତା ଓ ଆଲୋକର ପର୍ବ । କିଛି ସପ୍ତାହ ପୂର୍ବରୁ ଲୋକମାନେ ଘର ଦୋକାନ ସଫାକରନ୍ତି । ଘରେ ରଙ୍ଗ ଚୂନ ଦିଆଯାଏ । ଦୋକାନ ସଫାସୁତୁରା କରି କଇଁଫୁଲ ଗେଣ୍ଡୁମାଳ ଓ ଆମ୍ବପତ୍ରରେ ସଜାନ୍ତି। ଦୋକାନ ଆଗରେ କଦଳୀଗଛ ପୋତନ୍ତି। ଦୀପ ଓ ମହମବତୀ ଜଳାଯାଏ। ରାତିରେ ଘରେ ଓ ଦୋକାନରେ ପୂଜା ହୁଏ । ଘରେ ଘରେ ପିଠାପଣା ହୁଏ । ବିଭିନ୍ନ ପ୍ରକାର ଆତସବାଜିରେ ଆକାଶ ଝଲସି ଉଠେ । ଏହି ସମୟରେ ବାଣ ଫୁଟାଇବା ଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ। ଶବ୍ଦ ପ୍ରଦୂଷଣ ମଧ୍ୟ ହୋଇଥାଏ । ଏଥିପ୍ରତି ଧ୍ୟାନଦେବା ସବୁଜ ବାଣ ଫୁଟାଇବା ଓ ଆନନ୍ଦର ସହିତ ପାଳନ କରିବା ଦୀପାବଳି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୮ ନଭେମ୍ବର, ୨୦୨୬ ରବିବାର



ମହିଳା ଜେଲରଙ୍କୁ ଯୌନ ନିର୍ଯାତନା ମାମଲା

ପୂର୍ବତନ ଜେଲ୍ ଡିଜିଙ୍କ ଆଗୁଆ ଜାମିନ୍ ଆବେଦନ, ୧୧ରେ ପରବର୍ତ୍ତୀ ଶୁଣାଣି

କଟକ, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କ ଦ୍ୱାରା ଆଗତ ଯୌନ ନିର୍ଯାତନା ଓ ଧମକଚମକ ଅଭିଯୋଗକୁ ନେଇ ଆଇନଗତ ଅଡୁଆରେ ପଡ଼ିଛନ୍ତି ପୂର୍ବତନ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ। ଗିରଫଦାରୀ ଏଡ଼ାଇବା ଲାଗି ସେ ଓଡ଼ିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବାବେଳେ ଶୁକ୍ରବାର ଏହାର ଶୁଣାଣି ହୋଇଛି। ଉଭୟ ପକ୍ଷରୁ ଯୁକ୍ତି ଉପସ୍ଥାପନ ପରେ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି ଅଦାଲତ। ଅନ୍ୟପକ୍ଷରେ, ଘଟଣା ସହ ଜଡ଼ିତ ଅଭିଯୋଗ ଦୀର୍ଘ ସମୟ ପରେ ପୋଲିସରେ ଦାଖଲ ହୋଇଥିବା ନେଇ ଶୁଣାଣି ସମୟରେ ପ୍ରଶ୍ନ ଉଠିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଚୌଦ୍ୱାର ଜେଲ୍‌ର ଜଣେ ପୂର୍ବତନ ମହିଳା ଜେଲର ସୁଶାନ୍ତ କୁମାର ନାଥଙ୍କ ବିରୋଧରେ ଯୌନ ନିର୍ଯାତନା, ପଦବୀର ଅପବ୍ୟବହାର, ଧମକ ଓ ଚାକିରିରୁ ବିଦା କରିବାକୁ ଚାପ ପ୍ରୟୋଗ ଭଳି ସଙ୍ଗିନ ଅଭିଯୋଗ ଆଣି ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନର ଆଶଙ୍କା ମଧ୍ୟରେ ସୁଶାନ୍ତ ନାଥ ଗତ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ୍ ଲୋଡ଼ିଥିଲେ। ଏଥିସହ ତାଙ୍କ ବିରୋଧରେ ରୁଜୁ ମାମଲାକୁ ରଦ୍ଦ କରିବା ପାଇଁ ମଧ୍ୟ ଆବେଦନ କରିଛନ୍ତି। ଅଭିଯୋଗକାରିଣୀଙ୍କ ବୟାନ ଅନୁସାରେ, କୁଲଦୀପ ରଥ ନାମକ ଜଣେ ବ୍ୟକ୍ତି ଚୌଦ୍ୱାର ଜେଲ୍ ପରିଦର୍ଶନ



ସମୟରେ ନିଜକୁ ଜେଲ୍ ଡିଜିଙ୍କ ବନ୍ଧୁ ବୋଲି ପରିଚୟ ଦେଇ ତାଙ୍କ ମୋବାଇଲ୍ ନମ୍ବର ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ସେ ଅଶୋଭନୀୟ ବାର୍ତ୍ତା ଓ ଇମୋଜି ପଠାଇବା ସହ ଅଗଷ୍ଟ ୨୯ ଏବଂ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ ତାଙ୍କୁ ଏକ ହୋଟେଲକୁ ଏକାକୀ ଆସିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଜେଲ୍ ଡିଜି ତାଙ୍କୁ ଭେଟିବାକୁ ଚାହୁଁଥିବା କୁଲଦୀପ କହିଥିବା ଅଭିଯୋଗ ହୋଇଛି। ମାତ୍ର ମହିଳା ଅଧିକାରୀ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରେ ତାଙ୍କ ବିରୋଧରେ ବିଭିନ୍ନ ପ୍ରଶାସନିକ ପଦକ୍ଷେପ ନିଆଯାଇଥିବା ଏବଂ ଏହା ହୋଟେଲକୁ ଯିବା ପ୍ରସ୍ତାବକୁ ଅଗ୍ରାହ୍ୟ କରିବାର ପରିଣାମ ବୋଲି ସୁଶାନ୍ତ ନାଥ କହିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଗତ ସେପ୍ଟେମ୍ବର ୭ ଓ ୮ ତାରିଖରେ ହୋଇଥିବା ଏକ ବୈଠକରେ, ତାଙ୍କ କଥା ମାନି ଭେଟିବାକୁ ଯାଇଥିଲେ ଏଭଳି ପରିସ୍ଥିତି ଉପୁଜିନଥାନ୍ତା ବୋଲି ସେ କହିଥିବା ଏତଲାରେ ଉଲ୍ଲେଖ ରହିଛି। ଏତଲାରେ ଆହୁରି ଦର୍ଶାଯାଇଛି ଯେ, ଚୌଦ୍ୱାର ଜେଲ୍‌ର ପୂର୍ବତନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ମହିଳା ଅଧିକାରୀ ଦେଇଥିବା ଏଫ୍‌ଆଇଆର୍ ପ୍ରତ୍ୟାହାର କରିବାକୁ ସୁଶାନ୍ତ ନାଥ ଚାପ ପକାଇଥିଲେ। ଏଥିରେ ଅମଙ୍ଗ ହେବାରୁ ତାଙ୍କୁ ଚାକିରିରୁ ବାହାର କରିଦେବା ସହ ଶାରୀରିକ କ୍ଷତି ପହଞ୍ଚାଇବାର ଧମକ ଦିଆଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହି ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ନଭେମ୍ବର ୧ ତାରିଖରେ ସୁଶାନ୍ତ କୁମାର ନାଥଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗର ଓଏସ୍‌ଡି ଭାବେ ବଦଳି କରିଥିଲେ। ଫଳରେ ଏହି ଘଟଣା ରାଜ୍ୟ ପ୍ରଶାସନିକ ଓ ପୋଲିସ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ, ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଥିବା କୁଲଦୀପ ରଥ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ତାଙ୍କ ଆବେଦନର ଶୁଣାଣି ମଧ୍ୟ ନଭେମ୍ବର ୧୧ ତାରିଖରେ ହେବ। ଏବେ ସମସ୍ତଙ୍କ ନଜର ଆଗାମୀ ଶୁଣାଣି ଉପରେ ରହିଥିବାବେଳେ ହାଇକୋର୍ଟଙ୍କ ନିଷ୍ପତ୍ତି ଏହି ମାମଲାର ପରବର୍ତ୍ତୀ ଦିଗ ନିର୍ଦ୍ଧାରଣ କରିବ।

ଦୁଲଖା ପାଟଣାରେ ଫାଷ୍ଟ ପାସେଞ୍ଜର ରହଣି ପାଇଁ ପ୍ରତିଶ୍ରୁତି

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ପୂର୍ବତଟ ରେଳପଥର ଯାଜପୁର ଜିଲ୍ଲାର ସୀମାବର୍ତ୍ତୀ ରେଳଷ୍ଟେସନ୍ ଦୁଲାଖାପାଟଣା ଠାରେ ଖୋର୍ଦ୍ଧା ରୋଡ଼ ଖଡ଼ଗପୁର ଫାଷ୍ଟ ପାସେଞ୍ଜର୍ ରହଣି ଉଚ୍ଛେଦ ବିରୋଧରେ ନିୟମିତ ରେଳ ଯାତ୍ରୀ ସଂଘ ଦ୍ୱାରା ଡାକରା ଦିଆଯାଇଥିବା ଗଣଧାରଣା ପ୍ରତ୍ୟାହୃତ ହୋଇଛି। ନିୟମିତ ରେଳ ଯାତ୍ରୀ ସଂଘର ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଗଣଧାରଣା ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏଥିରେ ସଂଘର ଦୁଲାଖା ପାଟଣା ଶାଖାର କାର୍ଯ୍ୟକର୍ତ୍ତା ମାନେ ଯଥା ଜଗନ୍ନାଥ ନାଏକ, ରାଜକୁମାର ସାହୁ, ମନୋଜ କୁମାର ଦାସ, ପୂର୍ବତନ ସରପଞ୍ଚ ସୁରେଖା ସେଠୀ, ସମିତି ସଭ୍ୟ ଅଜୟ ମହାକୁଡ଼, ବିଦ୍ୟାଧର ଯେନା, ପ୍ରମୋଦ ସାହୁ, ସରୋଜ ଷଡ଼ଙ୍ଗୀ, ସୋନାଲି ସେନାପତି, ପୂଜା ରାଣୀ ବେହେରା, ଶଶୀଭୂଷଣ ଦାଶ, ଯଜ୍ଞେଶ୍ୱର ଷଡ଼ଙ୍ଗୀ, ଦେବବ୍ରତ ସେଠୀ ଆଦି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଭଦ୍ରକ ଆର୍‌ପିଏଫ୍ ଇନ୍‌ସପେକ୍ଟର ସୁନା ଯାଦବ, ଭଦ୍ରକ ଜିଆର୍‌ପି ଇନ୍‌ସପେକ୍ଟର ଚିତ୍ତରଞ୍ଜନ ଦାସ, କୋରାଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ, ସୁଦର୍ଶନ ସେଠୀ, ରେଳବାଇ ଗୁଇନ୍ଦା ବିଭାଗର ଅଧିକାରୀ ଅସିତ ନାୟକ, ଜ୍ୟୋତି ପ୍ରକାଶ ନାୟକ, କେନ୍ଦ୍ର ଗୁଇନ୍ଦା ଅଧିକାରୀ ଅମ୍ରିତ୍ ସାହୁ ଏବଂ ଅନେକ ପୋଲିସ କର୍ମଚାରୀ ଓ ମହିଳା ପୋଲିସ ସହଯୋଗ କରିଥିଲେ। ଖୋର୍ଦ୍ଧା ରୋଡ଼ ଡିଭିଜନ୍‌ର ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ ଗାରିମା ତିୱାରୀ ଏବଂ ଖୋର୍ଦ୍ଧା ରୋଡ଼ ଡିଭିଜନ୍‌ର ସହକାରୀ ମହାପ୍ରବନ୍ଧକଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା, କିନ୍ତୁ ଗୋଟିଏ ଚୁକ୍ତିନାମାରେ ଉଲ୍ଲେଖ ରହିଲା ଯଦି ଖୋର୍ଦ୍ଧା ରୋଡ଼ ଖଡ଼ଗପୁର ଫାଷ୍ଟ ପାସେଞ୍ଜର୍ ଆଗାମୀ ସପ୍ତାହ ମଧ୍ୟରେ ପୁନଃ ରହଣି ବ୍ୟବସ୍ଥା ନହେଲା ତେବେ ଆସନ୍ତା ନଭେମ୍ବର ଉଣେଇଶ ତାରିଖ ଗୁରୁବାର ଦିନ ଦୁଲାଖାପାଟଣା ଠାରେ ରେଳରୋକ କରାଯିବ। ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ବିଜେଡ଼ି ନେତା ଭବ ପ୍ରସାଦ ଦାସ, ବିଧାୟକ ଆକାଶ ଦାସ ନାୟକ ଟେଲିଫୋନ୍ ଯୋଗେ ଆନ୍ଦୋଳନ ସମୟରେ ରହଣିର ପ୍ରତିଶ୍ରୁତି ଦେଇଥିଲେ। ଗଣଧାରଣା ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ଶେଷ ହୋଇଥିଲା।



ବିଭିନ୍ନ ଦାବି ନେଇ କଂଗ୍ରେସର ବ୍ଲକ ଘେରାଉ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ଉପସ୍ଥିତିରେ ୫ ଦଫା ଦାବିକୁ ନେଇ ବ୍ଲକ ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା । ବାର୍ଦ୍ଧକ୍ୟ, ଅସହାୟ ଓ ଭିନ୍ନକ୍ଷମ ମାନଙ୍କ ଭତ୍ତା ବିନା ବିଳମ୍ବରେ ପ୍ରତି ମାସରେ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଯୋଗାଇଦେବା, ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରାସନ କାର୍ଡ ପ୍ରଦାନ, ସୁଭଦ୍ରା ଯୋଜନାରେ ଭୁଲ୍ ତଥ୍ୟ କିମ୍ବା ତ୍ରୁଟିପୂର୍ଣ୍ଣ ଯାଞ୍ଚ ଆଧାରରେ ଯେଉଁ ଯୋଗ୍ୟ ମହିଳାମାନଙ୍କୁ ଯୋଜନାରୁ ବାଦ ଦିଆଯାଇଛି ସେମାନଙ୍କ ଆବେଦନର ପୁନଃ ଯାଞ୍ଚ କରାଯାଇ ଯୋଗ୍ୟ ମହିଳା ମାନଙ୍କୁ ଯୋଜନାରେ ସାମିଲ କରିବା ଏବଂ ରଘୁନାଥପୁର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ଜନସାଧାରଣଙ୍କ ମୌଳିକ ସମସ୍ୟା ଯଥା ରାସ୍ତା, ରଘୁନାଥପୁର ବଜାରରେ ସର୍ବସାଧାରଣ, ଶୌଚାଳୟ, ବସ୍‌ଷ୍ଟାଣ୍ଡ, ଶୀତଳ ଭଣ୍ଡାର ଆଦି ସମସ୍ୟାର ତୁରନ୍ତ ସମାଧାନ ପାଇଁ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟକୁ ହଜାର ହଜାର କଂଗ୍ରେସ କର୍ମୀ ଘେରାଉ ଓ ପ୍ରତିବାଦ ସଭା କରିଥିଲେ । ପରିଶେଷରେ ରଘୁନାଥପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯଦି ଆଗାମୀ ଦିନରେ ଏହି ସବୁ ସମସ୍ୟାର ସମାଧାନ ନକରାଯାଏ ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଓପିସିସି ଉପସଭାପତି ତଥା ଜଗତସିଂହପୁର ସଂସଦୀୟ କ୍ଷେତ୍ରର ପ୍ରଭାରୀ ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ତଥା ଓପିସିସି କାର୍ଯ୍ୟକାରୀ କମିଟିର ସଦସ୍ୟ ରବୀନ୍ଦ୍ର ମଲ୍ଲିକ, ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ବିଶ୍ୱଜିତ ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ଜିଲ୍ଲା କଂଗ୍ରେସ ସମ୍ପାଦକ ଜିତୁନାରାୟଣ ସାହୁ, ମନମୋହନ ଗୋଛାୟତ, ବସନ୍ତ ନାୟକ, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି, ବସନ୍ତ ଦାଶ, ଅଜୟ ସ୍ୱାଇଁ, ବ୍ରଜ କିଶୋର ମଲ୍ଲିକ, ସୁବାଷ ରାଟସିଂହ, ପ୍ରତାପ ସ୍ୱାଇଁ, ପ୍ରଦୀପ୍ତ ଦାସ, ପ୍ରଭାକର ଜେନା, ପରିକ୍ଷିତ ନାୟକ, ସୁନୀଲ କୁମାର ଜେନା, ତ୍ରିଲୋଚନ ରାଉତ, ଶ୍ରୀନିବାସ ଦାସ, ସୁଧାଂଶୁ ବିଶ୍ୱାଳ, ବିଚିତ୍ରାନନ୍ଦ ନାୟକ, ପ୍ରଦୀପ ନାୟକ, ଅଜିତ ଓଝା, ତ୍ରିଲୋଚନ ମହାରଣା, ସନ୍ତୋଷ ପାତ୍ର, ଶିବ ପ୍ରସାଦ ସାହୁ, ବିଜନ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ଟୁନ ଭୋଇ, ମୁକ୍ତାର ଅଲ୍ଲୀ, ନୟିମ ଖାନ, ବୁଦ୍ଧଦେବ ସାମଲ, ଝୁନି ଭୋଇ, ପୁଷ୍ପାଞ୍ଜଳି ଦାସ, ସଞ୍ଜୁକ୍ତା ଦାସ, ବିଭୁରଞ୍ଜନ ସ୍ୱାଇଁ, ପ୍ରତ୍ୟୁଷ ନାୟକ, ସୁଶୀଲ କୁମାର ଦାଶ, ଶିବ ପ୍ରସାଦ ସାହୁ, ରାଜେଶ ଭୋଳ, ପ୍ରଭାତ ରାଉତ, ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା ଟିମ୍ ଘୋଷଣା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଜ୍ୟୋସ୍ନାରାଣୀ ଜେନାଙ୍କ ସୁପାରିଶ କ୍ରମେ ଓ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଅଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଅନୁମୋଦନ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଟିମ୍ ଘୋଷଣା କରାଯାଇଛି । ଦଳ ପାଇଁ ଦକ୍ଷତାର ସହ କାମ କରୁଥିବା ମହିଳାମାନଙ୍କୁ ବିଭିନ୍ନ ପଦପଦବୀ ପ୍ରଦାନ କରାଯାଇଛି । ଉପସଭାନେତ୍ରୀ ଭାବେ ମୀରାରାଣୀ ମହାନ୍ତି, ରଶ୍ମିତା ସାହୁ, ରୀନାରାଣୀ ଦାଶ, ଲକ୍ଷ୍ମୀପ୍ରିୟା ଜେନା, ପ୍ରମିଳା ସିଂହ, ପ୍ରମିଳା ମିଶ୍ରଙ୍କୁ ନିଯୁକ୍ତି ମିଳିଛି । ସାଧାରଣ ସମ୍ପାଦିକା ଭାବେ ବନ୍ଦନା ରାଣୀ ରାଉତରାୟ, ପ୍ରିୟଙ୍କା ଶତପଥୀଙ୍କୁ ନିଯୁକ୍ତି ମିଳିଛି । ସମ୍ପାଦିକା ଭାବେ ସନ୍ଧ୍ୟାରାଣୀ ଜେନା, ରଶ୍ମିତା ନାୟକ, ମାଳତୀ ପତି, ସସ୍ମିତା ସାମଲ, ମନୋରମା ପୁହାଣ, ଭଗବତୀ ମଣ୍ଡଳଙ୍କୁ ନିଯୁକ୍ତି ମିଳିଛି । କୋଷାଧକ୍ଷ ଭାବେ ମଞ୍ଜୁଳତା ସେଠୀ ନିଯୁକ୍ତି ପାଇଛନ୍ତି । କାର୍ଯ୍ୟାଳୟ ସମ୍ପାଦିକା ଭାବେ ପାର୍ବତୀ ବେହେରା ନିଯୁକ୍ତ ହୋଇଛନ୍ତି ।

ୟୁଜିସି-୨୦୨୬

ନୂତନ ନିୟମାବଳୀର ପୁନର୍ବିଚାର ପାଇଁ ଦାବି

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ବ୍ରାହ୍ମଣ ମହାସଂଘ ନେତୃତ୍ୱରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ବିଡ଼ିଓଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବୌଦ୍ଧ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ । ଅତିଥି ଭାବେ ଆଞ୍ଚଳିକ ରାଜ୍ୟ ସମ୍ପାଦକ ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଜିଲ୍ଲା ସଭାପତି ଗୁରୁପ୍ରସାଦ ଦାଶ ଓ ଜିଲ୍ଲା ସମ୍ପାଦକ ଦେବାଶିଷ ପୁରୋହିତ ଉପସ୍ଥିତ ରହିଥିଲେ । ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସମାନ ନ୍ୟାୟ ସୁରକ୍ଷା ଓ ମର୍ଯ୍ୟାଦା ମିଳିବା ସହିତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟରେ ଦାବିପତ୍ର ଗ୍ରହଣ କରି ଖୁବ୍‌ଶୀଘ୍ର ପଠାଯିବ ବୋଲି ଘୋଷଣା କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ନୃସିଂହ ଚରଣ ହୋତା, ହରିବନ୍ଧୁ ଶତପଥି, ଜିତେନ୍ଦ୍ର ହୋତା, ସୁଧାଂଶୁ ମିଶ୍ର, ନବୀନ ହୋତା, ସନତ କୁମାର ମିଶ୍ର, ସୁଶିଲ ହୋତା, ଜ୍ଞାନେନ୍ଦ୍ର ଯୋଶୀ, ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପ୍ରତିନିଧି ମଣ୍ଡଳୀରେ ଯୋଗଦାନ କରିଥିଲେ । ସରକାରଙ୍କ ପକ୍ଷରୁ ଏହାର ପୁନର୍ବିଚାର କରି ସମସ୍ତଙ୍କ ପାଇଁ ସମାନ ଆଇନ୍ ବ୍ୟବସ୍ଥା କରାନଗଲେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ପଦାଧିକାରୀ ଜଣାଇଛନ୍ତି ।

'ସୁରଭି' ମାଧ୍ୟମରେ ଶିଶୁର ଲୁକ୍କାୟିତ ପ୍ରତିଭା ପ୍ରକାଶ ପାଏ



ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ପି.ଏମ୍.ସି ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ କବି ରନ୍ ସାଂସ୍କୃତିକ ସ୍ମୃତି ମଣ୍ଡପ ପରିସରରେ କ୍ଲଷ୍ଟର୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ମହା ସମାରୋହରେ ଉଦ୍‌ଯାପିତ୍ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱ ସହ ଆର୍. ନୁଆଁ ଗାଁ ସି.ଆଇ.ସି.ସି ରବୀନ୍ଦ୍ର କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥାପକ / ଉପସ୍ଥାପିକା ଭାବେ ରୋଜାଲିନ ମହାପାତ୍ର ଓ ଆଶିଷ କୁମାର ମହାପାତ୍ର ରହିଥିଲେ। ଛାତ୍ରଛାତ୍ରୀ ମାନଙ୍କର ଲୁକ୍କାୟିତ ପ୍ରତିଭା, ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା ସହିତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ତର୍କ, ବକ୍ତୃତା, ପ୍ରବନ୍ଧ, ସୃଜନଶୀଳ ଲିଖନ, ଶ୍ରୁତିଲିଖନ, ଚିତ୍ରାଙ୍କନ, ଚିତ୍ରକଳା, ଲୋକନୃତ୍ୟ (ସାଂସ୍କୃତିକ) ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟର ସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୧୪ ଗୋଟି ଶିକ୍ଷାନୁଷ୍ଠାନର ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ବିଚାରକମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଉଦ୍‌ଯାପନୀ ସଭାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ସିଲ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଜତ କୁମାର ପାଢ଼ୀ, ଶୁଭଶ୍ରୀ ସାରଳା ପରିଡା, ଜଗବନ୍ଧୁ ପ୍ରଧାନ, ଅନିତା ଜେନା, ପ୍ରଶାନ୍ତ କୁମାର ଜେନା, ଅର୍ଚ୍ଚନା ବାରିକ, ନିହାର ରଞ୍ଜନ ବେହେରା, ରବି ନାରାୟଣ ପଣ୍ଡା, କୃଷ୍ଣ ଚନ୍ଦ୍ର ବାଡ଼ତ୍ୟା, କେଶବ ସାହୁ, ପ୍ରିୟବ୍ରତ ବେହେରା, ବିକ୍ରମ ପଲାଇ, ଆକାଶ ଚନ୍ଦ୍ର ବେହେରା, ଗୁଣୁମୁଣୀ ବେହେରା, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ସାଂସ୍କୃତିକ ପରିଚାଳନାରେ ସହଯୋଗ କରିଥିଲେ। ପି.ଏମ୍.ସି ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ହୋଇ ଗଞ୍ଜାମ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ସ୍ଥାନ ପାଇଛି। ଶେଷରେ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡା ଧନ୍ୟବାଦ ଦେଇ ସଭାସାଙ୍ଗ ହୋଇଥିଲା।

ଓଏମ୍‌ସିର ଅବସରପ୍ରାପ୍ତ କର୍ମଚାରୀଙ୍କ ଚେତାବନୀ

୧୫ ଦିନ ଭିତରେ ଦାବି ପୂରଣ ନହେଲେ ଆତ୍ମାହୁତି ଦେବୁ

କଟକ, ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ୩୫ ବର୍ଷ ଧରି ସରକାରୀ ପେନ୍‌ସନ୍‌କୁ ଅପେକ୍ଷା କରି ରହିଛନ୍ତି ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ଅବସରପ୍ରାପ୍ତ କର୍ମଚାରୀ। ୧୯୯୧ ମସିହାରେ ସରକାରୀ ପେନ୍‌ସନ୍ ପ୍ରଦାନ ପାଇଁ ଅନୁମୋଦନ ମିଳିଥିଲେ ମଧ୍ୟ ତାହା ଏଯାଏଁ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରିଛି ଓଏମ୍‌ସି ରିଟାୟାର୍ଡ କର୍ମଚାରୀ ଆସୋସିଏସନ୍। ଦୀର୍ଘ ବର୍ଷର ଅପେକ୍ଷା, ଆଇନଗତ ଲଢ଼େଇ ଓ ସରକାରୀ ନିଷ୍ପତ୍ତିର ଅନିଶ୍ଚିତତା ମଧ୍ୟରେ ବୟସର ଅପରାହ୍ନରେ ପହଞ୍ଚିଥିବା କର୍ମଚାରୀମାନେ ଏବେ ନ୍ୟାୟ ପାଇଁ ଚରମ ପଦକ୍ଷେପର ଚେତାବନୀ ଦେଇଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଦାବି ପୂରଣ ନହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଓ ସଚିବାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ବୋଲି ସେମାନେ କହିଛନ୍ତି। ଶୁକ୍ରବାର ଗଡ଼ଗଡେଶ୍ୱର ମନ୍ଦିର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ଏହି ଦୀର୍ଘଦିନର ସମସ୍ୟା ଓ



ଆଇନଗତ ଲଢ଼େଇର ବିବରଣୀ ଉପସ୍ଥାପନ କରାଯାଇଥିଲା। ସଂଘର କହିବା ଅନୁଯାୟୀ, ୧୯୫୬ ମସିହାରେ ଓଡ଼ିଶା ଖଣି ନିଗମ ପ୍ରତିଷ୍ଠା ହୋଇଥିଲା। ୧୯୮୯ ମସିହାରୁ ଏହାର କର୍ମଚାରୀମାନେ ଅବସର ନେବା ଆରମ୍ଭ କରିଥିଲେ। ସେହି ସମୟରେ ଖଣି ଅଞ୍ଚଳରେ ଯାତାୟାତ, ବାସଗୃହ, ବିଜୁଳି ଓ ପାନୀୟ ଜଳ ଭଳି ମୌଳିକ ସୁବିଧାର ଘୋର ଅଭାବ ଥିଲେ ମଧ୍ୟ କର୍ମଚାରୀମାନେ ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳରେ କଠିନ ପରିସ୍ଥିତିରେ କାମ କରି ନିଗମର ବିକାଶରେ ଅବଦାନ ରଖିଥିଲେ। ସେମାନଙ୍କ ସେବା ଓ ପରିସ୍ଥିତିକୁ ବିଚାରକୁ ନେଇ ପ୍ରୋଭିଡେଣ୍ଟ ଫଣ୍ଡ ଓ ଫ୍ୟାମିଲି ପେନ୍‌ସନ୍ ପରିବର୍ତ୍ତେ ସରକାରୀ ପେନ୍‌ସନ୍ ପ୍ରଦାନ ପାଇଁ ନିଗମ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ନିଗମ ବୋର୍ଡରେ ଆଲୋଚନା ଓ ଅନୁଧ୍ୟାନ ପରେ ଆବଶ୍ୟକ କାଗଜପତ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ଏହାପରେ ଅର୍ଥ ବିଭାଗର ସମ୍ମତିକ୍ରମେ ଖଣି ଓ ଇସ୍ପାତ ବିଭାଗ ୧୯୯୧ ଅକ୍ଟୋବର ୫ ତାରିଖରେ ଚିଠି ନଂ ୧୨୬୧୦ ଜରିଆରେ ୧୯୮୯ ଏପ୍ରିଲ ୧ ତାରିଖରୁ ଅବସର ନେଇଥିବା କର୍ମଚାରୀଙ୍କୁ ସରକାରୀ ପେନ୍‌ସନ୍ ପ୍ରଦାନ ପାଇଁ ଅନୁମୋଦନ ଦେଇଥିଲେ। ମାତ୍ର ଏହି ଅନୁମୋଦନ ସତ୍ତ୍ୱେ ନିଗମ କର୍ତ୍ତୃପକ୍ଷ ତାହାକୁ ଲାଗୁ କରିନଥିବା ସଂଘ ଅଭିଯୋଗ କରିଛି।

'ଆଠଗଡ଼ ବିକାଶରେ ମୋର ସହଯୋଗ' ଶୀର୍ଷକ ଆଲୋଚନାଚକ୍ର



ଆଠଗଡ଼, ନ୍ୟୁଜ୍ ବ୍ୟୁରୋ

ଆଠଗଡ଼ର ଅଗ୍ରଣୀ ସାମ୍ବାଦିକ ସଂଘ ଆଠଗଡ଼ ମିଡ଼ିଆ ହାଉସ୍ ପକ୍ଷରୁ ଆଠଗଡ଼ ବିକାଶରେ ମୋର ସହଯୋଗ ଶୀର୍ଷକ ଏକ ଆଲୋଚନା ଚକ୍ର ଆଠଗଡ଼ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ମିଡ଼ିଆ ହାଉସ୍‌ର ସଭାପତି ସଚ୍ଚିଦାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ, ପ୍ରଫେସର ଡଃ ନାରାୟଣ ପଣ୍ଡା ଯୋଗଦେଇ ତାଙ୍କର ଭାଷଣ ମାଧ୍ୟମରେ ଆଠଗଡ ମିଡ଼ିଆ ହାଉସ୍‌ର ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସମସ୍ତଙ୍କର ସହଯୋଗ ରହିଲେ ଆଠଗଡ଼ ବିକାଶ ପାଇଁ ଯାହା ପ୍ରସ୍ତାବ ଆସିବ ସେ ଉଚ୍ଚ ପଦସ୍ଥ ଅଧିକାରୀ ତଥା ସରକାରଙ୍କ ପାଖରେ ପ୍ରସ୍ତାବ ଆଗତ କରିବେ ବୋଲି ଆଠଗଡ଼ ଉପଖଣ୍ଡ ସୂଚନା ଅଧିକାରିଣୀ ଶାଶ୍ୱତି ପାଢ଼ୀ କଥା ରଖିଥିଲେ। (ଏଟିବିଏନ୍) ଓକିଲ ସଂଘର ସଭାପତି ତଥା ଲକ୍ଷ୍ମୀ ବଜାର କମିଟି ସଭାପତି ଆଡଭୋକେଟ୍ ଫଣୀ ଭୂଷଣ ରଥ ପ୍ରମୁଖ ଯୋଗଦେଇ ଆଠଗଡ଼ ବିକାଶରେ ମୋର ସହଯୋଗ ଶୀର୍ଷକ ଆଲୋଚନା ଉପରେ ତାଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରଥମ କରି ଆଠଗଡ଼ ମିଡ଼ିଆ ହାଉସ୍‌ର ଏଭଳି ଏକ ସୁଚିନ୍ତିତ ତଥା ସମୟୋପଯୋଗୀ ପ୍ରସ୍ତାବ ଓ କାର୍ଯ୍ୟକ୍ରମ ଆମମାନଙ୍କୁ ବିଶେଷ ଭାବେ ପ୍ରେରଣା ଦେବା ସହିତ ଆଠଗଡର ବିକାଶରେ ବିଭିନ୍ନ ଅଭିଯୋଗ ଓ ଅସୁବିଧା ସମ୍ପର୍କରେ ଦଳମତ ଊର୍ଦ୍ଧ୍ୱରେ ରହି ସିଧାସଳଖ ମିଡ଼ିଆ ହାଉସ୍ ସହିତ ସହଯୋଗ କରିବେ ବୋଲି ରଘୁନାଥ ବଜାର କମିଟିର ସଭାପତି ରୁଦ୍ର ଚରଣ ମହାନ୍ତି, ଦୁର୍ଗାବଜାର କମିଟି ସଭାପତି ସନ୍ତୋଷ କୁମାର ସେନାପତି ବୀରକିଶୋରପୁର ବଜାର କମିଟି ସଭାପତି ପବିତ୍ର ବେହେରା ଚାନ୍ଦବାଲି ବଜାର ସଭାପତି ହେମନ୍ତ ସାହୁ ପ୍ରମୁଖ ନିଜ ବ୍ୟକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମିଡ଼ିଆ ହାଉସ୍‌ର କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ଦାସ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ବଜାର ସହସମ୍ପାଦକ ଅମିତ କୁମାର ପଟ୍ଟନାୟକ, ଦୁର୍ଗାବଜାର କମିଟି ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଆଠଗଡ଼ ମିଡ଼ିଆ ହାଉସର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମିଡ଼ିଆ ହାଉସ୍ ସମ୍ପାଦକ ଦିଲ୍ଲୀପ କୁମାର ଦାସ ସଂଯୋଜନା କରିଥିଲେ।

ଆଦିବାସୀ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ:ବିଜେଡ଼ି

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ଏକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ରହୁଥିବା ଜଣେ ଆଦିବାସୀ ଛାତ୍ରୀ ଗର୍ଭବତୀ ହେବା ଏବଂ ପରବର୍ତ୍ତୀ ସମୟରେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଏକ ସନ୍ତାନ ପ୍ରସବ କରିବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜେଡ଼ି । ବିଜେପି ସରକାର ପାଇଁ କଳଙ୍କିତ ହେଉଛି ଏ ମାଟି । ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଛାତ୍ରାବାସ ଗୁଡ଼ିକରେ ବାରମ୍ବାର ଏଭଳି ସ୍ପର୍ଶକାତର ଘଟଣା ଘଟୁଥିବାରୁ କଡ଼ା ସମାଲୋଚନା କରିଛି ବିଜେଡ଼ି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ଆଦିବାସୀ ସେଲ୍‌ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ବିଜେଡ଼ି ଆଦିବାସୀ ସେଲ୍‌ର ପରାମର୍ଶଦାତା ସାଲୁଗା ପ୍ରଧାନ, ରାଜ୍ୟର ବିଭିନ୍ନ ଆବାସିକ ଶିକ୍ଷାନୁଷ୍ଠାନରେ ଆଦିବାସୀ ଛାତ୍ରୀଙ୍କ ପ୍ରତି ବାରମ୍ବାର ଘଟୁଥିବା ଯୌନ ଶୋଷଣ ଓ ଗର୍ଭଧାରଣ ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ସୁଦାମ ମାରାଣ୍ଡି କହିଥିଲେ ଯେ, ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ବିଜେପି



ସରକାର ଉପରେ ଆଦିବାସୀ ସମାଜ ରଖିଥିବା ଆଶା ଓ ଭରସା ପାଣି ଫୋଟକା ଭଳି ମିଳେଇ ଯାଉଛି । ଜଣେ ଦଶମ ଶ୍ରେଣୀ ଛାତ୍ରୀ ୭ ମାସର ଗର୍ଭବତୀ ଥିବା ସତ୍ତ୍ୱେ ଛାତ୍ରାବାସ କର୍ତ୍ତୃପକ୍ଷ ଏହା କିପରି ଜାଣିପାରିଲେ ନାହିଁ ? ସରକାରଙ୍କ ଅପାରଗତା ଲାଗି ଆବାସିକ ସ୍କୁଲରେ ଆଦିବାସୀ ଛାତ୍ରୀଙ୍କ ଉପରେ ଅତ୍ୟାଚାର ହେଉଛି । ଏହି ଘଟଣାରେ କେବଳ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରି ସରକାର ନିଜ ଦାୟିତ୍ୱ ସାରିଦେବାକୁ ଚେଷ୍ଟା କରୁଛନ୍ତି । ଏହି ଅକ୍ଷମଣୀୟ ଅବହେଳା ପାଇଁ ଦାୟୀ ସମସ୍ତ ଅଧିକାରୀଙ୍କୁ ତୁରନ୍ତ ବରଖାସ୍ତ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ବିଜେପି ସରକାରରେ ଆଶ୍ରମ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରାବାସ ପରିଚାଳନାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେଉଛି । ସରକାରଙ୍କ ସମନ୍ୱୟ ଅଭାବରୁ ଛାତ୍ରାବାସ ଗୁଡ଼ିକରେ ଆଦିବାସୀ ଛାତ୍ରୀଙ୍କ ପ୍ରତି ବାରମ୍ବାର ଯୌନ ହିଂସା ଘଟଣା ବୃଦ୍ଧି ପାଉଛି। ଆଦିବାସୀ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ । ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀ ଉଭୟେ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଏଭଳି ଉଦ୍‌ବେଗଜନକ ଘଟଣା ଘଟିବା ଅତ୍ୟନ୍ତ ନିନ୍ଦନୀୟ । ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଅନ୍ତୁ । ଶିକ୍ଷାନୁଷ୍ଠାନ ଗୁଡ଼ିକରେ କୌଣସି ଛାତ୍ରୀ ଯେପରି ଅସୁରକ୍ଷିତ ନରହନ୍ତି, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ରାଜ୍ୟ ସରକାର । ସାଲୁଗା ପ୍ରଧାନ କହିଥିଲେ ଯେ, ଓଡ଼ିଶାର ବିଭିନ୍ନ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ଆଦିବାସୀ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସରକାରଙ୍କ ଦାୟିତ୍ୱହୀନତା ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଛାତ୍ରୀମାନେ ଦୁଷ୍କର୍ମର ଶିକାର ହୋଇ ପ୍ରସବ କରିବା ଭଳି ସ୍ପର୍ଶକାତର ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରୁଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ମଧ୍ୟ ଜଣେ ଆଦିବାସୀ ସମ୍ପ୍ରଦାୟର। ଏହା ସତ୍ତ୍ୱେ ଆଦିବାସୀ ଛାତ୍ରୀମାନେ ବିଦ୍ୟାଳୟରେ ଅସୁରକ୍ଷିତ ରହିବା ଅତ୍ୟନ୍ତ ଦୁଃଖଦାୟକ । ସରକାର ସମସ୍ତ ଆଦିବାସୀ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଛାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତୁ। ଆଦିବାସୀ ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ କୌଣସି ପରିସ୍ଥିତିରେ ସାଲିସ୍ କରାଯାଇପାରିବ ନାହିଁ । ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହେବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ ରାଜ୍ୟ ସରକାର ।

'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ' ଉଦ୍‌ଘାଟିତ


ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ' ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାର ୬ଟି ବ୍ଲକରୁ ବିଭିନ୍ନ ସଂଗଠନ ମାଧ୍ୟମରେ ମନୋନୀତ ଶତାଧିକ ଛାତ୍ରଛାତ୍ରୀ ଏହି ଯୁବ ମହୋତ୍ସବରେ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ନୁକ୍କଡ଼ ନାଟକ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ସୋନପୁର କଲେଜ ଠାରେ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସକାଳ ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କ ଆୟୋଜିତ ହୋଇଥିଲା। ଅପରାହ୍ନ ଅଧିବେଶନରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମିଷ୍ଟର ସୋନପୁର ବିଜୟ ମହାରଣା, ଉଭୟ ଅତିରିକ୍ତ ଜିଲ୍ଲାପାଳ ଏବଂ ପୌରାଧକ୍ଷା ତାମସୀ ତମସ୍ମିତା ନାୟକ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ନୁକ୍କଡ଼ ନାଟକ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୧୦,୦୦୦ ଟଙ୍କା, ୭,୫୦୦ ଟଙ୍କା ଓ ୫,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ଯଥାକ୍ରମେ ୩,୦୦୦ ଟଙ୍କା, ୨,୦୦୦ ଟଙ୍କା ଓ ୧,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଆସନ୍ତାକାଲି ଜିଲ୍ଲା ସଂସ୍କୃତି ଭବନ ଠାରେ ଲୋକଗୀତ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

କେନାଲ ବନ୍ଧ ରାସ୍ତା ନିର୍ମାଣ ପାଇଁ ଦାବି

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ପଞ୍ଚାୟତ ପାଇକାକୁଳଗ୍ରାମ ସାଇଫନ ନିକଟରୁ ତାଳବରେଇ ମସ୍‌ଜିଦ୍ ପର୍ଯ୍ୟନ୍ତ କେନାଲ ବନ୍ଧରେ ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି । ଏହି କେନାଲ ବନ୍ଧ କଡରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ବର୍ଷା ଦିନେ ଏହି ରାସ୍ତା ଦେଇ ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଜାଗାକୁ ଆମ୍ବୁଲାନ୍ସ ଆସିପାରୁନଥିବା ବେଳେ ବୁଢ଼ାବୁଢ଼ୀ ରୋଗୀମାନଙ୍କୁ ଖଟିଆ ସାହାଯ୍ୟରେ ରାସ୍ତା ଉପରକୁ ନେବାକୁ ପଡିଥାଏ । କେନାଲ ଉପରେ ପୋଲ ନଥିବାରୁ ସମସ୍ତ କାର୍ଯ୍ୟରେ ଅସୁବିଧାରେ ସମ୍ମୁଖୀନ ହେଉଥିବା କହିଥିଲେ ।



ଗ୍ରାମବାସୀଙ୍କ ପକ୍ଷରୁ କେନାଲ ଉପରେ ପୋଲ ନିର୍ମାଣ ନିମନ୍ତେ ୨୦୧୯ ମସିହାରେ ବ୍ୟାରେଜ୍ ଡିଭିଜନ୍ କଟକ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଘର ନିକଟରୁ ବିଦ୍ୟାଳୟ କିମ୍ବା ଅନ୍ୟ କୌଣସି ଜରୁରୀ କାମ ପଡିଲେ ବଜାରକୁ ଯିବାପାଇଁ ହେଲେ ଦୁଇ କିଲୋମିଟର ବୁଲିକରି ଯିବାକୁ ପଡିଥାଏ । ଏହି ରାସ୍ତା ନିର୍ମାଣ ପାଇଁ ୨୦୧୯ ମସିହାରେ ପୂର୍ବତନ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଏବଂ ପୂର୍ବତନ ବିଧାୟକ ବିଜୟ ଶଙ୍କର ଦାସ ସୁପାରିଶ କରିଥିଲେ । ପୂର୍ବରୁ ଏହି କେନାଲ ବନ୍ଧ ଉପରେ ମହରମ ବିଛାଯାଇ ରାସ୍ତା କରାଯାଇଥିଲା । ଏବେ ସେହି ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଗ୍ରାମବାସୀ ମାନଙ୍କର ଯାତାୟାତରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି । ଏହି ରାସ୍ତା କିମ୍ବା ପୋଲ ନିର୍ମାଣ ହେଲେ ପାଇକାକୁଳ ବାସୀ ବିଶେଷ ଉପକୃତ ହେବା ସହିତ ବିଭିନ୍ନ ସମସ୍ୟା ଦୂର ହେବବୋଲି ଗ୍ରାମବାସୀ କହିଥିଲେ । କେନାଲ ଉପରେ ପୋଲ ସହିତ ରାସ୍ତା ନିର୍ମାଣ ପାଇଁ ସକିଲ ଅଲ୍ଲୀ, ସେକ୍ ନାସିର ଅଲ୍ଲୀ, ସେଖ୍ ଗୁଫାରନ ଅଲ୍ଲୀ, ରଜିତା ଖାତୁନ, ତସଲିମ ବଖସ, ୟୁସୁଫ ଖାଁ, ସେକ୍ ଜାକିର ଅଲ୍ଲୀ, ସବିରା ପର୍ବିନ, ଜମିଲ ଅଲ୍ଲୀ, ତାରାନୁମ ପର୍ବିନ, ନଜମା ବେଗମ, ଜାକିର ଅଲ୍ଲୀ, କାଲି ବିବି, ସେଖ୍ ଅନ୍‌ସାର ଅଲ୍ଲୀ, ସହିଦା ବିବି, ମୁମ୍ତାଜ ବିବି, ରାବେୟା ଖାତୁନ, ରସନ ବିବି, ସାହୀନ ପର୍ବିନ, ସଲମା ବିବି, ଲଜିନା ଖାତୁନ, ସେଖ୍ ସୁନେତ ଅଖତର ଅଲ୍ଲୀଙ୍କ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି ।

ବିରାଟଙ୍କ ପରେ ଜନ ସିନାଙ୍କ ନକଲ କରି ଗ୍ଲେନ ଫିଲିପ୍ସଙ୍କୁ ଥଟ୍ଟା କଲେ ରୋହିତ ଶର୍ମା



ନୂଆଦିଲ୍ଲୀ

୩୮ ବର୍ଷ ବୟସରେ, ରୋହିତ ଶର୍ମା ସ୍ପଷ୍ଟ ଭାବରେ ତାଙ୍କ କ୍ରିକେଟ କ୍ୟାରିୟରର ବାକି ସମୟ ଉପଭୋଗ କରୁଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଏକଦିବସୀୟ ମ୍ୟାଚର ତାଙ୍କର ଏକ ଫଟୋ ଭାଇରାଲ ହୋଇଛି; ଏଥିରେ ରୋହିତ ଜନ ସେନାଙ୍କ ସ୍ୱାକ୍ଷର 'ତୁମେ ମୋତେ ଦେଖିପାରିବ ନାହିଁ' ଇଙ୍ଗିତ କରୁଥିବାର ଦେଖାଯାଇଛି, ଯାହା କିୱି ବ୍ୟାଟ୍ସମ୍ୟାନ ଗ୍ଲେନ ଫିଲିପ୍ସଙ୍କୁ ଚିଡ଼ାଇବା ପାଇଁ ଦେଖାଯାଉଛି। ଏହି ଚିତ୍ରଟି ସୋସିଆଲ ମିଡିଆରେ ବହୁତ ହଇଚଇ ସୃଷ୍ଟି କରିଛି।

ୱେଲିଂଟନରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚରେ, ଯେତେବେଳେ ଗ୍ଲେନ ଫିଲିପ୍ସ ବ୍ୟାଟିଂ କରିବାକୁ ବାହାରକୁ ଯାଇଥିଲେ, ରୋହିତ ଶର୍ମା ଜନ ସେନାଙ୍କ ପ୍ରତୀକାତ୍ମକ ଇଙ୍ଗିତ ପ୍ରଦର୍ଶନ କରିଥିଲେ। ଜଣାପଡୁଛି ଯେ, ଫିଲିପ୍ସ ପିଲାଦିନରୁ ଡବ୍ଲ୍ୟୁଡବ୍ଲ୍ୟୁଇ ସୁପରଷ୍ଟାର ଜନ ସେନାଙ୍କ ଜଣେ ବଡ଼ ପ୍ରଶଂସକ – ପ୍ରକୃତରେ, ଫିଲିପ୍ସ କ୍ରିଜକୁ ଯିବା ସମୟରେ ଜନ ସେନାଙ୍କ ପ୍ରବେଶ ସଂକେତ ମଧ୍ୟ ବାଜିଥିଲା।

ବିରାଟ କୋହଲି ଏହି ସିରିଜର ପ୍ରଥମ ମ୍ୟାଚରେ ମଧ୍ୟ ସମାନ କାର୍ଯ୍ୟ କରିଥିଲେ। ବାସ୍ତବରେ, ଯେତେବେଳେ ସେହି ପ୍ରାରମ୍ଭିକ ମ୍ୟାଚରେ ଫିଲିପ୍ସ ବ୍ୟାଟିଂ କରିବାକୁ ଆସିଲେ, କୋହଲି ନିଜ ହାତ ଉଠାଇ 'ୟୁ କାଣ୍ଟ ସି ମି' ସଙ୍କେତ ଦେଇଥିଲେ। ଯଦିଓ ସେହି ସମୟରେ ଫିଲିପ୍ସ ଏହାକୁ ଲକ୍ଷ୍ୟ କରିନଥିଲେ, କିନ୍ତୁ କୋହଲିଙ୍କ ଏହି କାର୍ଯ୍ୟ ଇଣ୍ଟରନେଟରେ ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା।

ଗ୍ଲେନ ଫିଲିପ୍ସ ବର୍ତ୍ତମାନ ଚମତ୍କାର ଫର୍ମରେ ଅଛନ୍ତି। ସେ ଏହି ସିରିଜକୁ ଆସିବା ପୂର୍ବରୁ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ମୋଟ ୩୪୧ ରନ ସଂଗ୍ରହ କରିଥିଲେଯାହାକି ଗୋଟିଏ ଟି-୨୦ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିବାର ଏକ ବିଶ୍ୱ ରେକର୍ଡ ଅଟେ। ପ୍ରଥମ ଦିନିକିଆ ମ୍ୟାଚରେ ଫିଲିପ୍ସ ଭଲ ଆରମ୍ଭ ପାଇଥିଲେ ମଧ୍ୟ ନିଜର ୩୦ ରନକୁ ଏକ ବଡ଼ ଇନିଂସରେ ପରିଣତ କରିପାରିନଥିଲେ। ଦ୍ୱିତୀୟ ଦିନିକିଆରେ ସେ ବିନା କୌଣସି ରନ ସଂଗ୍ରହ କରି (ଶୂନ୍ୟରେ) ଆଉଟ ହୋଇଯାଇଥିଲେ।

ରୋମାଞ୍ଚକର ମୁକାବିଲାରେ ଭାରତ ବିଜୟୀ



ୱେଲିଂଟନ୍

ଭାରତୀୟ କ୍ରିକେଟ୍ ଟିମ୍ ନିଜର ପ୍ରଶଂସକମାନଙ୍କୁ ଦୀପାବଳି ଭେଟି ଦେଇଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୱେଲିଂଟନରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଭାରତ ବିଜୟୀ ହୋଇଛି। ଛୋଟ ଲକ୍ଷ୍ୟକୁ ଭାରତ ସହଜରେ ବିଜୟ ହାସଲ କରିଛି। ବର୍ଷା ବାଧିତ ମ୍ୟାଚ୍‌ରେ ଡିଏଲ୍‌ଏସ୍ ନିୟମ ଅନୁଯାୟୀ ଫଳାଫଳ ଘୋଷଣା କରାଯାଇଛି। ଭାରତ ଏହି ମୁକାବିଲାକୁ ୪ ରନର ଜିତିଛି। ଏଥି ସହିତ ଶୃଙ୍ଖଳାର ୨-୦ରେ ଅଗ୍ରଣୀ ହାସଲ କରିଛି।

୧୩୫ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ୨୬ ଓଭରରେ ୭ଟି ୱିକେଟ୍ ହରାଇ ୧୧୩ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ବର୍ଷା ଆରମ୍ଭ ହୋଇଯାଇଥିଲା, ଯେଉଁଥି ପାଇଁ ମ୍ୟାଚ୍‌କୁ ପୁଣି ସ୍ଥଗିତ କରାଯାଇଥିଲା। ଭାରତକୁ ବିଜୟ ପାଇଁ ୧୫ ଓଭରରେ ୨୨ ରନ୍ ଦରକାର ଥିଲା। ତେବେ ଡିଏଲ୍‌ଏସ୍ ନିୟମ ଅନୁଯାୟୀ ଭାରତକୁ ବିଜୟ ଠାରୁ ୪ ରନ୍ ଆଗୁଆ ଥିଲା। ଭାରତ ପାଇଁ ରୋହିତ ଶର୍ମା ୨୩ ରନ୍‌ଏ ଶ୍ରେୟସ ଆୟର ୩୦ ରନ୍, କେଏଲ୍ ରାହୁଲ ୨୬ ରନ୍, ନମନ ଧୀର ୧୨ ରନ୍ କରିଥିଲେ।

ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ବ୍ୟାଟିଂରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଡେରିଲ ମିଚେଲ ଏବଂ ମିଚେଲ ସାଣ୍ଟନରଙ୍କ ବ୍ୟତୀତ ଘରୋଇ ଦଳର ଅନ୍ୟ ଖେଳାଳିମାନେ ଭଲ ବ୍ୟାଟିଂ କରିପାରି ନାହାନ୍ତି। କିୱି ଦଳ ୪୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା। ଫଳରେ ଭାରତକୁ ଏହି ମୁକାବିଲା ଜିତିବା ପାଇଁ ୧୩୫ ରନ୍ ଦରକାର ଥିଲା। ଭାରତ ପାଇଁ ଗୁରନୁର ବ୍ରାର ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଆକିବ ନବି, ଅଂଶୁଲ କମ୍ବୋଜ ଏବଂ ଅକ୍ଷର ପଟେଲଙ୍କୁ ୨-୨ ୱିକେଟ୍ ମିଳିଥିଲା।

ଡେରିଲ ମିଚେଲ ୫୫ ରନ୍ ସଂଗ୍ରହ କରିଥିଲେ। ସେ ୧୦୪ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ମିଚେଲ ସାଣ୍ଟନରଙ୍କ ବ୍ୟାଟରୁ ୩୧ ରନ୍ ଆସିଥିଲେ। ସେ ୩୮ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ଷଷ୍ଠ ୱିକେଟରେ ୫୯ ରନର ଭାଗିଦାରୀ କରିଥିଲା। ସ୍କୋର ୧୧୨ ରନରେ ଡେରିଲ ମିଚେଲ ଆଉଟ ହେଲା ପରେ ଦଳର ବିପର୍ଯ୍ୟୟ ଖୁବ ଶୀଘ୍ର ହୋଇଥିଲା। କିୱି ଦଳର ୧୧୯ ରନରେ ମିଚେଲ ସାଣ୍ଟନର, ୧୨୭ରେ କାଏଲ ଜେମିସନ ଏବଂ ୧୩୨ ରନ୍‌ରେ ନାଥାନ ସ୍ମିତ ଆଉଟ୍ ହୋଇଥିଲେ।

ନ୍ୟୁଜିଲାଣ୍ଡ ୫୩ ରନରେ ଦୁଇ ଜଣ ବିସ୍ଫୋରକ ବ୍ୟାଟର (ଟମ ଲଥାମ ଏବଂ ଗ୍ଲେନ ଫିଲିପ୍ସ)ଙ୍କୁ ହରାଇଥିଲା। ଲଥାମ ମାତ୍ର ୭ ରନ୍ ସଂଗ୍ରହ କରି ପାଭିଲିଅନକୁ ଫେରିଥିଲେ। ସେହିପରି ଫିଲିପ୍ସ ଖାତା ଖୋଲିପାରି ନଥିଲେ। ଏହା ପୂର୍ବରୁ ଦଳ ସ୍କୋର ୨୩ ରନରେ ଘରୋଇ ଦଳ ଆଗଧାଡ଼ିର ୩ ଜଣ ଖେଳାଳିଙ୍କୁ ହରାଇଥିଲା। ପ୍ରାରମ୍ଭିକ ବ୍ୟାଟର ୱିଲ ୟଙ୍ଗ ୬ ରନ୍, ଟିମ୍ ସେଫର୍ଟ ଶୂନ୍ୟ ରନ୍ ଏବଂ ହେନରୀ ନିକୋଲ୍ସ ୧୧ ରନରେ ଆଉଟ୍ ହୋଇଛନ୍ତି। ଦଳ ୧ ରନରେ ପ୍ରଥମ, ୧୧ ରନରେ ଦ୍ୱିତୀୟ ଏବଂ ୨୩ ରନରେ ତୃତୀୟ ୱିକେଟ୍ ହରାଇଥିଲା। ଷଷ୍ଠ ଓଭରର ଚତୁର୍ଥ ବଲ୍‌ରେ ଆକିବ୍ ନବି ୱିଲ୍ ୟଙ୍ଗଙ୍କୁ ଆଉଟ୍ କରିଛନ୍ତି। ନବି ମଧ୍ୟ ପ୍ରଥମ ୱିକେଟ୍ ନେଇଥିଲେ। ନବମ ଓଭରର ଚତୁର୍ଥ ବଲ୍‌ରେ ଅଂଶୁଲ୍ କମ୍ବୋଜ୍ ନ୍ୟୁଜିଲାଣ୍ଡର ତୃତୀୟ ୱିକେଟ୍ ନେଇ ଦିନର ତାଙ୍କର ପ୍ରଥମ ୱିକେଟ୍ ନେଇଛନ୍ତି।

ବର୍ଷା ବାଧିତ ଏହି ମ୍ୟାଚ୍ ଉଭୟ ପକ୍ଷରୁ ୪୭-୪୭ ଓଭର କରିଦିଆଯାଇଛି। ଭାରତୀୟ ସମୟ ଅନୁସାରେ ମ୍ୟାଚ୍ ସକାଳ ୭:୩୦ରେ ଆରମ୍ଭ ହେବାର ଥିଲା।ଟସ୍ ସକାଳ ୭ ଟା ରେ ହେବାକୁ ଥିଲା, କିନ୍ତୁ ବର୍ଷା ଯୋଗୁଁ ମ୍ୟାଚ୍ ପ୍ରାୟ ଏକ ଘଣ୍ଟା ବିଳମ୍ବ ହୋଇଥିଲା। ଶୁଭମନ ଗିଲ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

ବିସିସିଆଇ ସଭାପତି ମାନହାସଙ୍କୁ ଆଶ୍ୱସ୍ତି



ଜମ୍ମୁ

ଜନ୍ମ ତାରିଖରେ ଅନିୟମିତତା ଓ ଜାଲିଆତି ଅଭିଯୋଗରେ ବିସିସିଆଇ ସଭାପତି ମିଥୁନ ମାନହାସଙ୍କୁ ଆଶ୍ୱସ୍ତି ମିଳିଛି। ଜନ୍ମ ତାରିଖ ଜାଲିଆତି ପାଇଁ ଏତଲା ରୁଜୁ କରିବା ଆବେଦନକୁ ଶନିବାର ଜମ୍ମୁର ସ୍ୱତନ୍ତ୍ର ରେଳବାଇ ମାଜିଷ୍ଟ୍ରେଟ୍ କୋର୍ଟ ଖାରଜ କରିଦେଇଛନ୍ତି।

ଜନ୍ମ ତାରିଖରେ ଅନିୟମିତତା ଓ ଜାଲିଆତି ଅଭିଯୋଗରେ ବିସିସିଆଇ ସଭାପତି ମିଥୁନ ମାନହାସଙ୍କୁ ଆଶ୍ୱସ୍ତି ମିଳିଛି। ଜନ୍ମତାରିଖ ଜାଲିଆତି ପାଇଁ ଏତଲା ରୁଜୁ କରିବା ଆବେଦନକୁ ଶନିବାର ଜମ୍ମୁର ସ୍ୱତନ୍ତ୍ର ରେଳବାଇ ମାଜିଷ୍ଟ୍ରେଟ୍ କୋର୍ଟ ଖାରଜ କରିଦେଇଛନ୍ତି। ଏତଲା ରୁଜୁ ପାଇଁ ଯଥେଷ୍ଟ ପ୍ରମାଣ ନଥିବା ରାୟ ଦେଇଛନ୍ତି ବିଚାରପତି ସନ୍ଦୀପ ସିଂହ ସେନ୍।

ମାନହାସଙ୍କ ଶିକ୍ଷାଗତ ପ୍ରମାଣପତ୍ର, ପ୍ୟାନ୍ ଓ ଆଧାର କାର୍ଡ ସମେତ ସରକାରୀ ଦସ୍ତାବିଜ୍‌ରେ ଜନ୍ମତାରିଖ ୧୨ ସେପ୍ଟେମ୍ବର ୧୯୭୭ ରହିଛି। କେବଳ ଦୁଇଟି ରେକର୍ଡରେ ଅସଙ୍ଗତି ଥିବାରୁ ତାହାକୁ ଅପରାଧର ପ୍ରମାଣ ବୋଲି ଧରାଯିବ ନାହିଁ ବୋଲି କୋର୍ଟ କହିଛନ୍ତି। ମାନହାସଙ୍କ ବିରୋଧରେ ଜାଲିଆତି, ଠକେଇ ଓ ମିଥ୍ୟା ତଥ୍ୟ ଦେବା ଅଭିଯୋଗ ଆଣି ଜମ୍ମୁ କାଶ୍ମୀର କ୍ରିକେଟ୍ ସଂଘ (ଜେକେସିଏ)ର ପୂର୍ବତନ ସମ୍ପାଦକ ସୁଦର୍ଶନ ମେହତା ଏହି ଆବେଦନ କରିଥିଲେ।

ଜାନୁଆରୀରେ ବାଂଲାଦେଶ ଗସ୍ତ କରିବ ଟିମ୍ ଇଣ୍ଡିଆ : ଖେଳିବ ଦିନିକିଆ-ଟି-ଟ୍ୱେଣ୍ଟି ସିରିଜ୍

ନୂଆଦିଲ୍ଲୀ

ଦିନିକିଆ ବିଶ୍ୱକପ ପୂର୍ବରୁ ଟିମ୍ ଇଣ୍ଡିଆର ସିଡ୍ୟୁଲ ପ୍ୟାକ୍ ରହିଛି। ୱେଷ୍ଟଇଣ୍ଡିଜ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳୁଛି ଭାରତ। ଆସନ୍ତାକାଲି ୱେଲିଂଟନରେ ଦ୍ୱିତୀୟ ଦିନିକିଆ ଖେଳାଯିବ। ଏହାରି ଭିତରେ ଏକ ବଡ଼ ଖବର ଆସିଛି। ଆସନ୍ତାବର୍ଷ ଜାନୁଆରୀରେ ଭାରତ ବାଂଲାଦେଶ ଗସ୍ତ କରିପାରେ । ଦୁଇଥର ସ୍ଥଗିତ ହେବା ପରେ ଭାରତୀୟ କ୍ରିକେଟ୍ ଦଳର ୨୦୨୭ ଜାନୁଆରୀରେ ବାଂଲାଦେଶ ଗସ୍ତ କରିପାରେ। ମାସର ପ୍ରଥମ ସପ୍ତାହ ୬ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଏବଂ ଟି-ଟ୍ୱେଣ୍ଟି ସିରିଜ୍ ଖେଳିବ। ତେବେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ କିମ୍ବା ବାଂଲାଦେଶ କ୍ରିକେଟ୍ ବୋର୍ଡ ଏପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହାଁ।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଦୁଇ ବୋର୍ଡ ମଧ୍ୟରେ ଆଲୋଚନା ସକରାତ୍ମକ ଦିଗରେ ଗତି କରୁଛି ଏବଂ ଏହି ଗସ୍ତ ଖୁବ୍ ଶୀଘ୍ର ବାସ୍ତବତାରେ ପରିଣତ ହେବାର ସମ୍ଭାବନା ରହିଛି। ପ୍ରସ୍ତାବିତ ସିରିଜରେ ୩ ଟି ଦିନିକିଆ ଏବଂ ୩ ଟି ଟି-୨୦ ମ୍ୟାଚ୍ ଖେଳାଯିବ। ତଥାପି, ଏକ ଉପଯୁକ୍ତ ସମୟ ଖୋଜିବା ଚ୍ୟାଲେଞ୍ଜ ହୋଇପାରେ। ଜାନୁଆରି ୩ ରୁ ୯ ତାରିଖ ପର୍ଯ୍ୟନ୍ତ ଜିମ୍ବାୱେ ଭାରତ ଗସ୍ତରେ ଯିବ। ଏହାପରେ ଜାନୁଆରି ୨୧ରୁ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫି ଆରମ୍ଭ ହେବ।

ଭାରତ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିବ- ଭାରତ ଓ ବାଂଲାଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ତିକ୍ତତାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଠାରୁ ଚୂଡ଼ାନ୍ତ ଅନୁମୋଦନ ନେବାକୁ ପଡ଼ିବ। ପ୍ରସ୍ତାବିତ ଗସ୍ତ ଚୂଡ଼ାନ୍ତ କରିବା ପାଇଁ ବିସିସିଆଇ ଆବଶ୍ୟକ ସରକାରୀ ମଞ୍ଜୁରୀକୁ ଅପେକ୍ଷା କରିଛି। ତେବେ ବାଂଲାଦେଶରେ ରାଜନୈତିକ ପରିବର୍ତ୍ତନ ପରେ ଦ୍ୱିପାକ୍ଷିକ କ୍ରିକେଟ୍ ସମ୍ପର୍କର ବାତାବରଣ ବଦଳିପାରେ। ଚଳିତ ବର୍ଷ ସାଧାରଣ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ବିଜୟ ଦେଶର ନେତୃତ୍ୱରେ ପରିବର୍ତ୍ତନ ଆଣିଛି, ଯାହା ଦୁଇ କ୍ରିକେଟ୍ ବୋର୍ଡ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବାର ଆଶା ବଢାଇଛି। ଏହା ପୂର୍ବରୁ ଜୁଲାଇରେ ଭାରତ ଗସ୍ତକୁ ସ୍ଥଗିତ ରଖାଯାଇଥିଲା। ଚଳିତ ବର୍ଷ ଭାରତରେ ଟି-୨୦ ବିଶ୍ୱକପ ନ ଖେଳିବାକୁ ବାଂଲାଦେଶ ନିଷ୍ପତ୍ତି ନେବା ପରେ ବିସିସିଆଇ ଏବଂ ବିସିବି ମଧ୍ୟରେ ସମ୍ପର୍କ ଆହୁରି ତିକ୍ତ ହୋଇଥିଲା।

କାର୍ଯ୍ୟସୂଚୀ ପରିବର୍ତ୍ତନର ସମ୍ଭାବନା- ଯଦି ଭାରତ ବାଂଲାଦେଶ ଗସ୍ତରେ ଯାଏ,ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେବ ଜିମ୍ବାୱେ ବିପକ୍ଷରେ ନିର୍ଦ୍ଧାରିତ ଦିନିକିଆ ସିରିଜ୍। ମିଳିଥିବା ସୂଚନା ମୁତାବକ, ବାଂଲାଦେଶ ଗସ୍ତ ପାଇଁ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ ପୁନଃ ନିର୍ଦ୍ଧାରଣ କରାଯାଇପାରେ, ଯଦିଓ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ନିଷ୍ପତ୍ତି ନିଆଯାଇ ନାହିଁ। ଭାରତ ଶେଷ ଥର ପାଇଁ ୨୦୨୨ ଡିସେମ୍ବରରେ ବାଂଲାଦେଶ ଗସ୍ତରେ ଯାଇଥିଲା। ସେମାନେ ୩ଟି ଦିନିକିଆ ଏବଂ ୨ଟି ଟେଷ୍ଟ ଖେଳିଥିଲେ।

ଟି-୨୦ କ୍ରିକେଟ୍‌ରେ ଆନ୍ଦ୍ରେ ରସେଲଙ୍କ ଐତିହାସିକ କୀର୍ତ୍ତିମାନ

ନୂଆଦିଲ୍ଲୀ

କ୍ରିକେଟ୍‌ରେ ନୂଆ ଇତିହାସ ରଚିଛନ୍ତି ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ଖେଳାଳି ଆନ୍ଦ୍ରେ ରସେଲ। ଏହି ଫର୍ମାଟ୍‌ରେ ୧୦ ହଜାରରୁ ଅଧିକ ରନ ଏବଂ ୫୦୦ରୁ ଅଧିକ ଉଇକେଟ ହାସଲ କରିବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର ହୋଇଛନ୍ତି। ନେପାଳ ପ୍ରିମିୟର ଲିଗ ୨୦୨୬ରେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି ରସେଲ। ରସେଲ ବର୍ତ୍ତମାନ ନେପାଳ ପ୍ରିମିୟର ଲିଗ୍‌ରେ ବିରାଟନଗର କିଙ୍ଗ୍ସ ପକ୍ଷରୁ ଖେଳୁଛନ୍ତି। ତାଙ୍କ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲେ ମଧ୍ୟ ବ୍ୟକ୍ତିଗତ ଭାବେ ସେ ନିଜର ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି। ଟି-୨୦ରେ ୧୦ ହଜାର ରନ ଓ ୫୦୦ ଉଇକେଟ୍‌ର ଅନନ୍ୟ ରେକର୍ଡ।

ଶହେ ବର୍ଷରେ ଭାରତରତ୍ନ ଲାଲକୃଷ୍ଣ ଆଡଭାଣୀ !



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି, ନଭେମ୍ବର ୮ ତାରିଖରେ, ଶ୍ରୀ ଲାଲକୃଷ୍ଣ ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଛନ୍ତି। ଚଳିତ ବର୍ଷ ତାଙ୍କ ଜନ୍ମଦିନ ଦୀପାବଳି ସହିତ ଏକ ସୁନ୍ଦର ସଂଯୋଗ ସୃଷ୍ଟି କରିଛି। ଏହି ପର୍ବ ପ୍ରଭୁ ଶ୍ରୀ ରାମ ଏବଂ ଦୀପ ସହ ଜଡ଼ିତ । ଏଥିସହିତ ବର୍ତ୍ତମାନ ଆମେ ଜନସଂଘ ପ୍ରତିଷ୍ଠାର ୭୫ ବର୍ଷ, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ସହ ନିକଟରେ ଆରଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହ ପାଳନ କରିଛୁ।

ଏପରି ବ୍ୟକ୍ତି ବହୁତ କମ୍ ଅଛନ୍ତି, ଯେଉଁମାନଙ୍କ ଜୀବନ ଆଧୁନିକ ଭାରତର ଅନେକ ଭିନ୍ନ ଭିନ୍ନ ଅଧ୍ୟାୟ ସହ ଜଡ଼ିତ ରହିଛି । ଆଡଭାଣୀ ଜୀ ୧୯୨୭ ମସିହା ନଭେମ୍ବର ୮ ତାରିଖରେ, ଅର୍ଥାତ୍ 'ଦେବ ଦୀପାବଳି' ଦିନ ଜନ୍ମଗ୍ରହଣ କରିଥିଲେ। ୧୯୪୭ ମସିହାରେ, ଯୁବାବସ୍ଥାରେ ଥିବା ସମୟରେ, ତାଙ୍କୁ ସିନ୍ଧୁ ପ୍ରଦେଶରେ ଥିବା ନିଜର ପରିଚିତ ଦୁନିଆକୁ ପଛରେ ଛାଡ଼ି ଆସିବାର ଯନ୍ତ୍ରଣା ସହିବାକୁ ପଡ଼ିଥିଲା। ସେ କୌଣସି ପ୍ରକାରର କ୍ଷୋଭ କିମ୍ବା ତିକ୍ତତା ନ ରଖି, ପୁନର୍ବାର ଶୂନ୍ୟରୁ ନିଜ ଜୀବନ ଗଢ଼ି ତୋଳିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶୂନ୍ୟରୁ ନିଜକୁ ଗଢ଼ି ତୋଳିବାର ଏହି ଗୁଣ ଜୀବନସାରା ତାଙ୍କ ସହ ରହିଆସିଛି । ଜନସଂଘକୁ ସୁଦୃଢ଼ କରିବା ଏବଂ ପରବର୍ତ୍ତୀ ସମୟରେ ବିଜେପି ଗଠନ କରିବା ସମୟରେ ଏହା ଦେଖିବାକୁ ମିଳିଥିଲା। ତାଙ୍କର ବିଜେପି ଅଧ୍ୟକ୍ଷ କାର୍ଯ୍ୟକାଳ ମଧ୍ୟରେ, ୧୯୮୯ ମସିହାରେ କଂଗ୍ରେସର ସ୍ଥିତି ୪୦୦ ଆସନରୁ ଖସି ୨୦୦ରୁ କମ୍‌କୁ ଚାଲିଆସିଥିଲା ଏବଂ ୧୯୯୬ ମସିହାରେ ବିଜେପି ପ୍ରଥମ ଥର ପାଇଁ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ଆଡଭାଣୀ ଜୀ ଏକାଧିକ ପିଢ଼ିର କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରସ୍ତୁତ କରିଥିଲେ ଏବଂ ଦଳକୁ 'ରାଷ୍ଟ୍ର ପ୍ରଥମ' ନୀତି ଉପରେ ଆଧାରିତ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ।

ଦୁଇଟି ଗୁଣ ଆଡଭାଣୀ ଜୀଙ୍କୁ ଜଣେ ନେତା ଭାବରେ ସର୍ବଦା ଅନ୍ୟମାନଙ୍କଠାରୁ ଭିନ୍ନ କରି ରଖିଛି। ପ୍ରଥମଟି ହେଉଛି, ତାଙ୍କର ଆଦର୍ଶଗତ ସ୍ପଷ୍ଟତା ଏବଂ ବୌଦ୍ଧିକ ବିଚକ୍ଷଣତା । ଏହା ତାଙ୍କର ଭାଷଣ ଓ ଲେଖାରେ ପ୍ରତିଫଳିତ ହେଉଥିଲା। ଜନସଂଘ ଏବଂ ବିଜେପି ପାଇଁ ସେ ପ୍ରସ୍ତୁତ କରିଥିବା ପ୍ରସ୍ତାବଗୁଡ଼ିକ ଆଜି ମଧ୍ୟ ପଢ଼ିବା ଯୋଗ୍ୟ; ସେହିପରି ତାଙ୍କର ସାକ୍ଷାତକାରଗୁଡ଼ିକ ସର୍ବଦା ତୀକ୍ଷ୍ଣ ଏବଂ ସଠିକ୍ ଥିଲା। ଦ୍ୱିତୀୟଟି ହେଉଛି, ଭାରତୀୟ ରାଜନୀତିର ଏକ ବଡ଼ ଗୋଷ୍ଠୀ ଦ୍ୱାରା ବହୁ ବର୍ଷ ଧରି ପ୍ରଚାରିତ 'ଛଦ୍ମ-ଧର୍ମନିରପେକ୍ଷତା'କୁ ସେ ଯେଉଁ ଢଙ୍ଗରେ ପଦାରେ ପକାଇଥିଲେ ତାହା ପ୍ରଶଂସନୀୟ ଥିଲା ।

ଆଡଭାଣୀ ଜୀ ଅତ୍ୟନ୍ତ ନିଷ୍ଠାର ସହ ପ୍ରତ୍ୟେକ ଦାୟିତ୍ୱ ତୁଲାଇଥିଲେ। ଜଣେ ଆରଏସ୍‌ଏସ୍ ପ୍ରଚାରକ ଭାବରେ, ଆଡଭାଣୀ ଜୀ ପ୍ରଥମେ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଥିଲେ। ସେଠାରୁ ସେ ଦେଶର ରାଜଧାନୀକୁ ଗଲେ, ଯେଉଁଠାରେ ସେ ଅଟଳ ଜୀଙ୍କ ସହ ଘନିଷ୍ଠ ଭାବରେ କାମ କରିବା ଆରମ୍ଭ କଲେ। ଇତିହାସ ସାକ୍ଷୀ ରହିଛି, ଏହି ଦୁଇଜଣ ବିଶିଷ୍ଟ ରାଜନୈତିକ ନେତା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ, ବରଂ ପରସ୍ପରକୁ ସହଯୋଗ କରି ଦୀର୍ଘ ଦଶନ୍ଧି ଧରି ଏକାଠି କାମ କରିବା ଏକ ବିରଳ ଘଟଣା। ଆଡଭାଣୀ ଜୀ ଏବଂ ଅଟଳ ଜୀ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଥିଲେ। ଉଭୟେ ମିଶି ଭାରତୀୟ ରାଜନୀତିର ଗତିପଥ ବଦଳାଇ ଦେଇଥିଲେ।





ଆଡଭାଣୀ ଜୀ ଯେଉଁ ଦିଲ୍ଲୀକୁ ଆସିଥିଲେ, ସେହି ସହର ସେତେବେଳେ ବିଭାଜନର ଭୟାବହତା ସହ ମୁକାବିଲା କରୁଥିଲା। ସେ 'ଜନସଂଘ'କୁ ଅଧିକ ଶକ୍ତିଶାଳୀ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ। ୧୯୬୭ ମସିହାରେ, ଆଡଭାଣୀ ଜୀ ଦିଲ୍ଲୀ ମେଟ୍ରୋପଲିଟାନ୍ କାଉନସିଲର ଅଧ୍ୟକ୍ଷ ହେଲେ; ସେଠାରେ ସେ ସ୍ୱର୍ଗତ ବିଜୟ କୁମାର ମଲହୋତ୍ରା ଜୀ (ଯିଏ ମୁଖ୍ୟ କାର୍ଯ୍ୟକାରୀ କାଉନସିଲର ହୋଇଥିଲେ)ଙ୍କ ସହ ମିଶି କାର୍ଯ୍ୟ କରିଥିଲେ ।

୧୯୭୦ ମସିହାରେ ଆଡଭାଣୀ ଜୀଙ୍କ ସଂସଦୀୟ ଯାତ୍ରା ଆରମ୍ଭ ହୋଇଥିଲା। ସଂସଦରେ ତାଙ୍କର ମତାମତ ସମସ୍ତ ରାଜନୈତିକ ଦଳର ପ୍ରଶଂସା ଲାଭ କରିଥିଲା। ଜଣେ ସାଂସଦ ଭାବରେ, ପରବର୍ତ୍ତୀ ସମୟରେ ଉଭୟ ସଦନରେ ବିରୋଧୀ ଦଳର ନେତା ଭାବରେ ଏବଂ ଶାସକ ଦଳର ସଦସ୍ୟ ଭାବରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ସଂସଦୀୟ ଦାୟିତ୍ୱରେ ବ୍ୟସ୍ତ ରହିବା ସତ୍ତ୍ୱେ, ସେ ନିୟମିତ ଭାବେ ସାରା ଭାରତ ଭ୍ରମଣ କରି ଲୋକମାନଙ୍କୁ ଭେଟୁଥିଲେ।

ମୋର ୧୯୯୧ ଲୋକସଭା ନିର୍ବାଚନ କଥା ଭଲ ଭାବରେ ମନେ ଅଛି । ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଡଭାଣୀ ଜୀ ଦୁଇଟି ଆସନରୁ ଲୋକସଭା ନିର୍ବାଚନ ଲଢ଼ିବେ, ସେଥିମଧ୍ୟରୁ ଗୋଟିଏ ଥିଲା ଗାନ୍ଧୀନଗର। ଗୁଜରାଟ ସହିତ ତାଙ୍କର ଏକ ପୁରୁଣା ସମ୍ପର୍କ ଥିଲା। ଦେଶ ବିଭାଜନ ପରେ ତାଙ୍କ ପିତା କଚ୍ଛ ଅଞ୍ଚଳରେ ଆସି ରହିଥିଲେ। ଆଡଭାଣୀ ଜୀ ଗୁଜରାଟରୁ ରାଜ୍ୟସଭା ସାଂସଦ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ତେଣୁ, ଏହା ଏକ ପ୍ରକାରର 'ଘରକୁ ଫେରିବା' ଭଳି ଥିଲା। ବିଜେପି ସଂଗଠନ ସହ ଜଡ଼ିତ ଥିବାରୁ, ମୋତେ ତାଙ୍କ ନାମାଙ୍କନପତ୍ର ପ୍ରସ୍ତୁତ କରିବା ଏବଂ ନିର୍ବାଚନ ପ୍ରଚାର ସମୟରେ ତାଙ୍କୁ ସହଯୋଗ କରିବାର ସୌଭାଗ୍ୟ ମିଳିଥିଲା। ଗାନ୍ଧୀନଗରର ଜନସାଧାରଣ ତାଙ୍କୁ ବାରମ୍ବାର ସଂସଦକୁ ପଠାଇଥିଲେ। ଗାନ୍ଧୀନଗରର ଜଣେ ଭୋଟର ଭାବରେ, ମୋତେ ମଧ୍ୟ ଅନେକ ଥର ଆଡଭାଣୀ ଜୀଙ୍କୁ ଭୋଟ୍ ଦେବାର ସୌଭାଗ୍ୟ ମିଳିଥିଲା। ନିଜ ନିର୍ବାଚନ ମଣ୍ଡଳୀ ପ୍ରତି ସେ ଯେଉଁ ଯତ୍ନ ଓ ଧ୍ୟାନ ଦେଉଥିଲେ, ତାହା ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ।

'ଜରୁରୀକାଳୀନ ପରିସ୍ଥିତି' ଆଡଭାଣୀ ଜୀଙ୍କ ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଥିଲା। ଗଣତନ୍ତ୍ରକୁ ବଞ୍ଚାଇବା ଏବଂ ସମ୍ବିଧାନର ସୁରକ୍ଷା କରିବା କ୍ଷେତ୍ରରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଅନୁଭୂତିଗୁଡ଼ିକ ତାଙ୍କ ପୁସ୍ତକ 'ଏ ପ୍ରିଜନର୍ସ ସ୍କ୍ରାପ୍-ବୁକ୍'ରେ ସ୍ଥାନ ପାଇଛି। ଏହି ପୁସ୍ତକର 'ଏ ଟେଲ୍ ଅଫ୍ ଟୁ ଏମର୍ଜେନ୍ସିଜ୍' ଶୀର୍ଷକ ଅଂଶରେ ୧୯୭୫ ମସିହା ଜୁନ୍ ମାସରୁ ଭାରତରେ ଘଟିଥିବା ଘଟଣାବଳୀ ଏବଂ ୧୯୩୩ ମସିହାର ନାଜି ଜର୍ମାନୀରେ ଘଟିଥିବା ଘଟଣାବଳୀ ମଧ୍ୟରେ ଥିବା ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟକୁ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ଆଡଭାଣୀ ଜୀ ଜଣେ ପ୍ରଖର ବିରୋଧୀ ଦଳ ନେତା ଥିଲେ କିନ୍ତୁ ସମାନ ଭାବରେ ଜଣେ ଉତ୍କୃଷ୍ଟ ପ୍ରଶାସକ ମଧ୍ୟ ଥିଲେ। ୧୯୭୭ ମସିହାରେ ଜନତା ପାର୍ଟି ସରକାର କ୍ଷମତାକୁ ଆସିବା ପରେ, ଆଡଭାଣୀ ଜୀ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ହୋଇଥିଲେ। ଏହି ବିଭାଗରେ ତାଙ୍କର କାର୍ଯ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା, ଯାହା ସାଧାରଣରେ ଗ୍ରହଣୀୟ ହୋଇଥିଲା । ଉପପ୍ରଧାନମନ୍ତ୍ରୀ ଏବଂ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଗୃହମନ୍ତ୍ରୀ ଭାବରେ, ସେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆମର ସୁରକ୍ଷା ବାହିନୀର ସ୍ଥିତିକୁ ଉନ୍ନତ କରିବାରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହୋଇ ରହିଛି । ଆତଙ୍କବାଦ ବିରୁଦ୍ଧରେ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ରହିଥିଲା । ଫଳରେ ଭାରତକୁ ଏକ କଠୋର ଆତଙ୍କବାଦ ବିରୋଧୀ ଆଇନ ମିଳିଥିଲା ।

ଆଡଭାଣୀ ଜୀଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା। ଏହା ଭାରତୀୟ ସମାଜର ଗତିପଥକୁ ଉନ୍ନତ କରିଥିଲା। ପରିକଳ୍ପନା ପର୍ଯ୍ୟାୟରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ଏହି ଯାତ୍ରାରେ ସାମିଲ ହେବା ଲାଗି ସୁଯୋଗ ପାଇବା ଥିଲା ମୋ ପାଇଁ ସୌଭାଗ୍ୟର ବିଷୟ। ଯାତ୍ରା ଆରମ୍ଭ ହେବା ସମୟରେ ସୋମନାଥରେ ଉପସ୍ଥିତ ରହିବା ବିଶେଷ ଭାବରେ ସ୍ୱତନ୍ତ୍ର ଥିଲା। ଏକ ଯାତ୍ରା ବହୁତ କଷ୍ଟକର ହୋଇପାରେ, ଏଥିପାଇଁ ଦୀର୍ଘ ସମୟ, ନିରନ୍ତର ଯାତ୍ରା, ଶାରୀରିକ ସହନଶୀଳତା ଏବଂ କ୍ଳାନ୍ତି ସତ୍ତ୍ୱେ ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତା ଆବଶ୍ୟକ ହୁଏ। ଆଡଭାଣୀ ଜୀ ଏହି ସହନଶୀଳତାକୁ ମୂର୍ତ୍ତିମନ୍ତ କରିଥିଲେ ।

ବିହାରରେ ଆଡଭାଣୀ ଜୀଙ୍କୁ ଗିରଫ କରାଯିବାର ଦୁଃଖଦାୟକ ମୁହୂର୍ତ୍ତଗୁଡ଼ିକ ଏବେ ମଧ୍ୟ ମୋର ମନେ ଅଛି। ତତ୍କାଳୀନ ସମୟରେ ଗୁଜରାଟରେ, ବିଜେପି ଚିମନଭାଇ ପଟେଲଙ୍କ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଏହା ମାଧ୍ୟମରେ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା ଯେ, ଆମର ବିଚାରଧାରା ଏବଂ ରାମ ମନ୍ଦିର ପ୍ରସଙ୍ଗରେ କେବେବି କୌଣସି ପ୍ରକାରର ସାଲିସ୍ କରାଯିବ ନାହିଁ। ପରିସ୍ଥିତି ଯାହା ହେଉନା କାହିଁକି, ରାମ ମନ୍ଦିର ନିଶ୍ଚିତ ଭାବରେ ନିର୍ମାଣ କରାଯିବ ବୋଲି ଆମର ଅନେକ ବରିଷ୍ଠ ନେତା ଏବଂ କାର୍ଯ୍ୟକର୍ତ୍ତା ଶପଥ ନେଇଥିଲେ । ଆଉ ବର୍ଷ ବର୍ଷ ପରେ, ଭାରତର ଜନସାଧାରଣଙ୍କ ଆଶୀର୍ବାଦରୁ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସତ୍ୟରେ ପରିଣତ ହେଲା ।

ଆଡଭାଣୀ ଜୀଙ୍କ ବ୍ୟକ୍ତିତ୍ୱରେ ଆହୁରି ଅନେକ ଉଲ୍ଲେଖନୀୟ ଦିଗ ରହିଛି। ଉଦାହରଣ ସ୍ୱରୂପ, ତାଙ୍କର ସରଳତା। 'ନବନିର୍ମାଣ ଆନ୍ଦୋଳନ' ପରେ, ଆଡଭାଣୀ ଜୀ ଜୁନାଗଡ଼ ଆସିଥିଲେ ଏବଂ ସେଠାରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବରେ ଏକ ମାସ ରହିଥିଲେ। ସେଠାରେ ରହି ସେ ବିଧାନସଭା ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିଥିଲେ । ସେହି ନିର୍ବାଚନରେ କଂଗ୍ରେସକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସାର୍ବଜନୀନ ଜୀବନରେ ନୈତିକତା ଓ ସଙ୍କୋଚତା କ'ଣ, ତାହା ସେ ସର୍ବଦା ପ୍ରଦର୍ଶିତ କରିଆସିଛନ୍ତି। ସେ ଜଣେ ଅତ୍ୟନ୍ତ ପଠନପ୍ରିୟ ବ୍ୟକ୍ତି। ଯେଉଁମାନେ ତାଙ୍କ ସହିତ ସମୟ ବିତାଇଛନ୍ତି, ସେମାନେ ଜାଣନ୍ତି ଯେ ସେ କେତେ ଯତ୍ନର ସହ ଖବରକାଗଜ ପଢ଼ନ୍ତି । ସେ ଚଳଚ୍ଚିତ୍ର ଏବଂ ନାଟକର ବହୁତ ବଡ଼ ପ୍ରଶଂସକ। ସେ ମଧ୍ୟ ଜଣେ ଉତ୍ସାହୀ ଚଳଚ୍ଚିତ୍ର ସମୀକ୍ଷକ । ଇତିହାସ ପ୍ରତି ତାଙ୍କର ଗଭୀର ଦୃଷ୍ଟିକୋଣ ଏବଂ ଏହାକୁ ସଂରକ୍ଷଣ କରିବାର ଆବଶ୍ୟକତା ତାଙ୍କ ପୁସ୍ତକ 'ମାଇଁ କଣ୍ଟ୍ରି ମାଇଁ ଲାଇଫ୍'ରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ।

ଆଡଭାଣୀ ଜୀ ସର୍ବଦା ସିନ୍ଧୀ ସଂସ୍କୃତି ସହ ଯୋଡ଼ି ହୋଇ ରହିଛନ୍ତି । ତାଙ୍କର ଆଉ ଗୋଟିଏ ପ୍ରୟାସ ଥିଲା- ଲେହ ନିକଟରେ 'ସିନ୍ଧୁ ଦର୍ଶନ ପୂଜା'କୁ ଲୋକପ୍ରିୟ କରିବା। ମୁଁ ନିଜେ ଆଡଭାଣୀ ଜୀ ଏବଂ ଜର୍ଜ ଫର୍ଣ୍ଣାଣ୍ଡିସ୍ ଜୀଙ୍କ ସହିତ ଏପରି ଏକ ପୂଜାରେ ଯାଇଥିଲି ।

କମଳା ଆଡଭାଣୀ ଜୀଙ୍କ ଉଲ୍ଲେଖ ବିନା ଆଡଭାଣୀ ଜୀଙ୍କ ଅସାଧାରଣ ଯାତ୍ରା ବିଷୟରେ କୌଣସି ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିବ। ତାଙ୍କର ସାର୍ବଜନୀନ ଜୀବନରେ ଶ୍ରୀମତୀ ଆଡ଼ଭାଣୀ ସର୍ବଦା ଶକ୍ତି ଓ ସମର୍ଥନର ଏକ ଉତ୍ସ ହୋଇ ରହିଥିଲେ।

କରାଚୀରେ ବଢ଼ିବା ସମୟରେ, ଆଡଭାଣୀ ଜୀ ବୋଧହୁଏ କଳ୍ପନା ମଧ୍ୟ କରିନଥିବେ ଯେ ତାଙ୍କ ଜୀବନ କେଉଁ ମୋଡ଼ ନେବ । କୃତଜ୍ଞତା ସ୍ୱରୂପ, ଭାରତର ଜନସାଧାରଣ ୨୦୨୪ ମସିହାରେ ତାଙ୍କୁ 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରିଛନ୍ତି । ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଥିବା ବେଳେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ଏବଂ ପୂର୍ବଭଳି ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଚାଲନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୮ ନଭେମ୍ବର, ୨୦୨୬ ରବିବାର





ଭୁବନେଶ୍ୱର : ସତ୍ୟନଗରରେ କାଳୀ ପୂଜା ପାଇଁ ନିର୍ମିତ ତୋରଣ । (ଫଟୋ : ସମ୍ବାଦ କଳିକା)

ନିରାପଦ ଯାତ୍ରା ପାଇଁ ଭିଡ଼ ପରିଚାଳନା ଓ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ପୂର୍ବତଟ ରେଳପଥର ଯାତ୍ରୀମାନଙ୍କୁ ନିବେଦନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଚଳିତ ପାର୍ବଣ ଋତୁରେ ଯାତ୍ରୀଙ୍କ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଏହାର ପରିସୀମା ମଧ୍ୟରେ ଯାତ୍ରା କରୁଥିବା ସମସ୍ତ ରେଳଯାତ୍ରୀଙ୍କୁ ରେଳବାଇ କର୍ତ୍ତୃପକ୍ଷଙ୍କ ସହଯୋଗ କରିବା ସହିତ ରେଳ ଷ୍ଟେସନ ଓ ଟ୍ରେନ୍ ମଧ୍ୟରେ ଭିଡ଼ ପରିଚାଳନା ଏବଂ ସୁରକ୍ଷା ସମ୍ବନ୍ଧୀୟ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିବେଦନ କରିଛି। ବିଶେଷକରି ପାର୍ବଣ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ଆରାମଦାୟକ ଓ ସୁଗମ ଯାତ୍ରା ସୁନିଶ୍ଚିତ କରିବା ଏହି ନିବେଦନର ମୁଖ୍ୟ ଉଦ୍ଦେଶ୍ୟ। ଯାତ୍ରୀଙ୍କ ଅଧିକ ଭିଡ଼କୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ, ରେଳ ସୁରକ୍ଷା ବଳ ଏବଂ ସରକାରୀ ରେଳବାଇ ପୋଲିସ କର୍ମଚାରୀଙ୍କ ନିୟୋଜନ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଯାତ୍ରୀଙ୍କ ଚଳପ୍ରଚଳ ଉପରେ ନିରନ୍ତର ନଜର ରଖିବା ଆଦି ଅନ୍ତର୍ଭୁକ୍ତ। ତେବେ, ଏହି ସମସ୍ତ ବ୍ୟବସ୍ଥାର ସଫଳତା ଯାତ୍ରୀମାନଙ୍କ ସହଯୋଗ, ଶୃଙ୍ଖଳା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଉପରେ ଅଧିକ ନିର୍ଭର କରେ। ଯାତ୍ରୀମାନଙ୍କୁ ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ସମୟରେ, ଟିକେଟ୍ କ୍ରୟ କରିବା ଏବଂ ଟ୍ରେନ୍‌ରେ ଚଢ଼ିବା ସମୟରେ ସୁବ୍ୟବସ୍ଥିତ ଧାଡ଼ି ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଫୁଟ୍ ଓଭର ବ୍ରିଜ୍, ଏସ୍କେଲେଟର, ସିଢ଼ି ଏବଂ ପ୍ଲାଟଫର୍ମର ଧାର ନିକଟରେ ତରବରିଆ ହେବା, ଠେଲାପେଲା କରିବା କିମ୍ବା ଅଯଥା ଭିଡ଼ ସୃଷ୍ଟି କରିବାରୁ ନିବୃତ୍ତ ରହିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ପ୍ଲାଟଫର୍ମରେ ବିପଦପୂର୍ଣ୍ଣ ଭିଡ଼କୁ ଏଡ଼ାଇବା ପାଇଁ ଷ୍ଟେସନରେ ଉପଲବ୍ଧ ନିର୍ଦ୍ଦିଷ୍ଟ ହୋଲ୍ଡିଂ ଏରିଆ ବ୍ୟବହାର କରିବା ସହିତ ଟ୍ରେନ୍‌ରେ ଚଢ଼ିବା ପାଇଁ ଅନୁମତି ମିଳିବା ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କରିବାକୁ ମଧ୍ୟ ପରାମର୍ଶ। ଭିଡ଼ ପରିଚାଳନା ପାଇଁ ଷ୍ଟେସନଗୁଡ଼ିକରେ ନିୟୋଜିତ ରେଳ ସୁରକ୍ଷା ବଳ, ସରକାରୀ ରେଳବାଇ ପୋଲିସ ଏବଂ ଅନ୍ୟାନ୍ୟ ରେଳ ଅଧିକାରୀଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ପୂର୍ବ ତଟ ରେଳପଥ ଯାତ୍ରୀମାନଙ୍କୁ ନିବେଦନ କରିଛି। ଯାତ୍ରୀମାନେ ନିଜ ଟ୍ରେନ୍‌ର ନିର୍ଦ୍ଧାରିତ ପ୍ରସ୍ଥାନ ସମୟର ଯଥେଷ୍ଟ ପୂର୍ବରୁ ଷ୍ଟେସନରେ ପହଞ୍ଚିବା, ରେଳବାଇ ପକ୍ଷରୁ କରାଯାଉଥିବା ଘୋଷଣା ପ୍ରତି ଧ୍ୟାନ ଦେବା, ପ୍ଲାଟଫର୍ମ ନମ୍ବର ଯାଞ୍ଚ କରିବା ଏବଂ ସୁବ୍ୟବସ୍ଥିତ ଭାବରେ ଟ୍ରେନ୍‌ରେ ଚଢ଼ିବାକୁ ଅନୁରୋଧ। ଏହା ସହିତ, ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଏବଂ ରେଳ ଚଳାଚଳରେ ବାଧା ଉପୁଜାଉଥିବା ଅସୁରକ୍ଷିତ ଓ ନିଷିଦ୍ଧ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କୁ ସତର୍କ କରାଯାଇଛି। ଟ୍ରେନ୍‌ର ଫୁଟ୍‌ବୋର୍ଡ, ବଫର୍ କିମ୍ବା ଛାତ ଉପରେ ଯାତ୍ରା କରିବା ଅତ୍ୟନ୍ତ ବିପଜ୍ଜନକ ଏବଂ ରେଳ ନିୟମ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ। ରେଳ ଧାରଣା ପାର ହେବା ସମ୍ପୂର୍ଣ୍ଣ ନିଷିଦ୍ଧ। ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବା ପାଇଁ ଯାତ୍ରୀମାନେ ସର୍ବଦା ଫୁଟ୍ ଓଭର ବ୍ରିଜ୍ କିମ୍ବା ନିର୍ଦ୍ଦିଷ୍ଟ ସବ୍‌ୱେ ବ୍ୟବହାର କରିବା ଆବଶ୍ୟକ। ବୈଧ ଜରୁରୀକାଳୀନ ପରିସ୍ଥିତି ବ୍ୟତୀତ ଅଯଥା ଆଲାର୍ମ ଚେନ୍ ଟାଣିବା ଦ୍ୱାରା ଅନ୍ୟ ହଜାର ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେବା ସହିତ ଟ୍ରେନ୍ ଚଳାଚଳରେ ଅନାବଶ୍ୟକ ବିଳମ୍ବ ହୋଇଥାଏ ଏବଂ ଏଥିପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇପାରେ। ଟ୍ରେନ୍ କିମ୍ବା ରେଳ ଷ୍ଟେସନ ପରିସରରେ ଦହନଶୀଳ ସାମଗ୍ରୀ, ବାଣ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ନେବା ସମ୍ପୂର୍ଣ୍ଣ ନିଷିଦ୍ଧ ଏବଂ ଏହାର ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଯାତ୍ରୀମାନେ ନିଜର ଜିନିଷପତ୍ର ସୁରକ୍ଷିତ ରଖିବା ସହିତ କୌଣସି ଅବହେଳିତ ଭାବେ ଛାଡ଼ି ଦିଆଯାଇଥିବା ସାମଗ୍ରୀ କିମ୍ବା ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ରେଳ ସୁରକ୍ଷା ବଳ କର୍ମଚାରୀଙ୍କୁ କିମ୍ବା ରେଳବାଇ ହେଲ୍ପଲାଇନ୍ ନମ୍ବର ୧୩୯ ମାଧ୍ୟମରେ ଜଣାଇବାକୁ ପରାମର୍ଶ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମେଗା ଉଠା...

ବ୍ୟବସ୍ଥା କରୁଛନ୍ତି ।ଆସନ୍ତା ଡିସେମ୍ବର ମାସରେ କେନ୍ଦୁଝର ଜିଲ୍ଲାର କାନୁପୁର ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଝୁମ୍ପୁରା ଠାରେ ୧୭ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟନ କରିବା ସହିତ ରାଇକଳାଠାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଇକଳା ଓ ସ୍ଥାନୀୟ ଯୁବକ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ବୃହତ ପ୍ରକଳ୍ପର ଘୋଷଣା କରିଛନ୍ତି। ରାଇକଳାଠାରେ ୨୪ କୋଟି ଟଙ୍କାର ବ୍ୟୟବରାଦରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ, ଯାହା ସ୍ଥାନୀୟ ଯୁବକ୍ରୀଡ଼ାବିତମାନଙ୍କ ଦକ୍ଷତା ବିକାଶ ଓ ସେମାନଙ୍କୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ସହାୟକ ହେବ। ଏହାସହିତ, ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଆବାସିକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ୩୦ କୋଟି ଟଙ୍କାର ବ୍ୟୟରେ ଏକ ଅତ୍ୟାଧୁନିକ 'ଏସ୍‌ସି/ଏସ୍‌ଟି ଆବାସିକ ବିଦ୍ୟାଳୟ' ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଇକଳାର ବିକାଶ ପାଇଁ ୮ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ତୃଣମୂଳ ସ୍ତରର ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିମଧ୍ୟରେ ଡି.ଏମ୍.ଏଫ୍. ପାଣ୍ଠିରୁ କରଞ୍ଜିଆପଡ଼ାରେ ୧ କୋଟି ଟଙ୍କା ବ୍ୟୟରେ ମିନି ଷ୍ଟାଡିୟମ୍ ଏବଂ ୨୦ ଲକ୍ଷ ଟଙ୍କା ବ୍ୟୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ରାଇକଳାରେ ୧.୫ କୋଟି ଟଙ୍କାରେ ଧବଳେଶ୍ୱର ମନ୍ଦିର ପରିସର ଉନ୍ନତି, ୬୦ ଲକ୍ଷ ଟଙ୍କାରେ ଗ୍ରାମ୍ୟ ହାଟ, ୧.୫ କୋଟି ଟଙ୍କାରେ ଯୁବ ଜ୍ୟୋତି କ୍ଲବ୍, ୩୦ ଲକ୍ଷ ଟଙ୍କାରେ ଗ୍ରାମ୍ୟଶ୍ରୀ ଠାକୁରାଣୀ ନବୀକରଣ କାର୍ଯ୍ୟ ଜାରି ରହିଥିବାବେଳେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ସେହିପରି ୩୫ ଲକ୍ଷ ଟଙ୍କାରେ ନୂତନ ଜି.ପି. ଭବନ, ୩୦ ଲକ୍ଷ ଟଙ୍କାରେ ମିଶନ ଶକ୍ତି ଜି.ପି.ଏଲ୍.ଏଫ୍. ବିଲ୍ଡିଂ ଏବଂ ଡିଏମ୍‌ଏଫ୍ ଓ ସିଏମ୍‌ଏସ୍‌ଏ ସହାୟତାରେ ୧.୫ କୋଟି ଟଙ୍କା ବ୍ୟୟରେ ୨.୫ କିଲୋମିଟର ସି.ସି. ରୋଡ଼ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ, "ରାଇକଳା କେବଳ ମୋର ଜନ୍ମମାଟି ନୁହେଁ, ଏହା ମୋ ପାଇଁ ଏକ ତୀର୍ଥ କ୍ଷେତ୍ର। ମୋ ପାଇଁ ମୋ ଜନ୍ମଭୂମି ଠାରୁ ବଡ଼ ସ୍ୱର୍ଗ ଆଉ କିଛି ନାହିଁ। ଆପଣମାନଙ୍କ ଏହି ପୁଅ, ଆପଣମାନଙ୍କ ଏହି ଭାଇ ଆଜି ଯେଉଁ ସ୍ଥାନରେ ବି ପହଞ୍ଚିଛି, ସେ କେବଳ ଆପଣମାନଙ୍କ ଆଶୀର୍ବାଦ ଏବଂ ଏହି ମାଟିର ସଂସ୍କାର ପାଇଁ। ଜୀବନରେ ଯେତେ ବଡ଼ ହୁଅନା କାହିଁକି, କେବେ ନିଜର ମୂଳକୁ ଭୁଲିଯାଅ ନାହିଁ; ମୁଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହା ଭୁଲିବି ନାହିଁ।

ଏହି ସମାରୋହରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ ଏବଂ କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ଉପସ୍ଥିତ ଥିଲେ। ଜିଲ୍ଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଭୁବନେଶ୍ୱର...

ଶେରଗଡ଼ ସହର ଓ ଏହାର ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଲୋକମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ବନ୍ୟା ଯୋଗୁଁ ଘରଦ୍ୱାର, ଚାଷଜମି, ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ନେଇ ଲୋକମାନେ ତାଙ୍କୁ ଅବଗତ କରାଇଥିଲେ। ଏହାପରେ ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ନୂଆ ବୁରୁପଡ଼ା ଗ୍ରାମପଞ୍ଚାୟତ ପରିଦର୍ଶନ କରି ଲୋକମାନଙ୍କ ଜୀବନ ଓ ଜୀବିକା ଉପରେ ପଡ଼ିଥିବା ପ୍ରଭାବର ଆକଳନ କରିଥିଲେ । ଏଥିସହିତ ହିଞ୍ଜିଳିକାଟୁ ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ମଧ୍ୟ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସମସ୍ୟା ଓ ଦୁର୍ଦ୍ଦଶାର ସ୍ଥିତି ଅନୁଧ୍ୟାନ କରିଥିଲେ । ପରବର୍ତ୍ତୀ ସମୟରେ ଆସିକା ସାଇନ୍ସ କଲେଜ ନିକଟସ୍ଥ କୋଟିନଡ଼ା ଏବଂ ଆସିକା ସହର ଓ ଏହାର ନିକଟବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ ଶ୍ରୀ ପଟ୍ଟନାୟକ । ବନ୍ୟା ବିପନ୍ନ ପରିବାର ଓ ଚାଷୀମାନଙ୍କ ସହ ଆଲୋଚନା କରିବା ସହିତ କ୍ଷତିଗ୍ରସ୍ତ ଚାଷଜମି ଓ ସ୍ଥାନୀୟ ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସୋରଡ଼ା ବ୍ଲକର ଟାଟାବାଲିସ୍ଥିତ କଣ୍ଡୁଣୀ ଦେବୀ ପଡ଼ିଆରେ ପହଞ୍ଚି ବାଲିଗୋଛା ଅଞ୍ଚଳକୁ ଯାଇଥିଲେ । ସେଠାରେ ସେ ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବନ୍ୟା ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତି ଏବଂ ବନ୍ୟା ପରବର୍ତ୍ତୀ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଶ୍ରୀ ପଟ୍ଟନାୟକ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ବନ୍ୟା ବିପନ୍ନ ପରିବାର ଗୁଡ଼ିକୁ ପର୍ଯ୍ୟାପ୍ତ ସହାୟତା, କ୍ଷୟକ୍ଷତିର ଆକଳନ, ଚାଷୀମାନଙ୍କୁ କ୍ଷତିପୂରଣ ଏବଂ ଭିତ୍ତିଭୂମିର ପୁନରୁଦ୍ଧାର ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଏହି ପରିଦର୍ଶନ ସମୟରେ ଆସ୍କା ଓ ଶେରଗଡ଼ରେ ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ବିରୋଧୀ ଦଳ ନେତାଙ୍କୁ ସେମାନଙ୍କ କ୍ଷୟକ୍ଷତି ସମ୍ପର୍କରେ ସ୍ମାରକପତ୍ର ଦିଆଯାଇଥିଲା ।

ବିରୋଧୀ ଦଳ ନେତାଙ୍କ ଏହି ଗସ୍ତ ସମୟରେ ବିଜେଡ଼ିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଉଷା ଦେବୀ, ବିକ୍ରମ ପଣ୍ଡା, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଭୃଗୁ ବକ୍ସିପାତ୍ର, ରଞ୍ଜିତା ସାହୁ, ପୂର୍ଣ୍ଣ ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ଚିନ୍ମୟ ସାହୁ, ଇପ୍ସିତା ସାହୁଙ୍କ ସମେତ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଓ ସ୍ଥାନୀୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ସ୍ୱଚ୍ଛତା, ସାଧୁତା ...

ସେହିପରି, ବିଭାଗର ବିଭିନ୍ନ ସ୍ତରରେ କାର୍ଯ୍ୟରତ ଅଧିକାରୀମାନେ ପରସ୍ପର ପ୍ରତି ସମ୍ମାନ, ସହଯୋଗ ଓ କର୍ତ୍ତବ୍ୟନିଷ୍ଠାର ଭାବନା ରଖିବା ସହ ଏକ ସୁସ୍ଥ ଓ ସକାରାତ୍ମକ କାର୍ଯ୍ୟପରିବେଶ ଗଠନ ଦିଗରେ ଉଦ୍ୟମ କରିବା ଆବଶ୍ୟକ। ନିଜର ଦକ୍ଷତା ଓ ସାମର୍ଥ୍ୟର ସର୍ବୋତ୍ତମ ଉପଯୋଗ କରି ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ସହ ଏକ ସ୍ୱଚ୍ଛ, ସମର୍ପିତ ଓ ଜନକୈନ୍ଦ୍ରିକ ପ୍ରଶାସନ ଗଠନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଶେଷରେ, ରାଜସ୍ୱ ବିଭାଗ ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ ଅତୁଟ ରଖିବା ସହ ବିଭାଗର ଗରିମା ଓ ମର୍ଯ୍ୟାଦା ବଜାୟ ରଖିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ଡ. ପାଢ଼ୀ ଉଲ୍ଲେଖ କରିଛନ୍ତି। ଆମେ ବିବେକବାନ ହେବା, ଆମର ମାନବିକତାକୁ ଜାଗ୍ରତ ରଖିବା ଏବଂ ଜନସାଧାରଣଙ୍କ ବିଶ୍ୱାସ ହିଁ ଆମର ସର୍ବଶ୍ରେଷ୍ଠ ପୁଞ୍ଜି ବୋଲି ସେ ନିଜ ବାର୍ତ୍ତାରେ କହିଛନ୍ତି।

ଦୀପାବଳି ପାଳିବେନି ...

ସରକାରୀ ବାସଭବନରେ ଦୀପାବଳି କାର୍ଯ୍ୟକ୍ରମ ପାଳନ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ନିବାସକୁ କୌଣସି ଉପହାର କିମ୍ବା ଫୁଲତୋଡ଼ା ନଆଣିବାକୁ ଶୁଭେଚ୍ଛୁ ତଥା ଜନସାଧାରଣଙ୍କୁ ନିବେଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ସମସ୍ତେ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପ୍ରତି ସମ୍ବେଦନଶୀଳ ରୁହନ୍ତୁ ଓ ବିପନ୍ନ ପରିବାରଙ୍କ ସହାୟତାରେ ସହଯୋଗର ହାତ ବଢ଼ାନ୍ତୁ।

ଉଲ୍ଲେଖଯୋଗ୍ୟ, ଏହାପୂର୍ବରୁ ଗତ ଅକ୍ଟୋବର ମାସରେ ପ୍ରବଳ ବର୍ଷା ଯୋଗୁଁ ଫସଲ ହରାଇଥିବା ଚାଷୀଙ୍କ ପ୍ରତି ସହାନୁଭୂତି ପ୍ରକଟ କରି ମୁଖ୍ୟମନ୍ତ୍ରୀ ଦୁର୍ଗାପୂଜା ପେଣ୍ଡାଲ ବୁଲିବାରୁ ବିରତ ରହିଥିଲେ।

ସେହିପରି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ବନ୍ୟା ଓ ଭୂସ୍ଖଳନ ପ୍ରଭାବିତଙ୍କ ପ୍ରତି ସମବେଦନା ଜଣାଇ ଦୀପାବଳି ପାଳନ ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ନବୀନ ନିବାସରୁ ଜାରି ସୂଚନା ଅନୁସାରେ, ବାତ୍ୟା ଓ ବନ୍ୟା ଯୋଗୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅଭୂତପୂର୍ବ କ୍ଷୟକ୍ଷତି ଘଟିଛି ଓ ସେଠାକାର ଲୋକେ ଅସହ୍ୟ ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି। ଏହାସହିତ ଭୂସ୍ଖଳନରେ ମାଟି ତଳେ ଚାପି ହୋଇ ନିଖୋଜ ଥିବା ସମସ୍ତ ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇ ପାରିନଥିବାରୁ ଏହି ଶୋକାକୁଳ ସମୟରେ ଉତ୍ସବ ପାଳନ କରିବା ଉଚିତ ନୁହେଁ ବୋଲି ନବୀନ କହିଛନ୍ତି ।

ସମାଜବାଦ ଆଜି ମଧ୍ୟ ମାନବଜାତିର ମୁକ୍ତି ଓ ଶୋଷଣମୁକ୍ତ ସମାଜ ଗଠନର ଏକମାତ୍ର ବିକଳ୍ପ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମହାନ୍ ଅକ୍ଟୋବର ସମାଜବାଦୀ ବିପ୍ଳବର ୧୦୯ତମ ବାର୍ଷିକୀ ଅବସରରେ ଆଜି ଭୁବନେଶ୍ୱରଠାରେ ସିପିଆଇ(ଏମ୍) ଭୁବନେଶ୍ୱର ଲୋକାଲ କମିଟି ପକ୍ଷରୁ ଏକ ଆଲୋଚନା ସଭା ଆୟୋଜିତ ହୋଇଯାଇଛି। ସଭାର ମୁଖ୍ୟ ବିଷୟବସ୍ତୁ ଥିଲା 'ରୁଷ୍ ବିପ୍ଳବ ଓ ସମାଜବାଦର ପ୍ରାସଙ୍ଗିକତା'। ଏହି ଅବସରରେ ମୁଖ୍ୟ ଅତିଥି ବକ୍ତା ଜନାର୍ଦ୍ଦନ ପାଟ୍ଟଯୋଶୀ କହିଥିଲେ ଯେ, ୧୯୧୭ ମସିହାର ମହାନ୍ ଅକ୍ଟୋବର ସମାଜବାଦୀ ବିପ୍ଳବ କେବଳ ରୁଷ୍‌ର ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ନଥିଲା; ଏହା ବିଶ୍ୱ ଇତିହାସର ଗତିପଥକୁ ବଦଳାଇ ଦେଇଥିବା ଏକ ଐତିହାସିକ ବିପ୍ଳବ ଥିଲା। ଶ୍ରମିକ ଶ୍ରେଣୀର ନେତୃତ୍ୱରେ ଶୋଷିତ, ନିଷ୍ପେଷିତ ଓ ନିର୍ଯାତିତ ଜନସାଧାରଣଙ୍କୁ ଏକତ୍ରିତ କରି ଏହି ବିପ୍ଳବ ପ୍ରଥମଥର ପାଇଁ ପୁଞ୍ଜିବାଦୀ ଶୋଷଣ ବ୍ୟବସ୍ଥାର ବିକଳ୍ପ ଭାବରେ ସମାଜବାଦୀ ସମାଜ ଗଠନର ଐତିହାସିକ ଦ୍ୱାର ଉନ୍ମୁକ୍ତ କରିଥିଲା। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଯମେଶ୍ୱର ସାମନ୍ତରାୟ ବକ୍ତବ୍ୟ ରଖିଥିଲେ ।ସଭାରେ ସିପିଆଇ(ଏମ୍) ଭୁବନେଶ୍ୱର ଲୋକାଲ କମିଟି ସମ୍ପାଦକ ପ୍ରଦୀପ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ବକ୍ତାମାନେ ଆଲୋକପାତ କରିଥିଲେ ଯେ, ଆଜିର ନବଉଦାରବାଦୀ ପୁଞ୍ଜିବାଦୀ ବ୍ୟବସ୍ଥାରେ ଧନୀ-ଗରିବ ମଧ୍ୟରେ ଅସମାନତା ଅତ୍ୟନ୍ତ ଉତ୍କଟ ହେବା ସହିତ ଶ୍ରମିକ, କୃଷକ, ଯୁବକ, ମହିଳା ଓ ସାଧାରଣ ଜନଗଣଙ୍କ ଉପରେ ଶୋଷଣ ଓ ଆର୍ଥିକ ଅନ୍ୟାୟ ବୃଦ୍ଧି ପାଉଛି। ମୁଷ୍ଟିମେୟ ପୁଞ୍ଜିପତିଙ୍କ ହାତରେ ଅପାର ସମ୍ପତ୍ତି ଓ ସମ୍ବଳର କେନ୍ଦ୍ରୀକରଣ ହେଉଥିବାବେଳେ ବହୁସଂଖ୍ୟକ ଲୋକ ଜୀବନ ଓ ଜୀବିକାର ଗଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ସମାଜବାଦର ଆବଶ୍ୟକତା ଓ ପ୍ରାସଙ୍ଗିକତା ଆହୁରି ବୃଦ୍ଧି ପାଇଛି। ସେମାନେ ଆହୁରି କହିଥିଲେ ଯେ, ଅକ୍ଟୋବର ବିପ୍ଳବର ଐତିହାସିକ ଶିକ୍ଷା, ମାର୍କ୍ସବାଦ-ଲେନିନବାଦର ବୈପ୍ଳବିକ ଆଦର୍ଶ ଏବଂ ଶ୍ରମିକ ଶ୍ରେଣୀର ଏକତା ଆଜିର ସମୟରେ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ। ଶୋଷଣ, ଅସମାନତା, ସାମ୍ରାଜ୍ୟବାଦୀ ଆଧିପତ୍ୟ ଓ ସାମାଜିକ ଅନ୍ୟାୟ ବିରୋଧରେ ସଂଗ୍ରାମକୁ ଆହୁରି ତୀବ୍ର କରି ଏକ ଶୋଷଣମୁକ୍ତ, ସମତାଭିତ୍ତିକ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଆଗେଇ ଆସିବାକୁ ସେମାନେ ଆହ୍ୱାନ ଜଣାଇଥିଲେ।

ଧାମନଗରରେ ବହୁମୁଖୀ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଧାମନଗର ବ୍ଲକ ଦୋବଲ କାଳୀ ପଡ଼ିଆଠାରେ ଏକ ବହୁମୁଖୀ ଷ୍ଟାଡିୟମ ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଉପସ୍ଥିତ ରହି ବିକାଶର ଏହି ଧାରାକୁ ଆହୁରି ଉତ୍ସାହିତ କରିଥିଲେ।
ଗ୍ରାମାଂଚଳରେ କ୍ରୀଡ଼ାର ପ୍ରସାର ଓ ଭବିଷ୍ୟତ କ୍ରୀଡ଼ାବିତମାନଙ୍କୁ ସଠିକ୍ ମଂଚ ଯୋଗାଇବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। 'ପଢ଼ିଆରୁ ପୋଡ଼ିୟମ' ଯାଏଁ ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କୁ ଆଗକୁ ବଢ଼ାଇବାରେ ଏହି ବହୁମୁଖୀ ଷ୍ଟାଡିୟମ୍ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ଢିଙ୍କିଆରେ ନୂତନ ରାସ୍ତା ନିର୍ମାଣ ପାଇଁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଫାଉଣ୍ଡେସନ୍ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ



ପାରାଦୀପ, ନ୍ୟୁଜ ବ୍ୟୁରୋ
ଗ୍ରାମୀଣ ଭିତ୍ତିଭୂମିର ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ପଦକ୍ଷେପ ଅଞ୍ଚଳର ସାମୁଦାୟିକ ବିକାଶ ଓ ଉନ୍ନତ ଗମନାଗମନ ବ୍ୟବସ୍ଥା ପ୍ରତି ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ବିକାଶ ଏବଂ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଜେଏସ୍‌ଡବ୍ଲୁ ନିରନ୍ତର ପ୍ରୟାସର ଏକ ଅଂଶ।
ଏହି ଶିଳାନ୍ୟାସ ସମାରୋହରେ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ସମରେନ୍ଦ୍ରୁ ପଟ୍ଟନାୟକ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍, ପାରାଦୀପର ଉତ୍କଳ ମୁଖ୍ୟ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଧିଙ୍କିଆ ଗ୍ରାମର ପ୍ରମୁଖ ସାମାଜିକ ପ୍ରତିନିଧି ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ଢିଙ୍କିଆ ଗ୍ରାମ କମିଟିର ସଭାପତି ମୁରଲୀଧର ସାହୁ, ଢିଙ୍କିଆ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ ଅନିଲ ଭୋଳ, ଅନନ୍ତ ସ୍ୱାଇଁ ଓ ଶ୍ରୀ ବସନ୍ତ ଗୋଛାୟତଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ମଧ୍ୟ ଯୋଗଦେଇଥିଲେ।

ବେଦାନ୍ତ ଆଲୁମିନିୟମ ପକ୍ଷରୁ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ପଦକ୍ଷେପ



ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ
ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କାରଖାନାରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ବରିଷ୍ଠ ଅଧିକାରୀମାନଙ୍କ ଏକ ପ୍ରତିନିଧିମଣ୍ଡଳୀଙ୍କୁ ନେଇ ସୁରକ୍ଷା କ୍ଷେତ୍ରରେ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ଅନୁଧ୍ୟାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୧୧ ଜଣିଆ ଏହି ପ୍ରତିନିଧିମଣ୍ଡଳୀ କମ୍ପାନୀର ପରିଚାଳନା ମଣ୍ଡଳୀ ସହ ସୁରକ୍ଷା ସଂସ୍କୃତି, ଡିଜିଟାଲ୍ ରୂପାନ୍ତରଣ ଓ କାର୍ଯ୍ୟକ୍ଷେତ୍ରର ଉତ୍କର୍ଷତା ସମ୍ପର୍କରେ ବ୍ୟାପକ ଭାବେ ମତ ବିନିମୟ କରିଥିଲେ। ଏହି ଗସ୍ତ ଅବସରରେ ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମର ବହୁସ୍ତରୀୟ ସୁରକ୍ଷା ପଦକ୍ଷେପଗୁଡ଼ିକ ସମ୍ପର୍କରେ ପ୍ରତିନିଧିମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା। ସେମାନେ କାରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ସୁରକ୍ଷା ସମ୍ପର୍କିତ ପ୍ରମୁଖ ଧାରଣା ଓ ବ୍ୟବସ୍ଥାକୁ ପ୍ରଦର୍ଶିତ କରୁଥିବା ବିସ୍ତୃତ ସୁରକ୍ଷା ଗ୍ୟାଲାକ୍ସି ପାର୍କ ପରିଦର୍ଶନ କରିଥିଲେ। ଏହାସହ ଆଲୁମିନିୟମ ଉତ୍ପାଦନର ମୁଖ୍ୟ କେନ୍ଦ୍ର ପଟ୍ଲାଇନ୍ ଓ କାଷ୍ଟହାଉସ୍ ଅଞ୍ଚଳ ବୁଲି ସେଠାରେ ଅନୁସରଣ କରାଯାଉଥିବା ସୁରକ୍ଷା ପ୍ରକ୍ରିୟା ଓ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ଭୂମିକା ଉପରେ ମଧ୍ୟ ଝାରସୁଗୁଡ଼ା ପରିଚାଳନା ମଣ୍ଡଳୀ ସହ ଆଲୋଚନା ହୋଇଥିଲା। ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ସୁରକ୍ଷା ହେଉଛି ମୌଳିକ ଆଧାର। ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମରେ ଆମର ଲକ୍ଷ୍ୟ ହେଉଛି ଏଭଳି ଏକ କାର୍ଯ୍ୟପରିବେଶ ଗଠନ କରିବା, ଯେଉଁଠାରେ ସୁଦୃଢ଼ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ମାଧ୍ୟମରେ ସମ୍ଭାବ୍ୟ ବିପଦକୁ ଆଗୁଆ ଚିହ୍ନଟ କରି କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ।

GOVERNMENT OF ODISHA
DEPARTMENT OF WATER RESOURCES.
O/O THE SUPERINTENDING ENGINEER,
ANUGOLA IRRIGATION DIVISION, ANUGOLA.
e-Mail Id – seanguilirrigation@gmail.com
32001/1283/2627

'e'-Procurement Notice No. SE-AID-9/2026-27

The Superintending Engineer, Anugola Irrigation Division, Anugola on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

1	Total No. of Works	:	3 (Three) Nos. Civil work
2	Cost of work put to tender	:	Approximately Rs.4.80 Lakh to Rs.10.95 Lakh
3	Tender Paper Cost	:	Rs.2,000/- / Rs.6,000/- (Non Refundable)
4	Class of Contractor	:	'D' & 'C' equivalent Grade
5	Period of Completion	:	60 Days
6	Availability of Bid Documents and receipt of bid through online	:	From 11.00 A.M of 17.11.2026 to 5.00 P.M of 26.11.2026 in the website (www.tendersodisha.gov.in)
7	Date, time & place for opening of online tenders	:	27.11.2026 at 11.00 A.M and onwards in the o/o the SE, Anugola Irrigation Division, Anugola.
8	Date, time & Place for finalization of tender through transparent lottery system (if required)	:	04.12.2026 at 11.00 A.M in the o/o the SE, Anugola Irrigation Division, Anugola.
9	Digital Signature Certificate	:	The bidders must possess compatible Digital Signature Certificate (DSC) of Class-II or Class-III
10	Name and Address of Officer Inviting Tender (OIT)	:	Superintending Engineer, Anugola Irrigation Division, Anugola, At/PO:- Hakimpada, Dist:- Anugola, Odisha. e-mail Id- seanguilirrigation@gmail.com

Further details can be seen from the e-procurement portal of Government of Odisha at www.tendersodisha.gov.in)

Superintending Engineer
Anugola Irrigation Division
Anugola

OIPR-32001/32049/1/26-27/0009

OFFICE OF THE CHIEF CONSTRUCTION ENGINEER
POTTERU IRRIGATION PROJECT, BALIMELA
e-mail Id : ccepotteru123@gmail.com
32001/1276/2627
e-Procurement Notice No: - CCE-PIP-BML-18/2026-27

PARTICULARS OF TENDER

1	Name of Work	Improvement to Service Road from RD 40.000 km to RD 60.000 km of T.M.C under Potteru Irrigation Project, Balimela
2	Approximate Value of Work	Rs. 1680.67 Lakh (Excluding GST)
3	Bid Security / EMD	Rs. 16,80,700/-
4	Class of Contractor	'A' and 'Special' Class Contractor
5	Period of Completion	Twelve (12) Calendar Months
6	Type of Contract	Percentage Rate Contract
7	Cost of Bid Document	Rs. 10000/- (Non-Refundable)
8	Availability of Tender online for Bidding	From 12.11.2026 (10.00 A.M) to 26.11.2026 (05.00 P.M.)
9	Submission of Bid Online	From 12.11.2026 (10.00 A.M) to 26.11.2026 (05.00 P.M.)
10	Pre-Bid Conference Meeting	NA
11	Date of Opening of Technical Bid	27.11.2026 at 11.00 A.M.
12	Date of Opening of Financial Bid	To be intimated to the qualified bidders through web-site / Post / e-mail after evaluation of the Technical Bid

OIPR-32001/32052/1/26-27/0031

Chief Construction Engineer
Potteru Irrigation Project,
Balimela

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, MOHANA
Near Civil Court, Mohana
761015, Gajapati
Email.rwdmohana@gmail.com

OFFICE ORDER
25001/1483/2627

No. 5152
Date 05 11 2026

The following work of tender invited vide this office Tender Identification No.Online Tender **14/MOHANA/2026-27** is hereby cancelled due to unavoidable circumstance.

All other terms and conditions are remain unchanged.

Executive Engineer
RW Division, Mohana

OIPR-25001/25148/1/26-27/0028

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।
ସଂ. Sr. DMM/KUR/EP/2026-27/12, ତା.04.11.2026
(1) ଟେଣ୍ଡର ସଂ. 81266346A
ବିବରଣୀ: ବିନିର୍ଦ୍ଦେଶ ସଂଖ୍ୟା IRS: S-65/83 Amnd. 3 ଅଥବା ନବୀନତମ ଅନୁସାରେ ଚୋକ କଏଲ ଟାଇପ୍-B ର ଯୋଗାଣ, ଯାହାର ଇମ୍ପିଡେନ୍ସ 120 Ohms ଏବଂ DC ରେଜିଷ୍ଟେନ୍ସ 3 Ohms ଅଟେ (ଫିଡେଣ୍ଡ ଏବଂ ରିଲେ ଏଣ୍ଡ ପାଇଁ), ପରିମାଣ : 2000 ଗୋଟି ।
(2) ଟେଣ୍ଡର ସଂ. 81266128A
ବିବରଣୀ: WAG-7 ଇଲେକ୍ଟ୍ରିକ ଇଂଜନ ପାଇଁ ମାଇକ୍ରୋପ୍ରୋସେସର ଆଧାରିତ ଶକ୍ତି ଏବଂ ଗତି ନିରିକ୍ଷଣ (Monitoring) ୟୁନିଟ୍, ପରିମାଣ: 25 ସେଟ୍ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.11.2026ରିଖ, 1500 ଘଟିକାରେ (ଉଭୟ ଟେଣ୍ଡର ପାଇଁ) ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-540/R/26-27

ଉତ୍କଳ ଦୀପିକା
ଭୁବନେଶ୍ୱର, ୮ ନଭେମ୍ବର, ରବିବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

ରେଳ ଭବନରେ ୱାର ରୁମ୍‌ର ସମୀକ୍ଷା

ଯାତ୍ରୀ ସୁରକ୍ଷା ପାଇଁ ଏଆଇ ଓ ରିଅଲ୍ ଟାଇମ ତଥ୍ୟକୁ ରେଳ ମନ୍ତ୍ରୀଙ୍କ ଗୁରୁତ୍ୱ



ଭୁବନେଶ୍ୱର, ୭।୧୧ ନ୍ୟୁଜ ବ୍ୟୁରୋ

ଚଳିତ ପାର୍ବଣ ଋତୁରେ ନୂଆଦିଲ୍ଲୀର ରେଳ ଭବନରେ ୱାର ରୁମ୍‌ର ପ୍ରସ୍ତୁତି ଏବଂ ପରିଚାଳନା ବ୍ୟବସ୍ଥାର କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମୀକ୍ଷା କରିଛନ୍ତି। ଯେଉଁଥିରେ ବାସ୍ତବ ସମୟ ନିରୀକ୍ଷଣ, ପରିଚାଳନା ଦକ୍ଷତା ଏବଂ ଯାତ୍ରୀ ପରିଚାଳନାକୁ ମଜବୁତ କରିବାରେ ଜ୍ଞାନକୌଶଳର ଭୂମିକା ଉପରେ ଆଲୋକପାତ କରାଯାଇଛି। ଏଥିରେ ୱାର ରୁମର କାର୍ଯ୍ୟକାରିତା ଉପରେ ଆଲୋକପାତ କରାଯାଇଥିଲା। ଯେଉଁଥିରେ ସଚେତନତା ବୃଦ୍ଧି, ସମୟୋଚିତ ନିଷ୍ପତ୍ତି ନେବାରେ ସୁବିଧା ଏବଂ ରେଳ ପରିଚାଳନାର ଦକ୍ଷ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଲାଇଭ୍ ରେଳ ଷ୍ଟେସନ ଫିଡ୍, ଏଆଇ ଆଧାରିତ ବ୍ୟବସ୍ଥା ଏବଂ ରିଅଲ୍ ଟାଇମ୍ ପରିଚାଳନା ତଥ୍ୟର ଲାଭ ଉଠାଯାଇଥିଲା। ୱାର ରୁମ୍ ରେଳ ଷ୍ଟେସନରୁ ଲାଇଭ୍ ଭିଜୁଆଲ୍ ଫିଡ୍ ପ୍ରଦାନ କରେ, ପ୍ଲାଟଫର୍ମ, ଫୁଟ୍-ଓଭର ବ୍ରିଜ୍ ଏବଂ ଷ୍ଟେସନ ଆଖପାଖ ପରି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ। ଏକ କେନ୍ଦ୍ରୀକୃତ ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଅଧିକାରୀମାନେ ଏକକାଳୀନ ଏକାଧିକ ସ୍ଥାନ ଉପରେ ନଜର ରଖିପାରିବେ। ଏହି ସୁବିଧା ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକର ସଠିକ୍ ପରୀକ୍ଷା ପାଇଁ ବ୍ୟକ୍ତିଗତ ସିସିଟିଭି କ୍ୟାମେରା ଫିଡ୍‌କୁ ଜୁମ୍ କରିବାକୁ ସକ୍ଷମ କରିଥାଏ, ଯାହା ଅଧିକ ତଦାରଖ ଏବଂ ମୂଲ୍ୟାଙ୍କନକୁ ସହଜ କରିଥାଏ ବୋଲି ଅଶ୍ୱିନୀ ବୈଷ୍ଣବ କହିଥିଲେ । ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଭାରତୀୟ ରେଳବାଇ ପ୍ରାୟ ୨୦ଟି ଷ୍ଟେସନରେ ଉନ୍ନତ ଭିଡ଼ ପରିଚାଳନା, ସ୍ୱତନ୍ତ୍ର ଟ୍ରେନ୍ ସେବା ଏବଂ ଉତ୍ସର୍ଗୀକୃତ ଯାତ୍ରୀ ଧାରଣ କ୍ଷେତ୍ର ମାଧ୍ୟମରେ ନିଜର ପାର୍ବଣ-ଋତୁ ବ୍ୟବସ୍ଥାକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରିଛି। ଗତ ବର୍ଷ ପ୍ରାୟ ୧୨,୦୦୦ ତୁଳନାରେ ଚଳିତ ବର୍ଷ ପାର୍ବଣ ଋତୁରେ ୧୮,୦୦୦ ରୁ ଅଧିକ ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି। ଏହି ବ୍ୟବସ୍ଥାରେ ଉତ୍ସର୍ଗୀକୃତ ଟିକେଟ୍ କାଉଣ୍ଟର, ଯାତ୍ରୀଙ୍କ ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ ଏକାଧିକ ସ୍କାନିଂ ସୁବିଧା ଏବଂ ଉନ୍ନତ ତଦାରଖ ପାଇଁ ପ୍ରାୟ ୭୦୦ ଏଆଇ-ସକ୍ଷମ କ୍ୟାମେରା ମଧ୍ୟ ସାମିଲ ହୋଇଛି। ୱାର ରୁମ୍ ଏଆଇ-ଆଧାରିତ ବ୍ୟବସ୍ଥା, ଲାଇଭ୍ ଷ୍ଟେସନ୍ ଫିଡ୍ ଏବଂ ରିଅଲ୍ ଟାଇମ୍ ଅପରେସନ୍ ଡାଟାର ଲାଭ ଉଠାଇ ରେଳ ତଦାରଖ ଏବଂ ନିଷ୍ପତ୍ତି ଗ୍ରହଣକୁ ମଜବୁତ କରିଥାଏ। ଏଆଇ ଆଧାରିତ ଉପକରଣଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟକଳାପ ଏବଂ ଘଟଣାଗୁଡ଼ିକର ତ୍ୱରିତ-ପରିଚାଳିତ ବିଶ୍ଳେଷଣକୁ ସହଜ କରିଥାଏ, ଯାହା ଅଧିକାରୀମାନଙ୍କୁ ପରିସ୍ଥିତିର ଆକଳନ କରିବାରେ ଏବଂ ସମୟୋଚିତ ପଦକ୍ଷେପ ଗ୍ରହଣ କରିବାରେ ସକ୍ଷମ କରିଥାଏ।



ଭୁବନେଶ୍ୱର : ମା' କାଳୀଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଜଣେ ଶିଳ୍ପୀ।
(ଫଟୋ : ସମ୍ବାଦ କଳିକା)

ଦୀପାବଳିରେ ହାଇଆଲର୍ଟରେ କମିଶନରେଟ ପୋଲିସ

ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଉପରେ କଟକଣା

କଟକରେ କଡ଼ା ସୁରକ୍ଷା : ରାତି ୯ଟା ପରେ ବାଣ ଫୁଟାଇଲେ ଆକ୍ସନ

ଭୁବନେଶ୍ୱର /କଟକ, ୭।୧୧ ନ୍ୟୁଜ ବ୍ୟୁରୋ

କାଳୀପୂଜା ଓ ଦୀପାବଳି ପାଇଁ କମିଶନରେଟ୍ ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା। ଟ୍ରାଫିକ୍, ଭିଡ଼ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିଚାଳନା ଉପରେ ରହିଛି ସ୍ୱତନ୍ତ୍ର ନଜର । ଚୋରି ଓ ଅସାମାଜିକ କାର୍ଯ୍ୟ ରୋକିବାକୁ ପୋଲିସ ସଜାଗ ରହିବ ବୋଲି ପୋଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ କହିଛନ୍ତି । କେବଳ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ବିକ୍ରି କରିପାରିବେ ବାଣ। ବାଣ ଗଚ୍ଛିତ ରଖିବାରେ ସୁରକ୍ଷା ନିୟମ ପାଳନ ବାଧ୍ୟତାମୂଳକ । ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଉପରେ କଟକଣା । ଛୋଟ ପିଲାଙ୍କ ପ୍ରତି ବିଶେଷ ଧ୍ୟାନ ଦେବାକୁ ଅଭିଭାବକଙ୍କୁ ଅପିଲ୍ କରିଛନ୍ତି ପୋଲିସ କମିଶନର । ବୟସ୍କ, ଶିଶୁ ଓ ହସ୍ପିଟାଲର ରୋଗୀଙ୍କୁ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ସିପି । ଜନଜୀବନ ପ୍ରତି ବିପଦ ସୃଷ୍ଟିକାରୀ କାର୍ଯ୍ୟ ପ୍ରତି ପୋଲିସର ଶୂନ୍ୟ ସହନଶୀଳତା । ସୁରକ୍ଷିତ ଦୀପାବଳି ପାଇଁ ନାଗରିକଙ୍କ ସହଯୋଗ ଲୋଡ଼ିଲେ ପୋଲିସ କମିଶନର ।

ସେହିପରି କଟକରେ କାଳୀପୂଜା ଓ ଭସାଣି ଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ କଟକ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ କଟକ ଯୁପିଡି ପୋଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି । ପୂଜା ଓ ଭସାଣୀ ଶୋଭାଯାତ୍ରା ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବ ସେଥିପାଇଁ ପୋଲିସ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ ବରିଷ୍ଠ ଅଧିକାରୀମାନେ । ବିଶେଷ କରି କଟକ ସହରରେ ୬୦ ପ୍ଲାଟୁନ୍ ଫୋର୍ସ ପୂଜା ଓ ଭସାଣି ପାଇଁ ମୁତୟନ ରହିବେ। ସେହିଭଳି ବାଣ କେବଳ ସନ୍ଧ୍ୟା ୭ରୁ ୯ ମଧ୍ୟରେ ଫୁଟାଇ ପାରିବେ । ଯଦି କେହି ନିୟମ ଉଲ୍ଲଂଘନ କରେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି କଟକ ଡିସିପି ଋଷିକେଶ ଖିଲାରୀ।

ପୋଷ୍ୟ ସନ୍ତାନ ଗ୍ରହଣ ଦଲିଲ୍ ପଞ୍ଜୀକରଣରେ ସବ୍-ରେଜିଷ୍ଟ୍ରାରଙ୍କ କ୍ଷମତା ସୀମିତ

କଟକ, ୦୭/୧୧ ନ୍ୟୁଜ ବ୍ୟୁରୋ



ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ଦଲିଲ୍ ପଞ୍ଜୀକରଣକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ସ୍ପଷ୍ଟୀକରଣ ଦେଇଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣର ବୈଧତା କିମ୍ବା ସତ୍ୟତା ନିର୍ଣ୍ଣୟ କରିବା ସବ୍-ରେଜିଷ୍ଟ୍ରାରଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ରେଜିଷ୍ଟ୍ରେସନ ଆଇନ, ୧୯୦୮ ଅନୁଯାୟୀ ଦଲିଲ୍ ପଞ୍ଜୀକରଣ ସମ୍ପର୍କିତ ଆଇନଗତ ଦାୟିତ୍ୱ ପାଳନ କରିବା ହିଁ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ପ୍ରମୁଖ କାର୍ଯ୍ୟ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ୍) ଏବଂ ସିମୁଳିଆ ସବ୍-ରେଜିଷ୍ଟ୍ରାରଙ୍କ ପୂର୍ବ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ପୋଷ୍ୟ ସନ୍ତାନ ଗ୍ରହଣ ସ୍ୱୀକୃତି ଦଲିଲ୍‌କୁ ଆବଶ୍ୟକ ଆଇନଗତ ସର୍ତ୍ତ ପୂରଣ ହେବା ପରେ ତିନି ଦିନ ମଧ୍ୟରେ ପଞ୍ଜୀକରଣ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ରାୟରେ ଆହୁରି ସ୍ପଷ୍ଟ କରିଛନ୍ତି ଯେ, କୌଣସି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ଦଲିଲ୍ ପଞ୍ଜୀକୃତ ହେବା ମାତ୍ରେ ସେହି ଗ୍ରହଣର ବୈଧତା ଚୂଡ଼ାନ୍ତ ଭାବେ ପ୍ରମାଣିତ ହୋଇଯାଏ ନାହିଁ। ଏହାକୁ ନେଇ ଯଦି କୌଣସି ପକ୍ଷଙ୍କର ଆପତ୍ତି କିମ୍ବା ବିବାଦ ରହିଥାଏ, ତେବେ ସେ ସିଭିଲ୍ କୋର୍ଟର ଆଶ୍ରୟ ନେଇ ଆଇନଗତ ଭାବେ ଏହାର ବୈଧତାକୁ ଚ୍ୟାଲେଞ୍ଜ କରିପାରିବେ। ତେଣୁ ପଞ୍ଜୀକରଣ ପ୍ରକ୍ରିୟାକୁ ପୋଷ୍ୟ ସନ୍ତାନ ଗ୍ରହଣର ସତ୍ୟତା ନିର୍ଦ୍ଧାରଣ ପାଇଁ ଏକ ବିଚାର ପ୍ରକ୍ରିୟାରେ ପରିଣତ କରାଯାଇପାରିବ ନାହିଁ। ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳର ଏକ ଦମ୍ପତି ୨୦୦୧ ମାର୍ଚ୍ଚ ୨୫ ତାରିଖରେ ନିଜର ୯ ବର୍ଷୀୟ ପୁଅକୁ ଅନ୍ୟ ଏକ ଦମ୍ପତିଙ୍କୁ ପୋଷ୍ୟପୁତ୍ର ଭାବେ ଦେଇଥିଲେ। ତେବେ ସେହି ସମୟରେ ଏ ସମ୍ପର୍କିତ କୌଣସି ପଞ୍ଜୀକୃତ ଦଲିଲ୍ ପ୍ରସ୍ତୁତ ହୋଇନଥିଲା। ଏହାର ଦୀର୍ଘ ବର୍ଷ ପରେ, ୨୦୨୫ ସେପ୍ଟେମ୍ବର ୨୪ରେ ଏକ ପୋଷ୍ୟପୁତ୍ର ଗ୍ରହଣ ସ୍ୱୀକୃତି ଦଲିଲ୍ ପ୍ରସ୍ତୁତ କରାଯାଇ ସିମୁଳିଆ ସବ୍-ରେଜିଷ୍ଟ୍ରାରଙ୍କ ନିକଟରେ ପଞ୍ଜୀକରଣ ପାଇଁ ଦାଖଲ କରାଯାଇଥିଲା। କିନ୍ତୁ ୨୦୨୫ ସେପ୍ଟେମ୍ବର ୨୬ରେ ସବ୍-ରେଜିଷ୍ଟ୍ରାର ଏହି ଦଲିଲ୍ ପଞ୍ଜୀକରଣକୁ ଅସ୍ୱୀକାର କରିଥିଲେ। ବୟସ ସମ୍ପର୍କିତ ସୀମା, ସ୍କୁଲ୍ ଏସ୍ଏଲ୍‌ସି ସାର୍ଟିଫିକେଟ୍‌ରେ ଥିବା ନାମ ଏବଂ ଆଧାର କାର୍ଡରେ ନାମ ସଂଶୋଧନ ସମ୍ପର୍କିତ ପ୍ରସଙ୍ଗକୁ ଆଧାର କରି ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇନଥିଲା। ଏହି ନିଷ୍ପତ୍ତି ବିରୋଧରେ ଆବେଦନକାରୀ ବାଲେଶ୍ୱର ଏଡିଏମ୍‌ଙ୍କ ନିକଟରେ ଅପିଲ୍ କରିଥିଲେ। ମାତ୍ର ୨୦୨୬ ଏପ୍ରିଲ୍ ୩୦ ତାରିଖରେ ଏହି ଅପିଲ୍ ଖାରଜ ହୋଇଯାଇଥିଲା। ଶେଷରେ ନ୍ୟାୟ ପାଇଁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ହାଇକୋର୍ଟ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ଅଧିକାରର ସୀମା ନିର୍ଦ୍ଧାରଣ କରିବା ସହ ଆବେଦନକାରୀଙ୍କ ସପକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

ଦିଲ୍ଲୀର ବିଷାକ୍ତ ବାୟୁକୁ ଦେଖି ଓଡ଼ିଶା ସତର୍କ !

ଦୀପାବଳିରେ ବାଣ ଫୁଟାଇବାକୁ ୨ ଘଣ୍ଟା ଅନୁମତି

ଭୁବନେଶ୍ୱର, ୭/୧୧ ନ୍ୟୁଜ ବ୍ୟୁରୋ

ଦୀପାବଳି ପୂର୍ବରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ସାଂଘାତିକ। ବିଷାକ୍ତ ବାୟୁରେ ଅଣନିଃଶ୍ୱାସୀ ହେଉଛନ୍ତି ଲୋକେ । ନିଶ୍ୱାସ ନେବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଦିଲ୍ଲୀର ଏଭଳି ସ୍ଥିତିକୁ ଦେଖି ଏବେ ଓଡ଼ିଶାରେ ମଧ୍ୟ ବଢ଼ିଛି ପ୍ରଦୂଷଣ ଚିନ୍ତା । ଗତବର୍ଷ ଦୀପାବଳି ରାତିରେ ରାଜ୍ୟର ବିଭିନ୍ନ ସହରରେ ବାୟୁର ମାନ ଖରାପ ହୋଇଥିବାରୁ ଏଥର ଆଗୁଆ ସତର୍କ ହୋଇଛି ପ୍ରଶାସନ । ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରିଛି । ନିୟମ ଅନୁସାରେ, ଦୀପାବଳି ଦିନ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ ମାତ୍ର ୨ ଘଣ୍ଟା ବାଣ ଫୁଟାଇବାକୁ ଅନୁମତି ରହିଛି । ଏହାସହ କେବଳ ସବୁଜ ବାଣ ଫୁଟାଇବାକୁ କୁହାଯାଇଛି । ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ନେଇ ଚେତାବନୀ ଦିଆଯାଇଛି ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୭/୧୧/୨୦୨୬
୫,୨୧,୬୨୧/-ଟଙ୍କା
ସୁନା:- ୦୬ ଗ୍ରାମ୍ ୧୦୦ମିଲିଗ୍ରାମ
ରୂପା:- ୧୯ ଗ୍ରାମ୍ ୩୦୦ମିଲିଗ୍ରାମ

ଅବନୀ ବରାଳ ଫାଉଣ୍ଡେସନ ପକ୍ଷରୁ 'ଶ୍ରଦ୍ଧା ଦିବସ' ପାଳିତ

ଅବନୀ ବାବୁ ଥିଲେ ସଂଗ୍ରାମୀ ସଂଗଠକ ଓ ସାହିତ୍ୟିକ



ଭୁବନେଶ୍ୱର ୦୭/୧୧ ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ଶିକ୍ଷକମାନଙ୍କୁ ସଂଗଠିତ କରିଥିଲେ । କଳା, ସାହିତ୍ୟ, ମଞ୍ଚ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ସ୍ୱୀକାର୍ଯ୍ୟ । ସେ ନିଜେ ଥିଲେ ଏକ ଅନୁଷ୍ଠାନ ଓ ଏକ ଆନ୍ଦୋଳନ ବୋଲି ଅତିଥିମାନେ ଆଜି ସନ୍ଧ୍ୟାରେ 'ଶ୍ରଦ୍ଧା ଦିବସ' କାର୍ଯ୍ୟକ୍ରମରେ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ଅବନୀ ବରାଳ ସାହିତ୍ୟ ସମ୍ମାନ, ନାଟ୍ୟକାର ଦେବାନନ୍ଦ ନାୟକ (ସୋନି)ଙ୍କୁ ଆଦର- ମଣି ମଞ୍ଚ ସମ୍ମାନ ପ୍ରଦାନ କରାଯାଇଥିଲା । ଅଧ୍ୟାପକ ସୁଶାନ୍ତ ମହାପାତ୍ର, ଶ୍ରୀନିବାସ ପାଠୀ ଓ ସଂଯୋଗିତା ମିଶ୍ର ଅବନୀ ବରାଳଙ୍କ ଲିଖିତ କ୍ଷୁଦ୍ର ଗଳ୍ପ ପାଠ କରିଥିଲେ । ଅତିଥିମାନଙ୍କ ଦ୍ୱାରା 'ଆଦିତ୍ୟ ଭାରତ' ପ୍ରକାଶିତ 'ଅବନୀ ବରାଳ ଗପ ସମଗ୍ର' ଲୋକାର୍ପିତ ହୋଇଥିଲା ଓ ପ୍ରକାଶକ ଦେବାଶିଷ ସାମନ୍ତରାୟ ଉପସ୍ଥିତ ଥିଲେ । ଫାଉଣ୍ଡେସନ ପକ୍ଷରୁ ଆକାଶ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଓ ମୁଖ୍ୟବକ୍ତା ପ୍ରଫେସର ଅମୀୟ କୁମାର ମହାନ୍ତି ଯୋଗଦେଇ ଅବନୀ ବରାଳଙ୍କ ଜୀବନୀ ତଥା ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ କବି ଓ ଅନୁବାଦକ ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ସୁଶ୍ରୀ ପୂର୍ବାଶା ରଥ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ କଥାକାର ଆଭାସ ବରାଳ ମଞ୍ଚ ପରିଚାଳନା କରିଥିଲେ ।

ଆମ ବସ୍‌ରେ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

କଟକ, ୦୭/୧୧ ନ୍ୟୁଜ ବ୍ୟୁରୋ



କଟକ ଜିଲ୍ଲା ଫୁଲନଖରା-ନିଆଳୀ ରାସ୍ତାର ଅଡ଼ଶପୁର ବସଷ୍ଟାଣ୍ଡରେ ଏକ ଆମ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି। ବସ୍‌ରୁ ହଠାତ୍ ଧୂଆଁ ବାହାରିବା ଦେଖି ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ଯାତ୍ରୀମାନେ ତୁରନ୍ତ ବସ୍‌ରୁ ଓହ୍ଲାଇ ଆସିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି। ସୌଭାଗ୍ୟବଶତଃ ଏହି ଘଟଣାରେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଅଡ଼ଶପୁର କଲେଜ ଅଭିମୁଖେ ଯାଉଥିବା ଆମ ବସ୍‌ଟି ବସଷ୍ଟାଣ୍ଡରେ ପହଞ୍ଚିବା ସମୟରେ ହଠାତ୍ ଏଥିରୁ ଧୂଆଁ ବାହାରିବା ଆରମ୍ଭ ହୋଇଥିଲା। ଏହା ଦେଖି ବସ୍‌ରେ ଥିବା ଯାତ୍ରୀମାନେ ତୁରନ୍ତ ଓହ୍ଲାଇ ପଡ଼ିଥିଲେ। ଖବର ପାଇ ଅଡ଼ଶପୁର ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଫଳରେ ନିଆଁ ଅଧିକ ବ୍ୟାପିବାରୁ ରୋକାଯାଇପାରିଥିଲା। ତେବେ ବସ୍‌ରେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଯାତ୍ରୀଙ୍କ ସତର୍କତା ଓ ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣ ଏଡ଼ାଇ ଦିଆଯାଇଛି।

ଗଳ୍ପ ପତ୍ରିକା 'କଥା କଳିକା'ର ନଭେମ୍ବର ସଂଖ୍ୟା-୨୦୨୬

ଏବେ ବଜାରରେ ଉପଲବ୍ଧ ...



ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ଅକ୍ଷୟ କୁମାର ମିଶ୍ର
ସମକାଳର କଥା : ରବି ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶୈଳେନ୍ଦ୍ର କୁମାର ଜେନା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ରୀନାରାଣୀ ରାଉତ ରାୟ, ପୀତାମ୍ବର ମହାପାତ୍ର, ଅଶୋକ ବିଶ୍ୱାଳ, ଅମ୍ବିକା ସ୍ୱାଇଁ, ମନୋଜ ଜେନା, ଅରବିନ୍ଦ ଦାସ, ଭାନୁମତୀ ସାହୁ ଓ ମୃଣାଳ।
ଅନ୍ୟଭାଷାର କଥା : ଲିଙ୍ଗରାଜ ମହାନ୍ତି
କଥାକାରଙ୍କ ସହ ଭେଟ ଘାଟ: ଗାଳ୍ପିକ ଅରବିନ୍ଦ ରାୟ
ନୂଆ ଗପ ବହି ସମୀକ୍ଷା: ମହାଶ୍ୱେତା ସାହୁଙ୍କ ଈଶ୍ୱର ମରିଗଲାପରେ
ଯୁବମାନସର କଥା : ରଜତରଶ୍ମୀ ସ୍ୱାଇଁ, ଜ୍ୟୋତ୍ସ୍ନା ସାମନ୍ତ ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

ପାର୍ବଣରେ ରକ୍ତରଞ୍ଜିତ ରାଜଧାନୀ : ୪ ଦିନରେ ଗଡ଼ିଲା ୫ ମୁଣ୍ଡ

ଭୁବନେଶ୍ୱର, ୭/୧୧ ନ୍ୟୁଜ ବ୍ୟୁରୋ

ପାର୍ବଣରେ ଅଶାନ୍ତ ରାଜଧାନୀ । ଗର୍ଜୁଛି ବନ୍ଧୁକ, ଫୁଟୁଛି ଗୁଳି । କେଉଁଠି ବୋମାମାଡ଼ ତ ଆଉ କେଉଁଠି ଖଣ୍ଡାରେ ଆକ୍ରମଣ। ଗତ କିଛିଦିନ ହେଲା ଭୁବନେଶ୍ୱରରେ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ସାମ୍ନାକୁ ଆସୁଛି। ଶନିବାର ପୁଣି ରାଜଧାନୀରେ ଡବଲ ମର୍ଡର ଘଟଣା ଚର୍ଚ୍ଚାକୁ ଆସିଛି। ଲଗାତାର ହତ୍ୟାକାଣ୍ଡ ସହରର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଉଠାଇଛି ପ୍ରଶ୍ନ । ଗତ ଶୁକ୍ରବାର ବିଳମ୍ବିତ ରାତିରେ ବମିଖାଲ ଅଞ୍ଚଳରେ ଗୁଳିକାଣ୍ଡରେ ଜଣେ ନାବାଳକଙ୍କ ଜୀବନ ଯାଇଛି । ସୋନୁ ନାୟକଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି । ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ସେହିପରି ମଞ୍ଚେଶ୍ୱର ତାରିଣୀ ବସ୍ତିରେ ମଧ୍ୟ ଘଟିଛି ହତ୍ୟାକାଣ୍ଡ। ସ୍ତ୍ରୀଙ୍କ ଉପରେ ସନ୍ଦେହ କରି ନିଜ ସମ୍ପର୍କୀୟ ଶାଳକଙ୍କୁ ପଥରରେ ଆକ୍ରମଣ କରି ହତ୍ୟା କରିଛନ୍ତି ଭିଣୋଇ। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ କରୁଛି ମଞ୍ଚେଶ୍ୱର ପୁଲିସ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ଭାଇଙ୍କ ହତ୍ୟା ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ଦେବାକୁ ଦାବି କରିଛନ୍ତି ମୃତକଙ୍କ ଭଉଣୀ । ଗତ ୪ ଦିନ ମଧ୍ୟରେ ରାଜଧାନୀରେ ୫ ଜଣଙ୍କ ଜୀବନ ଯାଇଥିବା ସୂଚନା ମିଳିଛି। ସାମାନ୍ୟ ବିବାଦରୁ ହତ୍ୟାକାଣ୍ଡ ଘଟୁଥିବା ଘଟଣା ସହରବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଲଗାତାର ଅପରାଧ ଘଟଣା ରାଜଧାନୀର ସୁରକ୍ଷା ବ୍ୟବସ୍ଥା ଓ ପୁଲିସର ଭୂମିକାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି।

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର, ୦୭/୧୧ ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଶନିବାର ଦିନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ଲୋକ ଭବନ ଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସାଂସଦଙ୍କ ଧର୍ମପତ୍ନୀ ଜାଗି ମଙ୍ଗତ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

ବିଏମ୍‌ସି କମିଶନରଙ୍କ ସମୀକ୍ଷା

ଭୁବନେଶ୍ୱର, ୦୭/୧୧ ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଚଞ୍ଚଳ ରାଣା ଶନିବାର ଦିନ ୱାର୍ଡ ନଂ-୨୩ ପରିଦର୍ଶନ କରି ବିଭିନ୍ନ ଚାଲୁ ରହିଥିବା ଓ ପ୍ରସ୍ତାବିତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି।





ସମ୍ପାଦକୀୟ
ପୃଷ୍ଠା-୪
ଭାରତ ସହିତ ବାଣିଜ୍ୟ ବନ୍ଦ କରି ଏବେ ପସ୍ତଉଛି ପାକିସ୍ତାନ

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol-12 • Issue-17 • 04-10th November 2026 • Bhubaneswar

ଧନୀ ଦେଶରେ ଅଧିକ ଋଣର ବୋଝ !

ଭିତର ପୃଷ୍ଠାରେ...

ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ ହଟିବ!

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com